ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୮/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, January 8/2025 Page 14 ₹ 7.00
୫୧ଶ ଭାଗ ୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 46 ମୂଲ୍ୟ ₹୭/-



**ଆଇସିସି ପୁରସ୍କାର ଦୌଡ଼ରେ ବୁମ୍‌ରା**
ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ରହିଛନ୍ତି ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା।
୧୪

୦୨
**ୱେଟ୍‌ଲସ୍ ପାଇଁ ସଲମାନଙ୍କୁ ଶ୍ରେୟ ଦେଲେ ରାମ**
ଅଭିନେତା ରାମ କପୁର ନିଜର ୫୫ କେ.ଜି. ଓଜନ ହ୍ରାସ କରି ଚର୍ଚ୍ଚାରେ ରହିଛନ୍ତି। ଏଥିପାଇଁ ସେ ଅଭିନେତା ସଲମାନ ଖାନ୍‌ଙ୍କୁ ଶ୍ରେୟ ଦେଇଛନ୍ତି।



# ତିବ୍ବତରେ ଭୂକମ୍ପ: ୧୨୬ ମୃତ

ତିବ୍ବତକୁ ଥରାଇ ଦେଇଛି ୭.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ। ଏହି ସ୍ୱୟଂଶାସିତ କ୍ଷେତ୍ରର ଟିଙ୍ଗ୍‌ରି କାଉଣ୍ଟି ଅଧୀନ ଶିଗାଜେରେ ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟାରେ ଭୂକମ୍ପ ପରେ ୬ ଥର କମ୍ପନ ଅନୁଭୂତ ହୋଇଛି। ଏଥିରେ ୧୨୬ ତିବ୍ବତୀୟଙ୍କ ମୃତ୍ୟୁ ଘଟିବା ସହ ୧୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଲୋକେ ପୋତିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବହୁ ଘରଦ୍ୱାର ଭାଙ୍ଗିଯାଇଥିବାବେଳେ ରାସ୍ତା ଫାଟି ଆଁ କରିଛି। ଏପରି କି ଭୂକମ୍ପର ଝଟ୍‌କା ଚାଇନା, ନେପାଳ ଓ ଭାରତର ବିଭିନ୍ନ ଅଞ୍ଚଳରେ ଅନୁଭୂତ ହୋଇଛି।

## ନେପାଳ, ଉତ୍ତର ଭାରତରେ କମ୍ପନ

ବେଜିଂ/କାଠମାଣ୍ଡୁ,୭।୧(ପି.ଟି.)

ତିବ୍ବତରେ ମଙ୍ଗଳବାର ସକାଳେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଅନ୍ୟୁନ ୧୨୬ ଜଣଙ୍କ ଜୀବନ ଯାଇଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି। ଭୂକମ୍ପ ପ୍ରଭାବରେ ବିଲ୍ଡିଂଗୁଡ଼ିକ ଦୋହଲିବାରୁ ଲୋକେ ରାସ୍ତାକୁ ବାହାରିଆସିଥିଲେ। ବହୁସଂଖ୍ୟାରେ ଘର ଓ ଭିତ୍ତିଭୂମି ମାଟିରେ ମିଶିଯାଇଛି। ଭଗ୍ନାବଶେଷ ତଳେ ଅନେକେ ପୋତିହୋଇପଡ଼ିଥିବା ଆଶଙ୍କା କରାଯାଉଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ନେପାଳ ଏବଂ ଉତ୍ତର ଭାରତୀୟ ରାଜ୍ୟ ବିହାର, ଆସାମ ଓ ପଶ୍ଚିମବଙ୍ଗରେ ମଧ୍ୟ କମ୍ପନ ଅନୁଭୂତ ହୋଇଛି। ଆଞ୍ଚଳିକ ବିପର୍ଯ୍ୟୟ ☞ପୃଷ୍ଠା-୪



# ୫ରେ ଦିଲ୍ଲୀ ଭୋଟ, ୮ରେ ଗଣତି

ନୂଆଦିଲ୍ଲୀ,୭।୧(ପି.ଟି.)

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ନିର୍ବାଚନ ଫେବୃଆରୀ ୫ରେ ଅନୁଷ୍ଠିତ ହେବା ସହ ୮ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ମଙ୍ଗଳବାର ଘୋଷଣା କରିଛନ୍ତି। ଏଥିପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଜାନୁଆରୀ ୧୭ ରହିଥିବାବେଳେ ୧୮ ତାରିଖ ସୁଦ୍ଧା ସେଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହେବ। କୌଣସି ପ୍ରାର୍ଥୀ ଚାହିଁଲେ ଜାନୁଆରୀ ୨୦ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇପାରିବେ।

ଦିଲ୍ଲୀରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ଅଧିକ ସଂଖ୍ୟାରେ ଭୋଟର ଯେପରି ସେମାନଙ୍କ ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ଜାଣିଶୁଣି ବୁଧବାର ଭୋଟ ରଖାଯାଇଥିବା କୁମାର କହିଛନ୍ତି। ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ଫେବୃଆରୀ ୧୦ ସୁଦ୍ଧା ଶେଷ ହେବ। ଦିଲ୍ଲୀ ବିଧାନସଭାର ୭୦ ଆସନ ମଧ୍ୟରୁ ୫୮ଟି ସାଧାରଣ ବର୍ଗଙ୍କ ପାଇଁ ଥିବାବେଳେ ଅନ୍ୟ ୧୨ଟି ସଂରକ୍ଷିତ। ଭୋଟର ତାଲିକା ଅନୁଯାୟୀ ଦିଲ୍ଲୀର ମୋଟ ୧.୫୫ କୋଟି ଭୋଟରଙ୍କ ମଧ୍ୟରୁ ୮୩.୪୯ ଲକ୍ଷ ପୁରୁଷ, ୭୧.୭୪ ଲକ୍ଷ ମହିଳା ଏବଂ ୧,୨୬୧ ଜଣ କିନ୍ନର। ୨୫.୮୯ ଲକ୍ଷ ଯୁବ ଭୋଟର ହୋଇଥିବାବେଳେ ୨.୦୮ ଲକ୍ଷ ପ୍ରଥମଥର ପାଇଁ ଭୋଟ ଦେବେ। ସେହିପରି ୮୩୦ ଜଣ ଶତାୟୁ ଭୋଟର ରହିଥିବା ସିଇସି ସୂଚନା ଦେଇଛନ୍ତି। ମତଦାନ ପାଇଁ ୧୩,୦୦୦ରୁ ଅଧିକ ଭୋଟକେନ୍ଦ୍ର ସ୍ଥାପନ କରାଯିବ। ୨୦୨୦ ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ୬୨ ଆସନ ଜିତିଥିବାବେଳେ ଭାଜପାକୁ ୮ଟି ଆସନ ମିଳିଥିଲା। କଂଗ୍ରେସ ଏହି ନିର୍ବାଚନରେ ଖାତା ଖୋଲିବାରେ ବିଫଳ ହୋଇଥିଲା।

ଦିଲ୍ଲୀ ନିର୍ବାଚନ ସହିତ ଉତ୍ତରପ୍ରଦେଶର ମିଲ୍କିପୁର ଓ ତାମିଲନାଡୁର ଏରୋଡ୍ ବିଧାନସଭା ଆସନ ଲାଗି ଉପନିର୍ବାଚନ ମଧ୍ୟ ଫେବୃଆରୀ ୫ରେ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀରରେ ତୁଷାରପାତଜନିତ ସ୍ଥିତି ଲାଗିରହିଥିବାରୁ ବଡ୍‌ଗାମ ଏବଂ ନଗ୍ରୋଟାରେ ପରବର୍ତ୍ତୀ ସମୟରେ ମତଦାନ କରାଯିବ ବୋଲି ସିଇସି କହିଛନ୍ତି। ନିର୍ବାଚନ ତାରିଖ ଘୋଷଣା କରିବା ଅବସରରେ ସିଇସି ପ୍ରାର୍ଥୀ ଏବଂ ରାଜନୈତିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜାରଖଣ୍ଡ ବଞ୍ଚାଅ

# ବିଶ୍ୱ ଦେଖିବ ଓଡ଼ିଶା ଐତିହ୍ୟ



ଭୁବନେଶ୍ୱର ବିମାନବନ୍ଦରରେ ମଙ୍ଗଳବାର ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରି ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

**ପ୍ରବାସୀ ଦେଖିବେ ଓଡ଼ିଶା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ। ରାଜଧାନୀ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ପ୍ରଥମ ଥର ପାଇଁ ଏଭଳି ଆୟୋଜନର ସୁଯୋଗ ମିଳିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏହି ବୃହତ୍ ସମାବେଶରେ ଯୋଗଦେବା ପାଇଁ ବିଶ୍ୱର କୋଣଅନୁକୋଣରୁ ପ୍ରବାସୀ ଅତିଥିଙ୍କ ଆଗମନ ହୋଇଛି। ଏହି ୩ ଦିନିଆ ଅନ୍ତର୍ଜାତୀୟ ସମାରୋହ ଜରିଆରେ ଓଡ଼ିଶା ନିଜ କଳା, ସଂସ୍କୃତି ଓ ଐତିହ୍ୟର ଉତ୍କର୍ଷକୁ ବିଶ୍ୱଦରବାରରେ ପହଞ୍ଚାଇବା ନିମନ୍ତେ 'ଅତିଥି ଦେବୋ ଭବ' ସ୍ଲୋଗାନ ଦେଇ ପ୍ରବାସୀ ଭାରତୀୟ ଦିବସକୁ ଅଧିକ ଆକର୍ଷଣୀୟ ଓ ସଫଳ କରିବାରେ ଲାଗିଛି।**

## ଆଜିଠୁ ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର,୭।୧(ଅନିଲ ଦାସ)

ରାଜଧାନୀ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ଏହି ଦିବସର ବିଷୟ ବସ୍ତୁ ରହିଛି 'ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ'। ଏଥିରେ ଯୋଗଦେବାକୁ ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରାୟ ୫୦ଟି ଦେଶରୁ ପ୍ରବାସୀ ଭାରତୀୟ ବଂଶୋଦ୍ଭବ ଭୁବନେଶ୍ୱରରେ ପଦାର୍ପଣ କରିଛନ୍ତି। ଏଥିପାଇଁ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଛି।

ଆଗନ୍ତୁକମାନଙ୍କୁ ସର୍ବୋଚ୍ଚ ଆତିଥ୍ୟ ପ୍ରଦାନ କରିବାକୁ ରାଜ୍ୟ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଓଡ଼ିଶାବାସୀଙ୍କୁ ଏଭଳି ଭବ୍ୟ ସମାରୋହ ଆୟୋଜନ କରିବାର ସୁଯୋଗ ମିଳିଥିବାରୁ ଏହାକୁ ଏକ ସୁଯୋଗ ମନେକରି ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଭିତ୍ତି ପକାଇବାକୁ ପ୍ରସ୍ତୁତ ହେଉଛନ୍ତି। 'ଅତିଥି ଦେବୋ ଭବୋ' ସଂସ୍କୃତି ଆଧାରରେ ସମସ୍ତ ବିଦେଶାଗତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ରାଜଧାନୀ ପ୍ରସ୍ତୁତ ହୋଇଛି। ସମଗ୍ର ସହର ଆଲୋକମାଳାରେ ଝଲସୁଥିବା ବେଳେ କାନ୍ଥବାଡରେ ଓଡ଼ିଆ ଅସ୍ମିତାର ବାର୍ତ୍ତା, ମନୋରମ ପର୍ଯ୍ୟଟନର କଳା ସଙ୍କେତ ବହନ କରୁଛି। ☞ପୃଷ୍ଠା-୪

# ଖସିପାରେ ଦେଶର ଅଭିବୃଦ୍ଧି

## ଜିଡିପି ୪ ବର୍ଷର ସର୍ବନିମ୍ନ ସ୍ତର ୬.୪% ଛୁଇଁବା ଅନୁମାନ

ନୂଆଦିଲ୍ଲୀ, ୭।୧

ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବାକୁ ଥିବା ୨୦୨୪-୨୫ ଆର୍ଥିକବର୍ଷରେ ଭାରତର ଅଭିବୃଦ୍ଧି ୬.୪ ପ୍ରତିଶତକୁ ଖସିପାରେ, ଯାହାକି କୋଭିଡ୍-୧୯ ପରେ ସର୍ବନିମ୍ନ ସ୍ତର। ବିନିର୍ମାଣ (ମାନୁଫାକ୍ଚରିଂ) ଓ ନିବେଶ (ଇନ୍‌ଭେଷ୍ଟମେଣ୍ଟ) ହ୍ରାସ ଯୋଗୁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଏଭଳି ନକାରାତ୍ମକ ପ୍ରଭାବିତ ହୋଇପାରେ। ହୋଟେଲ, ଆର୍ଥିକ ସେବା ଓ ରିଅଲ ଇଷ୍ଟେଟ୍ ବ୍ୟବସାୟ ମଧ୍ୟ ଧିମେଇପାରେ ବୋଲି କେନ୍ଦ୍ର ସରକାରଙ୍କ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ଏକ ପ୍ରାରମ୍ଭିକ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ୨୦୨୪ ମାର୍ଚ୍ଚ ୩୧ରେ ସମାପ୍ତ ହୋଇଥିବା ପୂର୍ବ ଆର୍ଥିକବର୍ଷରେ ଜିଡିପି ୮.୨% ଥିବାବେଳେ ଚଳିତ ଆର୍ଥିକବର୍ଷରେ ଏହା ୬.୬% ରହିବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପୂର୍ବରୁ ଆକଳନ କରିଥିଲା, ଯାହାକୁ ସଦ୍ୟ ରିପୋର୍ଟ ଭୁଲ୍ ପ୍ରମାଣିତ କରିଛି। ଏଥିଯୋଗୁ ଭାରତୀୟ ଅର୍ଥନୀତି ନିମ୍ନଗାମୀ ହେବା ସହ ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୨)

# କିଛି ନ ମିଳିବାରୁ ଚୁମ୍ବନ ଚୋରି



ମୁମ୍ବାଇ, ୭।୧

ମହାରାଷ୍ଟ୍ରର ମୁମ୍ବାଇସ୍ଥିତ ମଲାଡ୍ ଅଞ୍ଚଳରୁ ଏକ ବିଚିତ୍ର ଚୋରି ଘଟଣା ସାମ୍ନାକୁ ଆସିଛି। ଜଣେ ଚୋର ଚୋରି କରିବା ଉଦ୍ଦେଶ୍ୟରେ ଏକ ଫ୍ଲାଟ୍‌ରେ ପଶିଥିଲେ ମଧ୍ୟ ସେଠାରେ ତାଙ୍କୁ କୌଣସି ମୂଲ୍ୟବାନ୍ ଜିନିଷ ମିଳି ନ ଥିଲା। ତେଣୁ ସେ ଘରର ମାଲିକାଣୀ(୩୮)ଙ୍କୁ ଚୁମ୍ବନ ଦେଇ ଖସି ପଳାଇଥିଲେ। ପୋଲିସ ସୂଚନା ଅନୁଯାୟୀ, ଗତ ୩ ତାରିଖରେ ମୁମ୍ବାଇର ମଲାଡ୍‌ସ୍ଥିତ କୁରାର ଅଞ୍ଚଳର ଏକ ଫ୍ଲାଟରେ ଜଣେ ଚୋର ଚୋରି କରିବା ଉଦ୍ଦେଶ୍ୟରେ ପଶିଥିଲେ। ସେତେବେଳେ ଘର ମଧ୍ୟରେ ଫ୍ଲାଟ୍‌ର ମାଲିକାଣୀ(୩୮) ଏକୁଟିଆ ଥିଲେ। ଚୋର ଜଣକ ଉକ୍ତ ମହିଳାଙ୍କୁ ଧମକାଇ ଘରର କବାଟ ଭିତର ପଟୁ ବନ୍ଦ କରିଦେଇଥିଲେ। ଏହାପରେ ସେ ମହିଳାଙ୍କ ମୁହଁ ବନ୍ଦ କରିଦେଇଥିଲେ। ☞ପୃଷ୍ଠା-୪



## ସଂକ୍ଷେପରେ

### ରାଷ୍ଟ୍ରୀୟ ସ୍ମୃତିଠାରେ ନିର୍ମାଣ ହେବ ପ୍ରଣବ ମୁଖାର୍ଜୀ ସ୍ମାରକୀ

ନୂଆଦିଲ୍ଲୀ,୭ା୧(ପି.ଟି.)



ନୂଆଦିଲ୍ଲୀର 'ରାଷ୍ଟ୍ରୀୟ ସ୍ମୃତି' ଅଞ୍ଚଳରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପାଇଁ ଏକ ସ୍ମାରକୀ ନିମାଣ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୦ ଅଗଷ୍ଟ ୩୧ରେ ପ୍ରଣବଙ୍କର ପରଲୋକ ହୋଇଥିଲା। ତାଙ୍କ ସମ୍ମାନରେ ସ୍ମାରକୀ ନିର୍ମାଣ କରିବାକୁ କେନ୍ଦ୍ର ନିଷ୍ପତ୍ତି ନେଇଥିବାରୁ ପ୍ରଣବଙ୍କ ଝିଅ ଶର୍ମିଷ୍ଠା ମୁଖାର୍ଜୀ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ପ୍ରଣବଙ୍କ ସମାଧି ନିର୍ମାଣ ପାଇଁ ରାଜଘାଟ ପରିସର ଅନ୍ତର୍ଗତ ରାଷ୍ଟ୍ରୀୟ ସ୍ମୃତି କମ୍ପ୍ଲେକ୍ସ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରାଯାଇଛି। ସରକାର ଏକ ଚିଠି ମାଧ୍ୟମରେ ଶର୍ମିଷ୍ଠାଙ୍କୁ ଏହି ନିଷ୍ପତ୍ତି ଜଣାଇଥିଲେ।

### ମହିଳା ଜୁନିୟର ଡାକ୍ତରଙ୍କୁ ବଳାତ୍କାର

ଗ୍ୱାଲିଅର, ୭ା୧

ମଧ୍ୟପ୍ରଦେଶର ଗ୍ୱାଲିଅରସ୍ଥିତ ସରକାରୀ ଗଜ୍ରା ରାଜା ମେଡିକାଲ କଲେଜର ଏକ ଖାଲିପଡ଼ିଥିବା ହଷ୍ଟେଲରେ ସୋମବାର ଜଣେ ମହିଳା ଜୁନିୟର ଡାକ୍ତର(୨୫)ଙ୍କୁ ସାଥୀ ଜୁନିୟର ଡାକ୍ତର ବଳାତ୍କାର କରିଛନ୍ତି। ସ୍ଥାନୀୟ କାମ୍ପୁ ଥାନାରେ ଏନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତ ପରସ୍ପରର ସହକର୍ମୀ ଥିଲେ ଏବଂ ଉଭୟେ ଉଭୟଙ୍କୁ ଭଲ ଭାବେ ଜାଣିଥିଲେ ବୋଲି ପୋଲିସ କହିଛି।

### ସଲମାନଙ୍କ ବାଲକୋନିରେ ବୁଲେଟ ପ୍ରୁଫ୍ ଗ୍ଲାସ୍

ମୁମ୍ବାଇ, ୭ା୧

ଅଭିନେତା ସଲ୍‌ମାନ ଖାନ୍‌ଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ଲଗାତର ଧମକ ମିଳିଆସୁଛି। ଇତିମଧ୍ୟରେ ମଙ୍ଗଳବାର ସଲ୍‌ମାନଙ୍କ ସୁରକ୍ଷାକୁ ନେଇ ଏକ ବଡ଼ ପଦକ୍ଷେପ ସାମ୍ନାକୁ ଆସିଛି। ବାନ୍ଦ୍ରାସ୍ଥିତ ସଲ୍‌ମାନଙ୍କ ଗାଲାକ୍ସି ଆପାର୍ଟମେଣ୍ଟକୁ ବୁଲେଟ୍ ପ୍ରୁଫ୍ କରାଯାଇଛି। ସଲ୍‌ମାନ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ସୁରକ୍ଷା ନିମନ୍ତେ ଗାଲାକ୍ସି ଆପାର୍ଟମେଣ୍ଟର ବାଲ୍‌କୋନିକୁ ବୁଲେଟ୍ ପ୍ରୁଫ୍ ଗ୍ଲାସ୍ ଦ୍ୱାରା ଆଚ୍ଛାଦିତ କରି ରଖାଯାଇଛି, ଯାହାଫଳରେ କେହି ବାହାରୁ ଗୁଳି ଚଳାଇଲେ ଏହା ସଲ୍‌ମାନଙ୍କ ଘର ମଧ୍ୟକୁ ପଶିପାରିବ ନାହିଁ।

# ଏଚ୍‌ଏମ୍‌ପିଭି: ସଂକ୍ରମିତ ସଂଖ୍ୟା ୭କୁ ବଢ଼ିଲା

## ସର୍ଭିଲାନ୍ସ ବଢ଼ାଇବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୭ା୧(ପି.ଟି.)



କର୍ନାଟକର ବେଙ୍ଗାଲୁରୁ, ଗୁଜରାଟର ଅହମଦାବାଦ ଏବଂ ତାମିଲନାଡୁର ଚେନ୍ନାଇରୁ ୫ ଏଚ୍‌ଏମ୍‌ପିଭି (ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍) ସଂକ୍ରମିତ ଚିହ୍ନଟ ହେବାର ଦିନକ ପରେ ମହାରାଷ୍ଟ୍ରର ନାଗପୁରରୁ ମଙ୍ଗଳବାର ଆଉ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଭାରତରେ ମୋଟ ଏଚ୍‌ଏମ୍‌ପିଭି ସଂକ୍ରମିତଙ୍କ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ନାଗପୁରରୁ ଚିହ୍ନଟ ୨ ଆକ୍ରାନ୍ତଙ୍କ ବୟସ ଯଥାକ୍ରମେ ୧୩ ଓ ୭ ବର୍ଷ ବୋଲି ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ଶଶିକାନ୍ତ ଶମ୍ଭରକର କହିଛନ୍ତି। ସେମାନଙ୍କ ରେକର୍ଡକୁ ଯାଞ୍ଚ ପାଇଁ ନାଗପୁର ଏମ୍ସକୁ ପଠାଯାଇଛି।

ଏଚ୍‌ଏମ୍‌ପି ଭୂତାଣୁ ସଂକ୍ରମଣ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଶ୍ୱାସରୋଗୀମାନଙ୍କ ପାଇଁ ସର୍ଭିଲାନ୍ସ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭୂତାଣୁଜନିତ ରୋଗ ଯେପରି ନ ବ୍ୟାପେ ସେଥିପାଇଁ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ପରାମର୍ଶ ଦିଆଯାଇଛି। ଦେଶରେ ଶ୍ୱାସରୋଗୀ ଏବଂ ଏଚ୍‌ଏମ୍‌ପିଭି ମାମଲା ଏବଂ ଜନସ୍ୱାସ୍ଥ୍ୟ ପରିଚାଳନା ପଦକ୍ଷେପର ସମୀକ୍ଷା ନିମନ୍ତେ ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡ. ରାଜୀବ ବାହଲ, ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡ. ଅତୁଲ ଗୋୟଲ, ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ଏନ୍‌ସିଡିସି), ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ୍ (ଆଇଡିଏସ୍‌ପି), ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍‌ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍), ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି) ଏବଂ ଆଇଡିଏସ୍‌ପିର ରାଜ୍ୟ ସର୍ଭିଲାନ୍ସ ୟୁନିଟ୍‌ର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

ଏଚ୍‌ଏମ୍‌ପିଭି ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଏକ ଭୂତାଣୁ, ଯାହା ସବୁ ବୟସବର୍ଗର ଲୋକଙ୍କ ଶ୍ୱାସକ୍ରିୟା ବ୍ୟବସ୍ଥାକୁ ସଂକ୍ରମିତ କରିପାରେ। ତେବେ ଦେଶରେ ଇନ୍‌ଫ୍ଲୁଏଞ୍ଜା ଜନିତ ରୋଗ (ଆଇଏଲ୍‌ଆଇ)ଏବଂ ଅତ୍ୟଧିକ ଶ୍ୱାସକ୍ରିୟାଜନିତ ରୋଗ (ଏସ୍‌ଏଆର୍‌ଆଇ) ଅସାଧାରଣ ଭାବେ ବୃଦ୍ଧି ପାଉଥିବାର କୌଣସି ସୂଚନା ଏପର୍ଯ୍ୟନ୍ତ ମିଳି ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୦୦୧ରୁ ବିଶ୍ୱର ବିଭିନ୍ନ ଦେଶରେ ଏଚ୍‌ଏମ୍‌ପିଭି ରହିଛି। ତେଣୁ ଏହାକୁ ନେଇ ଜନସାଧାରଣ ଚିନ୍ତିତ ହେବାର କୌଣସି କାରଣ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଶ୍ରୀବାସ୍ତବ କହିଛନ୍ତି। ଆଇଏଲ୍‌ଆଇ/ଏସ୍‌ଏଆର୍‌ଆଇ ସର୍ଭିଲାନ୍ସକୁ ବଢ଼ାଇବା ସହ ଏହାର ସମୀକ୍ଷା ପାଇଁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ବାରମ୍ବାର ସାବୁନରେ ହାତ ଧୋଇବା, ଆଖି ଓ ନାକକୁ ନ ଛୁଇଁବା, ରୋଗ ଲକ୍ଷଣ ଥିବା ଲୋକଙ୍କଠାରୁ ଦୂରେଇ ରହିବା, କାଶିବା ଓ ଛିଙ୍କିବା ସମୟରେ ମୁହଁ ଓ ନାକକୁ ଘୋଡ଼ାଇ ରଖିବା ଆଦି ସରଳ ପଦକ୍ଷେପ ଦ୍ୱାରା ସଂକ୍ରମଣକୁ ରୋକାଯାଇ ପାରିବ। ଏଥିପାଇଁ ଜନସଚେତନତା ବଢ଼ାଇବାକୁ ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

### ଆଶାରାମଙ୍କୁ ଅନ୍ତରୀଣ ଜାମିନ



ନୂଆଦିଲ୍ଲୀ, ୭ା୧

ବିବାଦୀୟ ଆଧ୍ୟାତ୍ମିକ ଗୁରୁ ଆଶାରାମ ବାପୁ(୮୬)ଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଆଶାରାମଙ୍କ ବୟସ ଓ ତାଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଜଷ୍ଟିସ୍ ଏମ୍. ଏମ୍. ସୁନ୍ଦ୍ରେଶ ଏବଂ ଜଷ୍ଟିସ୍ ରାଜେଶ ବିନ୍ଦଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ମାର୍ଚ୍ଚ ୩୧ଯାଏ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତେବେ ଏଥିପାଇଁ ସର୍ବୋଚ୍ଚ ଅଦାଲତ କେତେକ ସର୍ତ୍ତ ରଖିଛନ୍ତି। ଏହି ଅବଧି ମଧ୍ୟରେ ଆଶାରାମ ତାଙ୍କ ଅନୁଗାମୀମାନଙ୍କୁ ଭେଟିପାରିବେ ନାହିଁ। ସେହିପରି ତାଙ୍କର ସୁରକ୍ଷା ପାଇଁ ୩ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜନ କରାଯିବ।

# ଜିଡିପି ଅଭିବୃଦ୍ଧି ୪ ବର୍ଷରେ ସର୍ବନିମ୍ନ

## ଚଳିତ ଆର୍ଥିକ ବର୍ଷରେ ୬.୪% ଆକଳନ

ନୂଆଦିଲ୍ଲୀ,୭ା୧(ପି.ଟି.)




ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବାକୁ ଥିବା ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୪ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି, ଯାହାକି ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ମୁଖ୍ୟତଃ ବିନିର୍ମାଣ ଏବଂ ସେବା କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ଯୋଗୁ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) କୋଭିଡ୍ ବର୍ଷ (୨୦୨୦-୨୧) ପରଠାରୁ ସର୍ବନିମ୍ନ ହେବାକୁ ଯାଉଛି। କୋଭିଡ୍ ବର୍ଷରେ ଜିଡିପି ଅଭିବୃଦ୍ଧି ୫.୮ ପ୍ରତିଶତ ଥିବାବେଳେ ୨୦୨୧-୨୨ରେ ୯.୭%, ୨୦୨୨-୨୩ରେ ୭% ଏବଂ ୨୦୨୪ ମାର୍ଚ୍ଚରେ ଶେଷ ହୋଇଥିବା ପୂର୍ବ ଆର୍ଥିକ ବର୍ଷରେ ୮.୨% ରହିଥିଲା।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ୨୦୨୪-୨୫ ବର୍ଷ ପାଇଁ ଜାତୀୟ ଆୟର ପ୍ରଥମ ଅଗ୍ରୀମ ଆକଳନ କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଡିପି ଅଭିବୃଦ୍ଧି ୬.୫ରୁ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରିଥିଲା। ୨୦୨୫-୨୬ ଆର୍ଥିକବର୍ଷର ବଜେଟ ପ୍ରସ୍ତୁତିରେ ଅଗ୍ରୀମ ଆକଳନ ଆବଶ୍ୟକ ପଡ଼ିଥାଏ।

ପୂର୍ବ ଆର୍ଥିକ ବର୍ଷରେ ବିନିର୍ମାଣ ସେକ୍ଟର ଆଉଟ୍‌ପୁଟ୍ ସର୍ବାଧିକ ୯.୯ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୫.୩ ପ୍ରତିଶତକୁ ହ୍ରାସ ପାଇବା ଆଶଙ୍କା କରାଯାଉଛି। ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଆଦିକୁ ନେଇ ସେବା ସେକ୍ଟରର ଅଭିବୃଦ୍ଧି ଗତ ଆର୍ଥିକ ବର୍ଷରେ ୬.୪% ରହିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୫.୮%ରେ ସୀମିତ ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଗତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୧.୪% ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୩.୮%କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷର ବାସ୍ତବ ଜିଡିପି ଅଭିବୃଦ୍ଧି ୬.୪% ହେବାକୁ ଥିବାବେଳେ ସାଙ୍କେତିକ ଜିଡିପି (ବର୍ତ୍ତମାନର ମୂଲ୍ୟରେ ଜିଡିପି) ଅଭିବୃଦ୍ଧି ୯.୭% ରହିବ। ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୨% ଏବଂ ସାଙ୍କେତିକ ଜିଡିପି ଅଭିବୃଦ୍ଧି ୯.୬% ରହିଥିଲା। ତଥ୍ୟ ଅନୁଯାୟୀ ୨୦୨୪-୨୫ ବର୍ଷରେ ସାଙ୍କେତିକ ଜିଡିପି ୩୨୪.୧୧ ଲକ୍ଷ କୋଟି ଟଙ୍କା ସ୍ତରରେ ରହିବ ବୋଲି ଆକଳନ କରାଯାଇଛି, ଯାହାକି ପୂର୍ବ ଆର୍ଥିକ ବର୍ଷରେ ୨୯୫.୩୬ ଲକ୍ଷ କୋଟି ଟଙ୍କା ଥିଲା।

### ଟ୍ରୁଡୋଙ୍କ ଇସ୍ତଫା ପରେ ଆମେରିକା ସହ କାନାଡାର ମିଶ୍ରଣ ପାଇଁ ଟ୍ରମ୍ପଙ୍କ ଆହ୍ୱାନ

ୱାଶିଂଟନ,୭ା୧



ଡୋନାଲ୍ଡ ଟ୍ରମ୍ପ

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସୋମବାର ଇସ୍ତଫା ଦେଇଥିଲେ। ଏହାର କିଛି ଘଣ୍ଟା ପରେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାକୁ ୫୧ତମ ରାଜ୍ୟ ଭାବେ ଆମେରିକାରେ ମିଶ୍ରଣ ପାଇଁ ଆହ୍ୱାନ ଦେଇଛନ୍ତି। ନୂଆ ନେତା ନିର୍ବାଚିତ ହେବା ପର୍ଯ୍ୟନ୍ତ ଟ୍ରୁଡୋ ପ୍ରଧାନମନ୍ତ୍ରୀ ପଦରେ ରହିବେ। ୭୮ ବର୍ଷୀୟ ଟ୍ରମ୍ପଙ୍କର ପୂର୍ବ ପାଳି (୨୦୧୭-୨୧) ପ୍ରଶାସନରେ ମଧ୍ୟ ଟ୍ରୁଡୋଙ୍କ ସହ ଭଲ ସମ୍ପର୍କ ନ ଥିଲା। ଗତ ନଭେମ୍ବର ୫ରେ ଟ୍ରମ୍ପ ପୁନର୍ବାର ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ କାନାଡାକୁ ଆମେରିକାରେ ସାମିଲ କରିବା ପାଇଁ କହିଥିଲେ। ଏହା ପରେ ସେ ସାମାଜିକ ଗଣମାଧ୍ୟମରେ ଏହି କଥାକୁ ବାରମ୍ବାର ଦୋହରାଇଲେଣି।

### ସିଆଇସି, ଏସ୍‌ଆଇସିର ପଦବୀ ତୁରନ୍ତ ପୂରଣ କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭ା୧(ପି.ଟି.)

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଏବଂ ରାଜ୍ୟ ସୂଚନା ଆୟୋଗ (ଏସ୍‌ଆଇସି)ରେ ଅନେକ ପଦବୀ ଖାଲି ପଡ଼ିଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖାଲିପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ତୁରନ୍ତ ପୂରଣ କରିବା ପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇସିର ସୂଚନା କମିଶନରମାନଙ୍କୁ ତୁରନ୍ତ ଚୟନ କରାଯାଉ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି। ଯଦି ଏହି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରା ନ ଯାଏ, ତେବେ ଉକ୍ତ ଅନୁଷ୍ଠାନ ରହି ଫାଇଦା କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସିଆଇସି ଏବଂ ଏସ୍‌ଆଇସିଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ବର୍ଗରୁ ପ୍ରାର୍ଥୀ ନିଯୁକ୍ତ କରାଯାଉଥିବାରୁ ଖଣ୍ଡପୀଠ ସମାଲୋଚନା କରିଛନ୍ତି। କେବଳ ଅମଲାମାନଙ୍କୁ କାହିଁକି ନିଯୁକ୍ତି ଦିଆଯିବ ଏବଂ ଅନ୍ୟ ବିଭାଗର ଅଧିକାରୀଙ୍କୁ ନୁହେଁ, ତାହା ଉପରେ ଅଧିକ ଆଲୋଚନା ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି।

ଆବେଦନକାରୀ ଅଞ୍ଜଳି ଭରଦ୍ୱାଜ ଓ ଅନ୍ୟମାନଙ୍କ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି କହିଥିଲେ, ସିଆଇସି ଏବଂ ଏସ୍‌ଆଇସି ପଦବୀ ପୂରଣ ପାଇଁ ରାଜ୍ୟଗୁଡ଼ିକ ଚୟନ ପ୍ରକ୍ରିୟାରେ ବିଳମ୍ବ କରି ତଥ୍ୟ ଜାଣିବା ଅଧିକାରୀ ଆଇନକୁ ସମ୍ପୂର୍ଣ୍ଣ ମାରିଦେଇଛନ୍ତି। ଏଥିପାଇଁ ସମ୍ପୃକ୍ତ ସଚିବମାନଙ୍କୁ ସମନ ଜାରି କରିବା ପାଇଁ ପ୍ରଶାନ୍ତ ଅଦାଲତଙ୍କୁ ନିବେଦନ କରିଛନ୍ତି।

# କୋଇଲା ଖଣିରେ ବନ୍ୟାପାଣି: ୩ ମୃତ

## ଅନ୍ୟ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି

ଗୁଆହାଟୀ,୭ା୧



ଆସାମର ଦିମା ହସାଓ ଜିଲା ଉମ୍ରାଙ୍ଗସା ଅଞ୍ଚଳରେ ଥିବା କୋଇଲା ଖଣିରେ ସୋମବାର ଅଚାନକ ବନ୍ୟାପାଣି ପଶିଯିବାରୁ ଏହା ଭିତରେ ଥିବା ଶ୍ରମିକମାନେ ବାହାରି ନ ପାରି ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମଙ୍ଗଳବାର ମିଳିଥିବାବେଳେ ନିଖୋଜ ଥିବା ଅନ୍ୟ ୬ ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୩୦୦ ଫୁଟ୍ ଗଭୀରର ଏହି 'ର୍ୟାଟ୍ ହୋଲ୍' ଖଣିର ୧୦୦ ମିଟର ପର୍ଯ୍ୟନ୍ତ ପାଣିରେ ବୁଡ଼ିଯାଇଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟରେ ୩୦ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ୮ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସ୍ଥଳ ଓ ବାୟୁସେନା ଯବାନ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବାବେଳେ ବିଶାଖାପାଟଣାରୁ ନୌସେନାର ବୁଡ଼ାଳିମାନେ ଆସି ପହଞ୍ଚିଛନ୍ତି।

କୋଇଲା ଖଣିଟି ବେଆଇନ ଭାବରେ ଚାଲିଥିଲା ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଏନେଇ ଖଣି ଓ ଖଣିଜ ଆଇନ, ୧୯୫୭ର ଆନୁଷଙ୍ଗିକ ଧାରା ଅନୁଯାୟୀ ତଦନ୍ତ ପାଇଁ ମାମଲା ରୁଜୁ ହୋଇଛି। ମାମଲା ସହ ସମ୍ପୃକ୍ତ ପୁନିଶ ନୁନିସାଙ୍କୁ ଗିରଫ କରାଯାଇଛି। ୧୫ ଜଣ ଶ୍ରମିକ ଫସିଥିବା ପ୍ରଥମେ କୁହାଯାଉଥିବାବେଳେ, ଖଣି କର୍ମଚାରୀମାନେ ଫସିଥିବା ୯ ଶ୍ରମିକଙ୍କ ନାଁ ଦେଇଥିଲେ। ଉଦ୍ଧାର କାର୍ଯ୍ୟ ପାଇଁ ସେନା ଏବଂ ଆସାମ ରାଇଫଲ୍ସର ବିଶେଷଜ୍ଞ ବୁଡ଼ାଳି, ଇଞ୍ଜିନିୟର, ମେଡିକାଲ ଟିମ୍ ଓ ସହକାରୀ କର୍ମଚାରୀମାନେ ଆବଶ୍ୟକ ଉପକରଣ ସହ ଉପସ୍ଥିତ ରହିଥିବା ଗୁଆହାଟୀର ପ୍ରତିରକ୍ଷା ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ୍ ମହେନ୍ଦର ରାୱତ୍ କହିଛନ୍ତି। ପ୍ରଶାସନ ସହ ସମ୍ପର୍କ ରଖି ସବୁ ପ୍ରକାର ଉଦ୍ୟମ କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ଫୁରସତ୍

# ୫୬ ଲକ୍ଷରେ ନିଲାମ ହେଲା ଭାରତର ଐତିହାସିକ 'ହଜ୍ ନୋଟ୍'




ଲଣ୍ଡନ

ନିକଟରେ ଲଣ୍ଡନରେ ଆୟୋଜିତ ଏକ ନିଲାମ ସମାରୋହରେ ଭାରତର ଐତିହାସିକ 'ହଜ୍ ନୋଟ' ୫୬,୪୯,୬୫୦ ଟଙ୍କାରେ ବିକ୍ରି ହୋଇଛି। ୧୯୫୦ ଦଶକରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ୧୦୦ ଟଙ୍କିଆ ଭାରତୀୟ ନୋଟକୁ 'ହଜ୍ ନୋଟ' ଭାବେ ଜାରି କରିଥିଲା। ଏହି ନୋଟର କ୍ରମିକ ସଂଖ୍ୟା ହେଉଛି 'ଏଚ୍‌ଏ ୦୭୮୪୦୦'। ବିଶେଷ କରି ହଜ୍ ଯାତ୍ରା ପାଇଁ ଗଲ୍ଫ ଦେଶଗୁଡ଼ିକୁ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ପାଇଁ ସେତେବେଳେ ଏହି ନୋଟ୍ ଜାରି ହୋଇଥିଲା। ବେଆଇନ ସୁନା କ୍ରୟ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ନୋଟକୁ ଆର୍‌ବିଆଇ ଜାରି କରିଥିଲା।

ଏହି ଐତିହାସିକ ନୋଟର ପ୍ରିଫେକ୍ସ 'ଏଚ୍‌ଏ' ରହିଛି, ଯାହାଫଳରେ ଏହା ଆର୍‌ବିଆଇ ଦ୍ୱାରା ଜାରି ସ୍ୱତନ୍ତ୍ର 'ହଜ୍ ନୋଟ' ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ଏହି 'ହଜ୍ ନୋଟ'ର ବ୍ୟବହାର ଭାରତରେ ବୈଧ ନ ଥିବା ବେଳେ ସେତେବେଳେ ଏହାକୁ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ), କାତାର, ବାହାରିନ୍, କୁଏଟ ଏବଂ ଓମାନ ପରି ଗଲ୍ଫ ଦେଶରେ ବ୍ୟବହାର କରାଯାଉଥିଲା। ୧୯୬୨ରେ କୁଏଟ ନିଜର ମୁଦ୍ରା ଜାରି କରିବା ପରେ ୧୯୭୦ ଦଶକରେ 'ହଜ୍ ନୋଟ'ର ପ୍ରଚଳନ ଶେଷ ହୋଇଥିଲା।

ସମ୍ପ୍ରତି ମୁଦ୍ରା ସଂଗ୍ରହକାରୀଙ୍କ ମଧ୍ୟରେ 'ହଜ୍ ନୋଟ'ର ଖୁବ୍ ଚାହିଦା ରହିଛି। ଐତିହାସିକ ଗୁରୁତ୍ୱ ବହନ କରୁଥିବାରୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ ବରଂ ଏହି ନୋଟ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏତେ ଅଧିକ ମୂଲ୍ୟରେ ଏହି ନୋଟ ବିକ୍ରି ହୋଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେହିପରି ଉକ୍ତ ନିଲାମରେ ୧୦ ଟଙ୍କା ମୂଲ୍ୟର ୨ଟି ବିରଳ ପୁରାତନ ଭାରତୀୟ ନୋଟର ମଧ୍ୟ ବିକ୍ରି ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ୧୦ ଟଙ୍କିଆ ନୋଟ ୬.୯୦ ଲକ୍ଷ ଏବଂ ଅନ୍ୟଟି ୫.୮୦ ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି ହୋଇଛି। ୧୯୧୮ ମେ' ୨୫ରେ ଉଭୟ ନୋଟକୁ ଜାରି କରାଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧର ଶେଷାର୍ଦ୍ଧରେ ଉକ୍ତ ୨ ନୋଟର ଐତିହାସିକ ଗୁରୁତ୍ୱ ଥିବା ଜଣାପଡ଼ିଛି।

### ବିଲେଇ ଖୋଜିଲେ ୧୦ ହଜାର ପୁରସ୍କାର

କୋଲକାତା

ପଶ୍ଚିମବଙ୍ଗ ନଦିଆ ଜିଲାର ବୀରନଗର ଅଞ୍ଚଳରେ ରହୁଥିବା ଫଳ ବିକାଳି ନିର୍ମଳ ବିଶ୍ୱାସ ନିଜର ବିଲେଇ ପ୍ରେମକୁ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ଗତ ୧୫ ଦିନ ହେବ ତାଙ୍କ ପୋଷା ବିଲେଇ ହୁଲୋ ହଜିଯାଇଛି। ତେଣୁ ସେ ହୁଲୋକୁ ଖୋଜିବା ପାଇଁ ଦିନରାତି ଏକ କରିଦେଇଛନ୍ତି। ସେ ବୀରନଗର ପୌରାଞ୍ଚଳରେ ଲାଉଡ୍ ସ୍ପିକର ଲଗାଇ ଗଳି ପରେ ଗଳି ବୁଲି ହୁଲୋ ସମ୍ପର୍କରେ ପଚାରି ବୁଝୁଛନ୍ତି। ସେହିପରି ସେ ହୁଲୋର ନିଖୋଜ ପୋଷ୍ଟର ମଧ୍ୟ ବୀରନଗରର ଗଳିକନ୍ଦିରେ ମାରିଛନ୍ତି। ହୁଲୋଙ୍କୁ ଯେଉଁ ବ୍ୟକ୍ତି ଖୋଜି ଆଣିବେ ତାଙ୍କୁ ନିର୍ମଳ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଦେବେ ବୋଲି ଘୋଷଣା କରିଛନ୍ତି। ଫଳ ବିକି ନିଜ ଗୁଜୁରାଣ ମେଣ୍ଟାଉଥିବା ନିର୍ମଳ କହିଛନ୍ତି, ହୁଲୋ ଧଳା ରଙ୍ଗର ବିଲେଇ ହୋଇଥିବାବେଳେ ଏହାର ଶରୀରରେ କଳା ରଙ୍ଗର ଦାଗ ରହିଥିଲା। ଛୋଟ ଥିବା ସମୟରେ ହୁଲୋକୁ ତାଙ୍କ ମା' ତାକୁ ଘରକୁ ଆଣିଥିଲେ ବୋଲି ନିର୍ମଳ କହିଛନ୍ତି। ଏହାପରେ ହୁଲୋ ତାଙ୍କ ପରିବାରର ସଦସ୍ୟ ପାଲଟି ଯାଇଥିଲା।

### ଫିଟ୍‌ନେସ୍ ପାଇଁ ସଲମାନଙ୍କୁ ଶ୍ରେୟ ଦେଲେ ରାମ

ମୁମ୍ବାଇ



ନିକଟରେ ଅଭିନେତା ରାମ କପୁରଙ୍କର ଲୁକ୍ ତାଙ୍କ ପ୍ରଶଂସକଙ୍କଠାରୁ ଆରମ୍ଭ କରି ବଲିଉଡ୍ ତଥା ଟିଭି ଇଣ୍ଡଷ୍ଟ୍ରିର ଅନେକ ତାରକାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସେ ନିଜର ପ୍ରାୟ ୫୫ କେ.ଜି. ଓଜନ ହ୍ରାସ କରିଥିଲେ। ମଙ୍ଗଳବାର ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ରାମ ତାଙ୍କ ଓଜନ ହ୍ରାସ ସମ୍ପର୍କିତ ଯାତ୍ରାକୁ ବଖାଣିଛନ୍ତି। ଏହି ବାର୍ତ୍ତାଳାପ ସମୟରେ ବ୍ୟାୟାମ କରିବା ସହ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦେବାରେ ସେ ଅଭିନେତା ସଲମାନ ଖାନ୍‌ଙ୍କଠାରୁ ଅନୁପ୍ରାଣିତ ହୋଇଥିବା କହିଛନ୍ତି।

ରାମ କହିଛନ୍ତି, ସଲମାନଙ୍କ ଜୀବନଚର୍ଯ୍ୟା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସେ ଜଣେ ପେସାଦାର ଅଭିନେତା ମଧ୍ୟ। ନିଜ ଫିଟ୍‌ନେସ୍ ପାଇଁ ସେ ଖୁବ୍ କଠିନ ପରିଶ୍ରମ କରନ୍ତି। ସଲମାନ ତାଙ୍କ ଫିଲ୍ମ ଶୁଟିଂ ସାରି ବିଳମ୍ବିତ ରାତିରେ ଘରକୁ ଫେରିଥାନ୍ତି। ଏହାସତ୍ତ୍ୱେ ମଧ୍ୟ ସେ ଭୋର୍ ୪ଟା ସୁଦ୍ଧା ଉଠି ୱାର୍କ ଆଉଟ୍ କରି ଶରୀରକୁ ଫିଟ୍ ରଖନ୍ତି। ସଲମାନଙ୍କ ଏହି ରୁଟିନ୍ ତାଙ୍କୁ ପ୍ରେରଣା ଯୋଗାଇଥିଲା ବୋଲି ରାମ କହିଛନ୍ତି। ଏହି ସାକ୍ଷାତ୍କାରରେ ରାମ ତାଙ୍କ ଡାଏଟ୍ ଏବଂ ଫିଟ୍‌ନେସ୍ ରୁଟିନକୁ ମଧ୍ୟ ଶେୟାର କରିଛନ୍ତି। ସେ ଦେଢ଼ ବର୍ଷ ପୂର୍ବରୁ ନିଜର ଓଜନ ହ୍ରାସ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଏହି ଅବଧି ମଧ୍ୟରେ ସେ ନିଜର ୫୫ କେ.ଜି. ଓଜନ ହ୍ରାସ କରିବାରେ ସଫଳ ହୋଇଛନ୍ତି। ଏହା ମଧ୍ୟରେ ତାଙ୍କର ଏକ ଦୁର୍ଘଟଣା ମଧ୍ୟ ଘଟିଥିଲା, ଯାହାଫଳରେ ଏହି ଓଜନ ହ୍ରାସ ଯାତ୍ରାରେ ବାଧା ସୃଷ୍ଟି ହୋଇଥିଲା ବୋଲି ରାମ କହିଛନ୍ତି। ସମ୍ପ୍ରତି ସେ ନିଜର ଓଜନ ହ୍ରାସ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିଥିବା ରାମ କହିଛନ୍ତି। ପ୍ରକାଶ ଯେ, ରାମ ଛୋଟ ପରଦାର ଅନେକ ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ଢେର ପ୍ରଶଂସା ସାଉଣ୍ଟିଛନ୍ତି। 'କସମ ସେ', 'ବଡ଼େ ଅଚ୍ଛେ ଲଗତେ ହେ' ପରି ଧାରାବାହିକ ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ଏହାସହ ସେ ବହୁ ବଲିଉଡ୍ ଚଳଚ୍ଚିତ୍ର ଏବଂ ୱେବ୍ ସିରିଜରେ ମଧ୍ୟ କାର୍ଯ୍ୟ କରିଛନ୍ତି।




# ଅଦିନିଆ ବର୍ଷା କ୍ଷତିପୂରଣ ପାଇଲେଣି ଚାଷୀ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୭।୧(ସୁନିତ୍ ମିଶ୍ର)**

ଅଦିନିଆ ବର୍ଷା ଯୋଗୁ କ୍ଷତି ସହିଥିବା ଚାଷୀଙ୍କୁ କ୍ଷତିପୂରଣ ସହାୟତା ମିଳିବା ଆରମ୍ଭ ହୋଇସାରିଲାଣି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ ଶେଷ ହୋଇଯିବ। ରାଜ୍ୟର ୧୪ ଜିଲାରେ ଏଥିଯୋଗୁ ବ୍ୟାପକ କ୍ଷତି ହୋଇଥିବା ବେଳେ ୨ ଜିଲାରେ ଆଂଶିକ କ୍ଷତି ହୋଇଛି। ପୁରୀରେ ସର୍ବାଧିକ କ୍ଷତି ହୋଇଥିବା ବେଳେ ଏହା ପଛକୁ ଗଞ୍ଜାମ ଜିଲା ରହିଛି। ଅଦିନିଆ ବର୍ଷା ଯୋଗୁ ଧାନ, ପରିବା, ଚିନାବାଦାମ, କପା ମଧ୍ୟ ନଷ୍ଟ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଆହୁରି କହିଛନ୍ତି, ରାଜ୍ୟର ପ୍ରାୟ ୬ ଲକ୍ଷ ୬୬ ହଜାର ୭୨୦ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ୨ ଲକ୍ଷ ୨୬ ହଜାର ୭୯୧ ହେକ୍ଟର ଚାଷ ନଷ୍ଟ ହୋଇଛି। ଜିଲାପାଳଙ୍କୁ କ୍ଷତିପୂରଣ ଦିଆସରିଲାଣି। ସେହି ରାଶି ଏବେ ଚାଷୀଙ୍କୁ ଆବଣ୍ଟିତ କରାଯାଉଛି। ଜଳସେଚିତ ଜମିକୁ ହେକ୍ଟର ପିଛା ୧୫ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯାଉଛି। ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୭,୫୦୦ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଉଛି। ତେବେ ଭାଗ ଚାଷୀଙ୍କ ପାଇଁ କିଛି ଆଇନ ଆସି ନ ଥିବାରୁ ସେମାନେ କ୍ଷତିପୂରଣ ରାଶି ପାଇପାରିବେ ନାହିଁ। ଭାଗ ଚାଷୀଙ୍କ ଲାଗି ଆଇନ ଆଣିବା ଉପରେ ସରକାର ବିଚାର କରୁଥିବା ପୂଜାରୀ କହିଛନ୍ତି।

ତେବେ ସରକାର ଏକ ପ୍ରସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ଲଘୁଚାପ ପ୍ରଭାବରେ ରାଜ୍ୟର ୧୬ ଜିଲାରେ ହୋଇଥିବା ଅଦିନିଆ ବର୍ଷାକୁ ସରକାର 'ପ୍ରାକୃତିକ ବିପର୍ଯ୍ୟୟ' ଭାବେ ଗ୍ରହଣ କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି(ଏସ୍‌ଡିଆର୍‌ଏଫ୍)ରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ ଆରମ୍ଭ କରାଯାଇଛି। ଯେଉଁ ଚାଷୀଙ୍କ ୩୩ ପ୍ରତିଶତ ବା ଅଧିକ ଫସଲ କ୍ଷତି ହୋଇଛି, ସେମାନଙ୍କୁ ଏହି ସହାୟତା ଯୋଗାଯାଉଛି। ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ୨୯୧ କୋଟି ୫୯ ଲକ୍ଷ ଟଙ୍କାର ଇନ୍‌ପୁଟ ସବ୍‌ସିଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ କରାଯାଉଛି। ଜିଲାପାଳମାନଙ୍କ ରିପୋର୍ଟ ଆଧାରରେ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ଚାଷୀଙ୍କୁ ସହାୟତା ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ୨୦ ତାରିଖରୁ ଦୁଇଟି ପର୍ଯ୍ୟାୟରେ ଅଦିନିଆ ବର୍ଷା ହୋଇଥିଲା। ୩୦ ଏବଂ ୩୧ ତାରିଖରେ ସର୍ଭେ କରିବା ପରେ ସରକାର ଜାନୁଆରୀ ୧ରେ ରିପୋର୍ଟ ପାଇଥିଲେ ।

ଅନୁଗୋଳ ଜିଲାରେ ୭୫.୬୧ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ୬ ଲକ୍ଷ ୯୯ ହଜାର ୮୦୮ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ସେହିପରି ଭଦ୍ରକର ୧ ହଜାର ୪୦ ହେକ୍ଟର କ୍ଷତିଗ୍ରସ୍ତ ଫସଲ ପାଇଁ ୧ କୋଟି ୫୬ ଲକ୍ଷ ୭୪ ହଜାର ଟଙ୍କା, କଟକରେ ୧୯୧୮୦.୪୨ ହେକ୍ଟର ଜମି ପାଇଁ ୨୪ କୋଟି ୩୬ ଲକ୍ଷ ୯୬ ହଜାର ୬୧୫ ଟଙ୍କା, ଢେଙ୍କାନାଳର ୧୯୬.୮୧ ହେକ୍ଟର ଜମି ପାଇଁ ୧୯ ଲକ୍ଷ ୩୦ ହଜାର ୪୩୫ ଟଙ୍କା, ଗଜପତିରେ ୬୫୧.୫୮ ହେକ୍ଟର କ୍ଷତିଗ୍ରସ୍ତ ଜମି ପାଇଁ ୮୭ ଲକ୍ଷ ୮୪ ହଜାର ୪୦୫ ଟଙ୍କା, ଗଞ୍ଜାମ ଜିଲାର ୬୦୭୧୨.୬୧ ହେକ୍ଟର ଜମି ପାଇଁ ୮୯ କୋଟି ୭୯ ଲକ୍ଷ ୨ ହଜାର ୬୩ ଟଙ୍କା, ଜଗତସିଂହପୁରର ୨୧୨୪୦ ହେକ୍ଟର ଜମି ପାଇଁ ୨୮ କୋଟି ୯୭ ଲକ୍ଷ ୫୬ ହଜାର ୫୦୦ ଟଙ୍କା, ଯାଜପୁରର ୧୦୬୪୨ ହେକ୍ଟର ଜମି ପାଇଁ ୧୨ କୋଟି ୧୯ ଲକ୍ଷ ୮୩ ହଜାର ୫୦୦ ଟଙ୍କା, କଳାହାଣ୍ଡିର ୭୭୫.୪୯ ହେକ୍ଟର କ୍ଷତିଗ୍ରସ୍ତ ଜମି ପାଇଁ ୯୨ ଲକ୍ଷ ୮୫ ହଜାର ୫୭୦ ଟଙ୍କା, କନ୍ଧମାଳର ୨୭୨.୮୭ ହେକ୍ଟର ଜମି ପାଇଁ ୨୪ ଲକ୍ଷ ୪୪ ହଜାର ୨୧୮ ଟଙ୍କା, କେନ୍ଦ୍ରାପଡ଼ାର ୨୪୨୪୪.୧୪ ହେକ୍ଟର ଜମି ପାଇଁ ୨୪ କୋଟି ୫୨ ଲକ୍ଷ ୬୯୦ ଟଙ୍କା, ଖୋର୍ଦ୍ଧାର ୧୬୪୫୫.୭୭ ହେକ୍ଟର ଜମି ପାଇଁ ୨୦ କୋଟି ୪ ଲକ୍ଷ ୨୦ ହଜାର ୪୯୭ ଟଙ୍କା, ନୟାଗଡ଼ର ୨୧୪୩୪.୧୫ ହେକ୍ଟର ଜମି ପାଇଁ ୨୨ କୋଟି ୨୩ ଲକ୍ଷ ୪ ହଜାର ୩୯୩ ଟଙ୍କା, ନୂଆପଡ଼ାର ୧୩.୬ ହେକ୍ଟର ଜମି ପାଇଁ ୧ ଲକ୍ଷ ୯୩ ହଜାର ୩୭୫ ଟଙ୍କା, ପୁରୀର ୪୯୧୯୩.୪୬ ହେକ୍ଟର ଜମି ପାଇଁ ୬୪ କୋଟି ୮୪ ଲକ୍ଷ ୪୦ ହଜାର ୯୪୫ ଟଙ୍କା, ରାୟଗଡ଼ାର ୬୬୨.୯୫ ହେକ୍ଟର ଜମି ପାଇଁ ୭୧ ଲକ୍ଷ ୭୧ ହଜାର ୪୯୯ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

# ରତ୍ନଗିରି ଖନନରୁ ମିଳିଲା ତଥାଗତ ବୁଦ୍ଧଙ୍କ ଭଗ୍ନମୂର୍ତ୍ତି, ପ୍ରସ୍ତର ନିର୍ମିତ ହସ୍ତୀ

**ଚଣ୍ଡିଖୋଲ,୭।୧**
**(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲାର ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠର ଉତ୍‌ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପୀଠରୁ ପୁନର୍ବାର ବହୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ ଏସ୍‌ଆଇ) ପକ୍ଷରୁ କରାଯାଇଥିବା ଏହି ଉତ୍‌ଖନନ ବେଳେ ଏଠାରୁ ତଥାଗତ ବୁଦ୍ଧଙ୍କ ଭଗ୍ନମୂର୍ତ୍ତି, ପ୍ରସ୍ତର ନିର୍ମିତ ହସ୍ତୀ, ପ୍ରାଚୀନ ଭଗ୍ନ କାନ୍ଥର ସନ୍ଧାନ ମିଳିଛି, ଯାହାକି ପୂର୍ବରୁ କୋଠରି ଭଳି ନିର୍ମିତ ହୋଇଥିଲା। ବହୁ ସଂଖ୍ୟାରେ ବୌଦ୍ଧ ଭୋଟିକ ସ୍ତୂପ, ମାଟିପାତ୍ର ସହିତ ପ୍ରସ୍ତର ଖଣ୍ଡ ମିଳିଛି। ଏହି ପ୍ରାଚୀନ କୀର୍ତ୍ତିରାଜି ୧୨୦୦ ବର୍ଷ ତଳର ବୋଲି ଜଣାପଡ଼ିଛି।



ପ୍ରାଚୀନ ନୌବାଣିଜ୍ୟ ଦକ୍ଷିଣ ପୂର୍ବ ଏସୀୟ ଅନୁଷ୍ଠାନର ସମ୍ପାଦକ ତଥା ପ୍ରତ୍ନତତ୍ତ୍ୱବିତ୍ ଡ.ସୁନୀଲ କୁମାର ପଟ୍ଟନାୟକ କହିଛନ୍ତି, ମିଳିଥିବା କୀର୍ତ୍ତିରାଜି ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଆରମ୍ଭ କରି ୧୧ଶ ଶତାବ୍ଦୀ ସମୟର। ଏଠାରୁ ଆବିଷ୍କୃତ ଭଗ୍ନ ବୌଦ୍ଧ ମୂର୍ତ୍ତିର କେଶ ନିର୍ମାଣ ଶୈଳୀ ଅନନ୍ୟ। ଅନ୍ୟ କେଉଁଠାରେ ଏହା ଦେଖାଯାଏ ନାହିଁ। ଏହି ଖନନରେ ଏଏସ୍‌ଆଇର ଉପଅଧୀକ୍ଷକ ପ୍ରଜ୍ଞାପ୍ରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୌହାଟୀ, ଆସାମ, ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସାମିଲ ହୋଇଛନ୍ତି।... ପୁରୀ ସର୍କଲର ଅଧୀକ୍ଷକ ଦିବାଶିଷ ଗଡ଼ନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଖନନରୁ ବହୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିର ସନ୍ଧାନ ମିଳିଲାଣି। ଆଗକୁ ଅଧିକ ସଂଖ୍ୟାରେ ପ୍ରାଚୀନ କୀର୍ତ୍ତିରାଜି ମିଳିବ ବୋଲି ଆଶା ରହିଛି। ଏହାର ଚତୁଃପାର୍ଶ୍ୱ ଜବରଦଖଲ ହୋଇଥିବାରୁ ଖନନରେ ବାଧା ଉପୁଜି ଥିବା ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ରତ୍ନଗିରିର କୀର୍ତ୍ତିରାଜି ବିରଳ। ଡ.ଦେବଳା ମିତ୍ରଙ୍କ ନେତୃତ୍ୱରେ ୧୯୫୮ରୁ ୧୯୬୧ ଏଏସ୍‌ଆଇ ଖନନ କରି ବହୁ କୀର୍ତ୍ତିରାଜି ଆବିଷ୍କୃତ ହୋଇଥିଲା। ୭୦୦ରୁ ଊର୍ଦ୍ଧ୍ୱ କୀର୍ତ୍ତିରାଜି ଏଠାରୁ ପୂର୍ବରୁ ଆବିଷ୍କୃତ ହୋଇସାରିଛି। ଏବେ ମିଳୁଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡିକ ଗବେଷଣାରତ ଛାତ୍ରୀଛାତ୍ରମାନଙ୍କୁ ବେଶ ସହାୟକ ହେବ। ଆସନ୍ତା ୧୨ ତାରିଖରୁ ଏଠାରେ ଆନ୍ତର୍ଜାତିକ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ବେଳେ ରତ୍ନଗିରିରୁ ଆବିଷ୍କୃତ ନୂତନ କୀର୍ତ୍ତିରାଜି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ। ଏଥିସହିତ ପ୍ରବାସୀ ଭାରତୀୟମାନେ ମଧ୍ୟ ଏଠାକୁ ଆସି ବୌଦ୍ଧ କୀର୍ତ୍ତିରାଜି ଦେଖି ବେଶ ଖୁସି ଅନୁଭବ କରିବେ ବୋଲି ପ୍ରକାଶ କରିଛନ୍ତି।

# ପୁଣି ବାଘକୁ ନେଇ ଓଡ଼ିଶା-ପଶ୍ଚିମବଙ୍ଗ ବିବାଦ

- **ବାଘକୁ ଓଡ଼ିଶା ଫେରାଇ ନେଉ: ମମତା**
- **ଶିମିଳିପାଳରୁ କୌଣସି ବାଘ ଯାଇନାହିଁ: ଆର୍‌ସିସିଏଫ୍**

**ବାରିପଦା,୭।୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମହାବଳ ବାଘୁଣୀ ଜିନ୍ନତକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଲାଗି ରହିଥିବା ତିକ୍ତତା ଥମି ନ ଥିବା ବେଳେ ପୁଣି ଏକ ବାଘକୁ ନେଇ ବିବାଦ ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏକ ମହାବଳ ବାଘ ପଶ୍ଚିମବଙ୍ଗର ଦକ୍ଷିଣବଙ୍ଗକୁ ଯାଇଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବାଘକୁ ନେଇ ସେଠାରେ ଆତଙ୍କ ସୃଷ୍ଟି ହୋଇଥିବାରୁ ଓଡ଼ିଶା ବନ ବିଭାଗ ତୁରନ୍ତ ତାକୁ ଧରି ନେଇଯାଉ ବୋଲି ମମତା ଦେଇଥିବା ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ତେବେ ଶିମିଳିପାଳରୁ କୌଣସି ବାଘ ପଶ୍ଚିମବଙ୍ଗ ଯାଇନାହିଁ। ଯଦି ବାଘର ଫଟୋ କିମ୍ବା ଭିଡିଓ ମିଳିଥାଏ ତେବେ ଆମ ପାଖକୁ କିମ୍ବା ଡେରାଡୁନସ୍ଥିତ ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସ ବିଭାଗକୁ ପଠାଇଲେ ବାଘ କେଉଁ ଜଙ୍ଗଲର ତାହା ଚିହ୍ନଟ କରାଯାଇପାରିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ବାଘକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଚାଲିଥିବା ମନ୍ତବ୍ୟକୁ ନେଇ ପ୍ରାଣୀପ୍ରେମୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ଛାଡ଼ି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରେ ୨୨ଦିନ ଧରି ବୁଲୁଥିବା ବାଘୁଣୀ ଜିନ୍ନତକୁ ଉଭୟ ରାଜ୍ୟର ବନ ବିଭାଗ କାବୁ କରିଥିଲା। ଡିସେମ୍ବର ୩୦ରେ ଟ୍ରାଙ୍କୁଲାଇଜ୍ କରିବା ପରେ ଜିନ୍ନତକୁ ଓଡ଼ିଶା ନ ଫେରାଇ କୋଲକାତାର ଆଲିପୁର ଚିଡ଼ିଆଖାନାରେ ରଖା ଯାଇଥିଲା। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ) ପଶ୍ଚିମବଙ୍ଗ ସରକାରଙ୍କୁ ତାଗିଦ୍ କରିବା ପରେ ଜିନ୍ନତକୁ ଛାଡ଼ିଥିଲେ। ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ଶିମିଳିପାଳର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଜାତୀୟ ପଶୁ ଭାବେ ମହାବଳ ବାଘର ସ୍ୱାଧୀନତା ରହିଛି। ବାଘ, ହାତୀ ଭଳି ପ୍ରାଣୀମାନେ ଦେଶର ପ୍ରତିଟି ଜଙ୍ଗଲରେ ବିଚରଣ କରିପାରିବେ। ଜୀବଜନ୍ତୁଙ୍କ ନାମରେ ହୀନ ରାଜନୀତି ନ କରି ମନଗଢ଼ା କଥା ପରିବର୍ତ୍ତେ ପ୍ରମାଣଭିତ୍ତିକ ତଥ୍ୟ ଦେବାକୁ ସେ କହିଛନ୍ତି।

# ଅମିତାଭ ସିଂଘଲ ରାୟଗଡ଼ା ରେଳ ଡିଭିଜନର ପ୍ରଥମ ଡିଆରଏମ୍ ନିଯୁକ୍ତ

**ରାୟଗଡ଼ା,୭।୧**
**(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ରେଳ ଡିଭିଜନ ପାଇଁ ପ୍ରଥମ ଡିଆରଏମ୍ ଭାବେ ନିଯୁକ୍ତ ହୋଇଛନ୍ତି ଅମିତାଭ ସିଂଘଲ। ଏ ନେଇ ମଙ୍ଗଳବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ରେଳ ଡିଭିଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରିବାର ୨୪ ଘଣ୍ଟା ମଧ୍ୟରେ ଡିଆରଏମ୍ ନିଯୁକ୍ତି ଅନେକ ଗୁରୁତ୍ୱ ବହନ କରୁଛି। ଫଳରେ ରେଳ ଡିଭିଜନ ପାଇଁ ଆବଶ୍ୟକ ସମସ୍ତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ରେଲ୍‌ୱେ କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ଏହାପରେ ଅତିରିକ୍ତ ଡିଆରଏମ୍‌ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ, ବାଣିଜ୍ୟ ଅଧିକାରୀ, ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ନିଯୁକ୍ତ ହେବେ ବୋଲି ସୂଚନା ମିଳିଛି। ତେବେ ଡିଆରଏମ୍ କାର୍ଯ୍ୟାଳୟ ବର୍ତ୍ତମାନ ଅସ୍ଥାୟୀ ଭାବେ କେଉଁଠି ଚାଲିବ ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପ୍ରବାସୀ ଭାରତୀୟ ଦିବସ ଅବସରରେ ଯୁବ ସମାରୋହ ଶୁଭାରମ୍ଭ, ସ୍ଥାନ: ଜନତା ମଇଦାନ, ସମୟ: ସକାଳ ୯ଟା ୩୦।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ସହଯୋଗ ଦିବସ, ସ୍ଥାନ: ହୋଟେଲ ସ୍ୟାଣ୍ଡିଜ୍ ଟାୱାର, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ
- ୨୯ତମ ନିମାପଡ଼ା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାରାବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, କଲେଜ ରୋଡ୍, ଜଟଣୀ, ସମୟ: ଅପରାହ୍ନ ୨ଟା ୧୫।

## ବାଲେଶ୍ୱର
- ୮୦ ତମ ବାର୍ଷିକ ଜିଲା ଦୌଡ଼କୁଦ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ, ଅମର୍ଦ୍ଦାରୋଡ୍, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ହୀରାପୁର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ମାର୍କୋଣା ଉଚ୍ଚ ବାଳିକା ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ଦରଖୋଳି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍, ସ୍ଥାନ: ଦରଖୋଳି ପଡ଼ିଆ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।

## ଭଦ୍ରକ
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଜିଲା ସ୍କୁଲ, ଭଦ୍ରକ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଗୁଆମାଳ ପଞ୍ଚାୟତ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରବାସୀ ଭାରତୀୟ ଦିବସ, ସ୍ଥାନ: ଭଦ୍ରକ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର
- ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ ସମ୍ବନ୍ଧୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ:ହାଟଡିହୀ ବ୍ଲକ, ଛେନାପଦି, ସମୟ:ସକାଳ ୯ଟା।

## ମୟୂରଭଞ୍ଜ
- ସଡ଼କ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ରାଇକମା ଆଶ୍ରମ ବିଦ୍ୟାଳୟ, ବେତନଟୀ, ସମୟ: ପୂର୍ବାହ୍ନ ୧୦ଟା।
- ଆତ୍ମ ସୁରକ୍ଷା ତାଲିମ ଶିବିରର ତୃତୀୟ ଦିନ. ସ୍ଥାନ: ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା।
- ଦେବଳା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଦେବଳା, କପ୍ତିପଦା, ସମୟ: ପୂର୍ବାହ୍ନ୧୧ଟା।
- ଚାନ୍ଦୁଆ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଚାନ୍ଦୁଆ, କୁଳିଅଣା, ସମୟ: ପୂର୍ବାହ୍ନ୧୧ଟା।
- ଶାଳଖୁଣ୍ଟା ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଶାଳଖୁଣ୍ଟା, ଉଦଳା, ସମୟ: ପୂର୍ବାହ୍ନ୧୧ଟା।
- କେଶଡିହା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କେଶଡିହା, ଠାକୁରମୁଣ୍ଡା, ସମୟ: ପୂର୍ବାହ୍ନ୧୧ଟା।
- କୁଜିଡିହି ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୁଜିଡିହି, ଶୁଳିଆପଦା, ସମୟ: ଅପରାହ୍ନ ୨ଟା।
- ହାତୀବାରି ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାତୀବାରି, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ବଣକାଟି ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବଣକାଟି ବାଙ୍ଗିରପୋଷି, ସମୟ: ଅପରାହ୍ନ ୨ଟା।
- ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଶରତ, କପ୍ତିପଦା, ସମୟ: ଅପରାହ୍ନ ୩ଟା।
- ମକର ଖେଳ ପାଇଁ ବୈଠକ, ସ୍ଥାନ: ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ: ଅପରାହ୍ନ ୩ଟା।
- ବାର୍ଷିକ ଉତ୍ସବ,ସ୍ଥାନ:ରାଇକମା ଆଶ୍ରମ ବିଦ୍ୟାଳୟ, ବେତନଟୀ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ଓଡ଼ିଶା ଚିତ୍ରାଳୟ ମାଲିକ ମହାସଂଘର ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ ଗୋଷାଣି ନୂଆଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ ଉଦଘାଟନ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।।

## ଗଞ୍ଜାମ
- ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।

## ଗଜପତି
- ପ୍ରବାସୀ ଭାରତୀୟ ଦିବସ, ସ୍ଥାନ: ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ରାଜ୍ୟ ପୋଲିସ କବାଡି ଓ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଯାପନ ସମାରୋହ, ସ୍ଥାନ:ରିଜର୍ଭ ପୋଲିସ ପଡିଆ, ଢେଙ୍କାନାଳ,ସମୟ:ଅପରାହ୍ନ ୩ଟା।

## ଅନୁଗୋଳ
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବରେ କୃଷି ପାଠଶାଳା, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ନିୟୁ ଇଣ୍ଡିଆ ଇନ୍ସ୍ୟୁରାନ୍ସ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ମାର୍କେଟ କମ୍ପ୍ଲେକ୍ସ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଚତୁର୍ଥ ସନ୍ଧ୍ୟାରେ ଜାଭିୟର ସ୍କୁଲ ଛାତ୍ରୀଛାତ୍ରଙ୍କ ନାଟକ କାର୍ଯ୍ୟକ୍ରମ। ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କପ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଅଙ୍ଗୁଲାଇ ହାଇସ୍କୁଲ ଖେଳ ପଡ଼ିଆ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର କ୍ରିକେଟ କପ୍ ଟୁର୍ନାମେଣ୍ଟ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।
- ସ୍ୱର୍ଗତ ଗୁରୁଚରଣ ଦାସଙ୍କ ଜିଲାସ୍ତରୀୟ ଶ୍ରାଦ୍ଧ ବାର୍ଷିକୀ ସଭା, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ଚଣ୍ଡିଖୋଲ ଏଡିଜେ କୋର୍ଟର ଉଦଘାଟନ ଉତ୍ସବ,ସ୍ଥାନ: ଚଣ୍ଡିଖୋଲ କୋର୍ଟ ପରିସର,ସମୟ: ସକାଳ ୯ଟା।
- ୫ ଦିନିଆ ବଡ଼ଚଣା ମହୋତ୍ସବର ଉଦଘାଟନୀ ଉତ୍ସବ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ,ସମୟ:ଅପରାହ୍ନ ୫ଟା।

## ନୟାଗଡ଼
- ରାମଚରିତ ମାନସର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଉତ୍ସବ, ସ୍ଥାନ: ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ରଣପୁର ମହୋତ୍ସବ ଅର୍ଜୁନର ୪ର୍ଥ ଉତ୍ସବ, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ପଞ୍ଚାୟତ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳାର ୨ୟ ଦିନ, ସ୍ଥାନ: ଜିଏଆଇଏସିଆର ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ରୁ ଆରମ୍ଭ।

## କୋରାପୁଟ
- ରକ୍ତଦାନ ଶିବିର, ସ୍ଥାନ: ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ,କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଭିନ୍ନକ୍ଷମଙ୍କ ଅଧିକାର ଆଇନ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସମ୍ମିଳନି କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଓରମାସ ଆୟୋଜିତ ପଲ୍ଲିଶ୍ରୀ ମେଳା, ସ୍ଥାନ: ଅଇଁଠାପାଲି ନିକଟ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫।
- ସମ୍ବଲପୁରୀ ଧନୁଯାତ୍ରା କଳାକାରଙ୍କ ପ୍ରସ୍ତୁତି, ସ୍ଥାନ: ଗଙ୍ଗାଧର ମୁକ୍ତମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।
- ଲତା ଘନଶ୍ୟାମ ମଣ୍ଡଳ ପକ୍ଷରୁ ଶ୍ରୀମଦ୍ ଭାଗବତ ପାଠ, ସ୍ଥାନ: ସାକ୍ଷୀ ଗୋପୀନାଥ ପଡା, ସମୟ : ଅପରାହ୍ନ ୩ଟା ୩୦।
- ଦାନିପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ କଥା ମହୋତ୍ସବରେ ରୁକ୍ମିଣୀ ବିଷୟରେ ପ୍ରବଚନ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ଆୟୋଜିତ ଯୁବ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆସ୍ଥିତ ଲୋକ ମହୋତ୍ସବ ମଞ୍ଚ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ବ୍ଲକସ୍ତରୀୟ ଲୋକ ମହୋତ୍ସବ, ସ୍ଥାନ: ଖପ୍ରାଖୋଲ ହାଇସ୍କୁଲ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଆଗଲପୁର ବ୍ଲକ ବଡତିକୋରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ହାଇସ୍କୁଲ ଖେଳପଡିଆ,ସମୟ : ଅପରାହ୍ନ ୩ଟା।
- ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ସିଦ୍ଧାର୍ଥ କନିଷ୍ଠ ମହବିଦ୍ୟାଳୟ ବିନିକା, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବରଘାଟ ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ମୁର୍ଷୁନ୍ଦି , ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ, ସ୍ଥାନ: ବିଶାଳପାଲି ଖେଳ ପଡିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ୧୮ତମ ଭାରତୀୟ ପ୍ରବାସୀ ଦିବସ ଅବସରରେ ଜିଲାସ୍ତରୀୟ ଉତ୍ସବ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ:ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ସଂସ୍କୃତି ଓ ସାମାଜିକ ପ୍ରଗତି ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ-ଜିଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍, ସ୍ଥାନ:ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ସ୍ଥିତ ଫକୀର ପଟ୍ଟନାୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ୩ୟ ଧନୁଯାତ୍ରା ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର, ସ୍ଥାନ: ଲକ୍ଷ୍ମୀନାରାୟଣ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଦିବାରାତ୍ର ୧୭ ବର୍ଷରୁ କମ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭି.ଏସ୍.ଏସ୍ ଖେଳ ପଡ଼ିଆ, ବ୍ରଜରାଜନଗର, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼
- ମାଣ୍ଡିଆମଣ୍ଡି ଉଦ୍‌ଘାଟନ ଓ ପୁଷ୍ଟିଶସ୍ୟ ଖାଦ୍ୟମେଳା, ସ୍ଥାନ: ବାଲିଶଙ୍କରା ବ୍ଲକ ବନ୍ଧବାହାଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାଉରକେଲା
- ରାଉରକେଲା ମ୍ୟୁନିସିପାଲ କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକାଶ ସ୍ମାରକୀ କ୍ରିକେଟ: ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୧୧ଟା ୩୦।
- ଲୋକନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।
- ହକି ଇଣ୍ଡିଆ ଲିଗ୍ ମ୍ୟାଚ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ରାତି ୮ଟା ୧୫।

## ଦେବଗଡ଼
- କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୯ଟା।
- ୨୧ତମ ସର୍ବ ଭାରତୀୟ ରାଧାକ୍ରିଷ୍ଣ ଟି-୨୦ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ରିଆମାଳ ବ୍ଲକ କଣ୍ଟାବାହାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ୍ ପ୍ରଥମ ସେମିଫାଇନାଲ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡା, ସମୟ: ସକାଳ ୯ଟା।
- ମାୟାଧର ମାଝି ପ୍ରଥମ ମେମୋରିଆଲ କ୍ରିକେଟର ଗ୍ରୁପ ଡି ଲିଗ ମ୍ୟାଚ, ସ୍ଥାନ: କୋମନା ବ୍ଲକ ମିଛାପାଲି ମା' ପାଟଖଲେନ ଖେଳପଡିଆ, ସମୟ: ସକାଳ ୯ଟା।
- ଜୟ ମା' ସୁନାଦେଈ କପ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ସୁନାବେଡା ଶହୀଦ ଭଗତ ସିଂ ଖେଳପଡିଆ, ସମୟ: ସକାଳ ୯ଟା।
- ୨ୟ ଆନ୍ତଃ ରାଜ୍ୟ ଆଦିବାସୀ କପ କ୍ରିକେଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଲିଖମାର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସମସ୍ୟା ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ପ୍ରଶାସନିକ ସଫଳତା ପାଇବେ। ବ୍ୟୟସ୍ଥ ରାହୁ ଯୋଗୁ ବିଦେଶ ଯାତ୍ରା ସୁଯୋଗ, ଅପବ୍ୟୟ ସଙ୍ଗକୁ ସ୍ୱାସ୍ଥ୍ୟହାନି ଘଟିପାରେ। ମାଙ୍ଗଳିକ କାମ, ପ୍ରକଳ୍ପାରମ୍ଭ, କୃଷି, ବାଣିଜ୍ୟ ପାଇଁ ସମୟ ଅନୁକୂଳ ରହିବ। ବ୍ୟବସାୟିକ ସଫଳତା ଓ କଚେରି ମାମଲା ଫଇସଲା ହେବାର ସୂଚନା ରହିଛି।

**ବୃଷ** କାର୍ଯ୍ୟବ୍ୟସ୍ତତା ସଙ୍ଗକୁ ମାନସିକ ଓ ପାରିବାରିକ ଅସ୍ଥିରତା ମଧ୍ୟରେ ସମୟ କଟାଇବେ। ଜମିଜମା କାରବାର, ଶିଳ୍ପ, ବାଣିଜ୍ୟ, ଏଜେନ୍ସିପ୍, ବୀମା, ଶେୟାର ବଜାର ପାଇଁ ଦିନଟି ଭଲ। ନିଜ କାମ ପଛକୁ ପକାଇ ଆତ୍ମୀୟଙ୍କ ପାଇଁ ହଇରାଣରେ ପଡ଼ିପାରନ୍ତି। ଦୂରଯାତ୍ରାରେ ସନ୍ଦିଗ୍ଧ ଲୋକଙ୍କ ପ୍ରତି ସତର୍କତା ରକ୍ଷା କରିବା ହିତକର ହେବ।

**ମିଥୁନ** ସପ୍ତମରେ ଷଷ୍ଠାଧିପତି ଯୋଗୁ ବିବାଦରେ ପରାଜୟ, ପ୍ରତିଦ୍ୱନ୍ଦ୍ୱିତାରେ ଅପଦସ୍ଥ ହୋଇପାରନ୍ତି। ସ୍ତ୍ରୀଙ୍କ ସହ ମତଭେଦ ଅଶାନ୍ତି ସୃଷ୍ଟି କରିବ। ଅର୍ଥ ସାହାଯ୍ୟ ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ। ସଙ୍ଗଠନ, ଭ୍ରମଣ, ସଭା ସମିତି, କଳା ସାହିତ୍ୟ ଓ ଆନୁଷ୍ଠାନିକ ତଥା ରାଜନୈତିକ କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ** ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ଜୀବନଯାତ୍ରାକୁ ସ୍ୱାଭାବିକ କରାଇବାରେ ସାହାଯ୍ୟ କରିବ। ସାମାଜିକ ସ୍ତରରେ ସମସ୍ୟାଗୁଡ଼ିକ ଅପସରି ଯିବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ମତଭେଦ କାରଣରୁ ପାରିବାରିକ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁମାନେ ମିଥ୍ୟାଭିଯୋଗ ଲଦିବାର ଅପଚେଷ୍ଟା କରି ପାରନ୍ତି। ଶିଳ୍ପ, ଚୁକ୍ତିପତ୍ର, ପରିବହନ, ବ୍ୟବସାୟରେ ଉନ୍ନତି ଘଟିବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କନ୍ୟା** ଆଜି ଅର୍ଥଲାଭ ସହ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଭାବପ୍ରବଣତାବଶତଃ ପ୍ରସଙ୍ଗ ବହିର୍ଭୂତ କଥା କହି ଅପଦସ୍ଥ ହୋଇପାରନ୍ତି। ଗୃହ, ଜମିଜମା, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି। ଭଲ ସମ୍ପର୍କ ନ ଥିବା ପାଖ,ପଡ଼ୋଶୀମାନେ ସମସ୍ୟା ସୃଷ୍ଟିକାରୀ ମନ୍ତବ୍ୟ ପ୍ରଦାନ କରିପାରନ୍ତି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ଭିତରେ ରଖିବାକୁ ଚେଷ୍ଟା କରିବା ଭଲ। ସାମାଜିକ ସ୍ତରରେ, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବାରରେ ବିବାଦକୁ ରୋମନ୍ଥନ କଲେ ପରିବେଶ ଅଶାନ୍ତ ରହିପାରେ। ବ୍ୟବସାୟ, ପରିବହନ, ନିର୍ମାଣ, ହୋଟେଲ ଶିଳ୍ପ କ୍ଷେତ୍ରରୁ ସୁଫଳ ପାଇପାରିବେ।

**ବିଛା** ଆଜି ପଦସ୍ଥ ବ୍ୟକ୍ତିଙ୍କ ସହ ସାକ୍ଷାତ ଆଲୋଚନା କଲେ ନିରାଶ ହେବାକୁ ପଡ଼ିବ ନାହିଁ। ପରିବାର କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଆର୍ଥିକ ସ୍ଥିତି ଭଲ ରହିବ। ପ୍ରତ୍ୟେକ ସ୍ତରରେ ନିଜର ବିଚାରବୁଦ୍ଧି ପ୍ରୟୋଗକରି କାର୍ଯ୍ୟ ହାସଲ କରିପାରିବେ। କ୍ରୀଡ଼ା, ସଙ୍ଗୀତ, କଳା, ସାହିତ୍ୟ, ପବ୍ଲିକେଶନ, ଏଜେନ୍ସିପ୍, ବ୍ୟବସାୟ ଭଲରେ ଚାଲିବ।

**ଧନୁ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାର୍ଯ୍ୟ ଆରମ୍ଭ କରିବାକୁ ମନ ବଳାଇବେ। ବ୍ୟବସାୟ, ଶିଳ୍ପ, ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ବ୍ୟାଙ୍କ, ସୋସାଇଟି ଋଣ ପରିଶୋଧ ସକାଶେ ବ୍ୟଗ୍ରତା ଅନୁଭବ କରିବେ। କଳା, ସାହିତ୍ୟ, ସଙ୍ଗୀତସମାରୋହ, ତଥା ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ମକର** ଭଲ ସମ୍ପର୍କ ଥିବା ବନ୍ଧୁଟିର ଅନୁପସ୍ଥିତି ମନଃସ୍ଥିତିକୁ ବିକ୍ଷିପ୍ତ କରିବ। ସ୍ଥଗିତ ରହିଯାଇଥିବା କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ଏବଂ ଆଶାକରିଥିବା ଦିଗରୁ ହଠାତ୍ କୌଣସି ଖବର ପାଇପାରନ୍ତି। ସଭାସମିତି, ପ୍ରଶାସନ, ଆନୁଷ୍ଠାନିକ କ୍ଷେତ୍ରରେ ଆଲୋଚନାର ସୁଯୋଗ ଜୁଟିବ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ସମସ୍ୟା ଦୂରେଇବା ସକାଶେ ବନ୍ଧୁବର୍ଗଙ୍କ ସାହାଯ୍ୟପ୍ରାର୍ଥୀ ହେବେ। ଅଟକିଥିବା କାର୍ଯ୍ୟସାଧନ କ୍ଷେତ୍ରରେ ଅର୍ଥ ସଂକଟ କାମକୁ ଅଟକାଇ ରଖିପାରେ। ସ୍ୱାର୍ଥସାଧନର ଦୂରଭିସନ୍ଧି ରଖି ଆତ୍ମୀୟ ଅସହଯୋଗ ଆଚରଣ କରିପାରନ୍ତି। ଭୁଲ୍ ବୁଝାମଣା ଜନିତ ପ୍ରଶାସନିକ ସ୍ତରରେ ବିଶୃଙ୍ଖଳା ଦେଖାଦେବାର ଆଶଙ୍କା ରହିଛି।

**ମୀନ** ପରିବାରରେ ଅସ୍ୱସ୍ତିକର ପରିବେଶକୁ ସଜାଡ଼ି ନେବାର ଉପକ୍ରମ କରିପାରନ୍ତି। ରାଜନୀତି, ପ୍ରଶାସନ, ସଂଗଠନ, କଳ କାରଖାନା, ଫାର୍ମ, ଫ୍ୟାକ୍ଟୋରି କାରବାରରେ ଉନ୍ନତି କରିବେ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥପ୍ରାପ୍ତି ପାଇଁ ଆଲୋଚନାରେ ଅଗ୍ରଗତି ଘଟିପାରେ। ଅମନଯୋଗୀ ସନ୍ତାନଙ୍କ ବିଶୃଙ୍ଖଳିତ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

ଆଜି ଜାନୁଆରୀ ୮ ତାରିଖ, ପୌଷ ଶୁକ୍ଳ ନବମୀ ଯୁକ୍ତ ଦଶମୀ ବୁଧବାର, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦଶମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୮.୩୭ମି. ମଧ୍ୟେ, ଦିବା ଘ.୧୦.୪୮ମି.ଗତେ ଘ.୧୧.୫୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୧୧.୫୩ମି. ଗତେ ଘ.୦୧.୧୫ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ତିବ୍ବତରେ ଭୂକମ୍ପ...

ସହାୟତା ମୁଖ୍ୟାଳୟ ତଥ୍ୟ ଅନୁଯାୟୀ ବେଜିଂ ସମୟ ମଙ୍ଗଳବାର ସକାଳ ୯ଟା ୫ ମିନିଟ୍‌ରେ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳର ଜିଗାଜେ ଅନ୍ତର୍ଗତ ଡିଙ୍ଗ୍ରି କାଉଣ୍ଟିରେ ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପ କେନ୍ଦ୍ରସ୍ଥଳ ତିବ୍ବତ ରାଜଧାନୀ ଲାସାଠାରୁ ଦକ୍ଷିଣ-ପଶ୍ଚିମରେ ୪୦୦ କି.ମି. ଦୂର ତଥା ନେପାଳ ସୀମାବର୍ତ୍ତୀ ଟିଙ୍ଗ୍ରୀ ଅଞ୍ଚଳର ୧୦ କିଲୋମିଟର ଗଭୀରରେ ହୋଇଥିବାବେଳେ ତୀବ୍ରତା ୬.୮ ଥିଲା ବୋଲି ଚାଇନା ଆର୍ଥକ୍ୱେକ୍ ନେଟ୍‌ୱର୍କ୍ସ

### ଭୂକମ୍ପର ଭୟାବହତା

| ତୀବ୍ରତା | ବିପଦ |
|---|---|
| ୦.୯ | କେବଳ ସିସ୍ମୋଗ୍ରାଫ୍‌ରେ ଜଣାପଡ଼େ |
| ୨-୨.୯ | ମୃଦୁ ଝଟ୍‌କା |
| ୩-୩.୯ | ମାଟି ଥରିବା ଭଳି ଅନୁଭବ |
| ୪-୪.୯ | ଝରକା କାଚ ଭାଙ୍ଗିଯାଏ |
| ୫-୫.୯ | ଘର ହଲିବା ସହ ଆସବାବପତ୍ର ଓଲଟପାଲଟ ହୁଏ |
| ୬-୬.୯ | କୋଠାର ମୂଳଦୁଆ ଓ ଉପର ମହଲା କ୍ଷତିଗ୍ରସ୍ତ ହୁଏ |

ସେଣ୍ଟର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୭.୧ ଥିବା ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଆକଳନ କରିଛି। ବଡ଼ ଭୂକମ୍ପ ପରେ ଅନ୍ୟୂନ ୬ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପୂରା ଦମ୍‌ରେ ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ଓ ଥଇଥାନ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବା ସହ ଭୂକମ୍ପ ପରବର୍ତ୍ତୀ କାର୍ଯ୍ୟ ଆଗେଇନେବାକୁ ଜିନ୍‌ପିଙ୍ଗ ଅଧିକାରୀମାନଙ୍କୁ କହିଛନ୍ତି। ଚାଇନା ଭୂକମ୍ପ ପ୍ରଶାସନ ଲେଭଲ-୨ ଏମର୍ଜେନ୍ସି ସେବା ଆରମ୍ଭ କରିବା ସହ ଘଟଣାସ୍ଥଳକୁ ରିଲିଫ୍ ସହାୟତା ସହ ଉଦ୍ଧାରକାରୀ ଟିମ୍ ପଠାଇଛି। ଟେଣ୍ଟ, କୋଟ୍, ଫୋଲ୍ଡିଂ ବେଡ୍, ରେଜେଇ ସମେତ ୨୨,୦୦୦ ରିଲିଫ୍ ସାମଗ୍ରୀ ପଠାଯାଇଛି। ଘଟଣାସ୍ଥଳରେ ୧,୫୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଗ୍ନିଶମ ଓ ଉଦ୍ଧାରକାରୀ କର୍ମଚାରୀ ପହଞ୍ଚିଛନ୍ତି।

ତିବ୍ବତରେ ବଡ଼ ଭୂକମ୍ପ ସହ ଏକାଧିକ ଥର ପଶ୍ଚାତ୍ କମ୍ପନ ହୋଇଥିବାବେଳେ ଏହାର ପ୍ରଭାବ ପଡୋଶୀ ନେପାଳର ରାଜଧାନୀ କାଠମାଣ୍ଡୁ ଏବଂ ଉତ୍ତର ଭାରତୀୟ ରାଜ୍ୟ ମୁଖ୍ୟତଃ ବିହାରରେ ଅନୁଭୂତ ହୋଇଥିଲା। ତେବେ ଭାରତ ଓ ନେପାଳରେ ଭୂକମ୍ପଜନିତ କୌଣସି କ୍ଷୟକ୍ଷତି ହୋଇଥିବାର ରିପୋର୍ଟ ମିଳିନାହିଁ। ବିହାର ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଯାୟୀ, ପାଟନା, ମଧୁବନି, ଶେଓହର, ମୁଙ୍ଗେର୍, ସମସ୍ତିପୁର, ମୁଜାଫରପୁର, କଟିହାର, ଦରଭଙ୍ଗା, ପଶ୍ଚିମ ଚମ୍ପାରନ୍, ପୂର୍ବ ଚମ୍ପାରନ୍ ସମେତ ଭାରତ-ନେପାଳ ସୀମାର ଅନ୍ୟ ଜିଲାଗୁଡ଼ିକରେ କମ୍ପନ ଅନୁଭୂତ ହୋଇଥିଲା। କଟିହାର, ପୁର୍ନିଆ, ଶେଓହର, ଦରଭଙ୍ଗା ଏବଂ ସମସ୍ତିପୁରରେ ଲୋକମାନେ ଭୟରେ ଘରୁ ବାହାରି ରାସ୍ତାକୁ ପଳାଇଆସିଥିଲେ। ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି (ଏନ୍‌ସିଏସ୍) ରିପୋର୍ଟ ଅନୁଯାୟୀ, ଭାରତୀୟ ସମୟ ସକାଳ ୬ଟା ୩୫ ମିନିଟ୍ ସମୟରେ ପ୍ରଥମ କମ୍ପନ ପରେ ଆଉ ୨ଟି କମ୍ପନ ଅନୁଭୂତ ହୋଇଥିଲା। ୭ଟା ୨ ମିନିଟ୍ ସମୟରେ ଅନୁଭୂତ ଦ୍ୱିତୀୟ କମ୍ପନର ତୀବ୍ରତା ୪.୭ ଥିବାବେଳେ ୭ଟା ୭ ମିନିଟ୍‌ରେ ତୃତୀୟ କମ୍ପନର ତୀବ୍ରତା ୪.୯ ରହିଥିଲା।

## ୫ରେ ଦିଲ୍ଲୀ ଭୋଟ...

ଦଳଗୁଡ଼ିକ କେତେକ ବିଷୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ବେଳେ ମହିଳା ବିରୋଧୀ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ସହ ପିଲାମାନଙ୍କୁ ପ୍ରଚାରରେ ନିୟୋଜିତ ନ କରିବାକୁ ସିଇସି କହିଛନ୍ତି। ନିକଟରେ ଭାଜପା ନେତା ତଥା ଦଳର କାଲ୍‌କାଜି ପ୍ରାର୍ଥୀ ରମେଶ ବିଧୁରୀ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବା ନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ସିଇସି ଉପରୋକ୍ତ ଚେତାବନୀ ଦେଇଥିଲେ। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟ ଯେପରି କେହି ନ ଦିଅନ୍ତି, ତାହା ନିର୍ବାଚନ କମିଶନ ନିଶ୍ଚିତ କରିବେ। ଏଥିପାଇଁ କଠୋର ମାର୍ଗଦର୍ଶିକା ଜାରି ହୋଇଥିବା ସିଇସି କହିଛନ୍ତି।

## ବିଶ୍ୱ ଦେଖିବ...

କେବଳ ସେତିକି ନୁହେଁ ଏହି ସମାରୋହରେ 'ପୂର୍ବୋଦୟ ମିଶନ'ରେ ଓଡିଶାର ବିକାଶକୁ ଅଗ୍ରାଧିକାର ମିଳିବ। ପ୍ରଧାନମନ୍ତ୍ରୀ ପୂର୍ବୋଦୟ ବିକାଶ ଉପରେ ଜୋର ଦେଉଛନ୍ତି ଯେଉଁଥିରେ ଓଡ଼ିଶା ଆଗରେ ରହିଛି। ଏହି ପରିକଳ୍ପିତ 'ପୂର୍ବୋଦୟ'ରେ ଓଡ଼ିଶାର ବିକାଶ ବିନା ଭାରତ ବିକଶିତ ହେବା ଅସମ୍ଭବ। ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ବିକାଶ କରାଯିବା ସହିତ କିପରି କୁଶଳୀ ମାନବ ସମ୍ବଳ ତିଆରି ହୋଇପାରିବେ ତା' ଉପରେ ବିଶେଷ ଧ୍ୟାନ ଦିଆଯାଉଛି।

ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା, ପୁଷ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇ ରାଜଧାନୀକୁ ଉତ୍ସବ ମୁଖର କରାଯାଇଛି। ଓଡ଼ିଶାର ସମୃଦ୍ଧ କଳା ଓ ଐତିହ୍ୟ ପ୍ରଦର୍ଶନ କରାଯିବାକୁ ପ୍ରଯତ୍ନ କରାଯାଇଛି। ରାଜାରାଣୀ ସଙ୍ଗୀତ ଉତ୍ସବ, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ଓଡ଼ିଶୀ ନୃତ୍ୟ ଏବଂ ପାରମ୍ପରିକ ଲୋକ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ କରାଯିବ। ପୁରୀରେ ବିଚ୍ ଫେଷ୍ଟିଭାଲ୍, ବାଲୁକା କଳା ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ଏହି ସମୟରେ ସମଗ୍ର ଭାରତର ଦୃଷ୍ଟି ଓଡ଼ିଶା ଉପରେ ରହିବ। ଯାହାର ଭରପୂର ସୁଯୋଗ ନେବାକୁ ଓଡ଼ିଶା ସରକାର ପ୍ରସ୍ତୁତ ହୋଇ ରହିଛନ୍ତି।

ଭୁବନେଶ୍ୱର ସହିତ ଏହାର ଆଖପାଖ ଅଞ୍ଚଳର ପରିମଳ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସୁନ୍ଦର ଆଲୋକ ସାଜସଜ୍ଜା କରାଯାଇ ରାଜଧାନୀ ସହରକୁ ନବବଧୂ ପରି ସଜେଇ ଦିଆଯାଇଛି। ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥିମାନଙ୍କୁ ନେବା ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ରହିବ ଯେଉଁଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜି ପ୍ରଦର୍ଶନ କରାଯିବ। ଏଥିସହ ଏକ ଡିଜିଟାଲ୍ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଛି। ଅତିଥିମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତ ମାନର ବସ ଏବଂ ୫ଟି ଡବଲ୍ ଡେକର ବସ ଚାଲିବାର ବ୍ୟବସ୍ଥା କରାଯାଇଛି। ୨୦୦ରୁ ଅଧିକ ପ୍ରବାସୀ ଖବରଦାତା , ୭ଟି ଦେଶରୁ ୟୁଟ୍ୟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରିବେ। ଏଥିସହିତ ଭୁବନେଶ୍ୱର ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗିଦାରୀ ହେବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

ବିଦେଶୀ ଭାରତୀୟମାନଙ୍କ ବହୁମୁଖୀ ଯୋଗଦାନ ବିକଶିତ ରାଜ୍ୟ ଗଠନ ଦିଗରେ ସହାୟକ ହେବ। ସେମାନେ ନିଜର ପୁଞ୍ଜିନିବେଶ କରିବାକୁ ଆଗ୍ରହ ଦେଖାଇବା ସହ ଭାରତ ବିକାଶ ଯାତ୍ରାରେ ସାମିଲ୍ ହେବେ। ବିଦେଶରେ ନିଜକୁ ଭାରତର ରାଷ୍ଟ୍ରଦୂତ ମନେକରି ସହଯୋଗର ହାତ ବଢାଇବେ। ବିଦେଶରେ ବାସ କରୁଥିବା ପ୍ରାୟ ୩୫ ନିୟୁତରୁ ଊର୍ଦ୍ଧ୍ୱ ଭାରତୀୟ ନିଜର ଗାରିମାମୟ ସଂସ୍କୃତିକୁ ନିଜର ଆଚରଣ ଓ ଉଚ୍ଚାରଣରେ ପରିବ୍ୟାପ୍ତ କରିବେ। ଭାରତକୁ ବିଶ୍ୱଗୁରୁ ଭାବେ ଉପସ୍ଥାପିତ କରିବେ। ବଦଳରେ ସମୃଦ୍ଧ ଓ ବିକଶିତ ଭାରତ ସେମାନଙ୍କୁ ନିରାପତ୍ତା ପ୍ରଦାନ କରିବ। ବିଦେଶମାଟିରେ ସମ୍ମାନର ସହିତ ବଞ୍ଚିବା ସୁଯୋଗ ପ୍ରଦାନ କରିବ। ଏହି ଲକ୍ଷ ନେଇ ପ୍ରବାସୀ ଭାରତୀୟ ଦିବସ ଉତ୍ସବ ପାଳନ ହେବାକୁ ଯାଉଛି।

ପ୍ରଥମ ଦିବସରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗ ଦେବେ। କାର୍ଯ୍ୟକ୍ରମରେ ୭ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ସହ ମୋଟ ୧୦ ହଜାର ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅତିଥିଙ୍କ ରହଣି ସ୍ଥାନ, କାର୍ଯ୍ୟକ୍ରମ ସ୍ଥଳ ଜନତା ମଇଦାନ ସହ ଭୁବନେଶ୍ୱର, କଟକ ଓ ପୁରୀର ପର୍ଯ୍ୟଟନ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି।

ଆସନ୍ତା ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ମହାସମାବେଶ ଚାଲିବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରମୁଖ ଏହି ପ୍ରବାସୀ ଭାରତୀୟ ଦିବସ ଉତ୍ସବରେ ଯୋଗଦେବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୯ରେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିବେ। ରାଷ୍ଟ୍ରପତ ଦୌପଦୀମୁର୍ମୁ ଜାନୁଆରୀ ୧୦ ତାରିଖରେ ଏହାର ଉଦଯାପନୀ ଅଧିବେଶନରେ ଯୋଗଦାନ କରିବେ। ପ୍ରବାସୀ ଭାରତୀୟ ଦିବସରେ ଅନ୍ୟ ଦେଶରୁ ଆସୁଥିବା ପ୍ରବାସୀ ଭାରତୀୟମାନେ ଯେପରି ଓଡ଼ିଶାର ସୁଖଦ ଅନୁଭୂତି ନେଇ ଯିବେ ସେଥିପାଇଁ ସମସ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ସମସ୍ତ ବିଭାଗୀୟ ସଚିବ ଓ ପଦାଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରାମର୍ଶ ଦେଇଛନ୍ତି। ଏଥିସହିତ ଏଚଏମପିଭି ଭାଇରସ ବ୍ୟାପୁଥିବାରୁ କେନ୍ଦ୍ର ସରକାରଙ୍କ ଗାଇଡ ଲାଇନ ଅନୁପାଳନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## କିଛି ନ ମିଳିବାରୁ...

ସେ ମହିଳାଙ୍କୁ ତାଙ୍କ ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ସୁନାଗହଣା ଆଦି ମୂଲ୍ୟବାନ ସାମଗ୍ରୀ ଦେବାକୁ ଧମକ ଦେଇଥିଲେ। ଚୋର ଧମକରେ ମହିଳା ଜଣକ ଭୟଭୀତ ହୋଇ ତାଙ୍କ ନିକଟରେ ସେପରି କୌଣସି ମୂଲ୍ୟବାନ୍ ସାମଗ୍ରୀ ନାହିଁ ବୋଲି କହିଥିଲେ। ଫଳରେ ଚୋର ଜଣକ ଅପ୍ରତ୍ୟାଶିତ ଭାବେ ମହିଳାଙ୍କୁ ଏକ ଚୁମ୍ବନ ଦେଇ ସେଠାରୁ ଖସି ପଳାଇଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ କୁରାର ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା(ବିଏନଏସ୍)ରେ ମହିଳାଙ୍କୁ ଅସଦାଚରଣ, ଡକାୟତି ଉଦ୍ୟମ ସମ୍ବନ୍ଧିତ ଧାରାରେ ମାମଲା ରୁଜୁ କରି ଚୋରଙ୍କୁ ଖୋଜିବା ଆରମ୍ଭ କରିଥିଲା। ମଙ୍ଗଳବାର ପୋଲିସ ଉକ୍ତ ଚୋରଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତେବେ ତାଙ୍କର ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନ ଥିଲା। ସେ ଏବେ ବେରୋଜଗାର ଅଛନ୍ତି ଏବଂ ପରିବାର ସହ ମଲାଡ୍ ଅଞ୍ଚଳରେ ରହୁଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନ ଥିବାରୁ କିଛି ଘଣ୍ଟାର ଜେରା ପରେ ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡ଼ିଦେଇଛି। ତେବେ ଘଟଣାକୁ ନେଇ ତଦନ୍ତ ଜାରି ରହିଛି ବୋଲି କୁରାର ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଏମ୍‌କେସିଜି ମେଡିକାଲରେ ଅଗ୍ନିକାଣ୍ଡ

## ଶର୍ଟ ସର୍କିଟରୁ ଜଳିଗଲା ଏସି ୟୁନିଟ୍

ବ୍ରହ୍ମପୁର,୭।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ମେଡିକାଲର ମେଡିସିନ ବିଭାଗ କୋଠାରେ ଥିବା ଏକ ଏସି ୟୁନିଟରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଛି। ଏଥିରେ କୌଣସି ରୋଗୀ କିମ୍ବା କର୍ମଚାରୀ ଆହତ ହୋଇ ନ ଥିଲେ ମଧ୍ୟ ଏସି ୟୁନିଟଟି ସମ୍ପୂର୍ଣ୍ଣ ଜଳିଯାଇଛି।

ମେଡିସିନ ବିଭାଗ କୋଠାର ୩ୟ ମହଲାରେ ଥିବା ପିଜି ସେମିନାର ହଲ ନିକଟ ପରୀକ୍ଷା ହଲର ଏସି ୟୁନିଟ ଅନେକ ଦିନ ହେବ ଖରାପ ଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ମେକାନିକ୍ ଏସି ସଜାଡିବାକୁ ଯାଇଥିଲେ। ସେ ସୁଇଚ ମାରିବା ମାତ୍ରେ ଗୋଟିଏ ଏସି ଇନ୍‌ଡୋର ୟୁନିଟରୁ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇ ହୁତୁହୁତୁ ହୋଇ ଜଳିଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀ ଓ ଆଟେଣ୍ଡାଣ୍ଟ ଯଥା ଆଲୋକ କୁମାର ଜେନା, ପ୍ରଭାତ ବେହେରା, ବବି ପାତ୍ର ଓ ଅନିଲ ଦାସ ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ଆଣି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। କିଛି ସମୟ ଭିତରେ ନିଆଁ ଲିଭିଯାଇଥିଲା। ପରେ ପୋଡି ଯାଇଥିବା ସେହି ଏସି ୟୁନିଟକୁ ବାହାର କରି ଦିଆଯାଇଛି।

# ରାଜ୍ୟରେ ଗଡ଼ିଲା ପ୍ରଥମ ଡବଲ ଡେକର ବସ୍





ଡବଲ ଡେକର ବସ୍‌ରେ ମୁଖ୍ୟମନ୍ତ୍ରୀ ଯାତ୍ରା କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ୪୦ ଇ-ବସ୍‌ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୧(ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ବୁଧବାରଠାରୁ ଆରମ୍ଭ ହେଉଛି। ଏହାର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗାଡ଼କଣସ୍ଥିତ ମୋ ବସ୍ ଡିପୋଠାରେ ରାଜ୍ୟର ପ୍ରଥମ ଡବଲ ଡେକର ବସ୍‌ର ଉଦ୍‌ଘାଟନ କରିଛନ୍ତି। ୫ଟି ଡବଲ ଡେକର ବସ୍ ସମେତ ମୋଟ୍ ୪୦ ଇ-ବସ୍‌ର ଶୁଭାରମ୍ଭ ହୋଇଛି। ଏଥିରେ ୧୦ଟି ହପ୍ ଅନ୍ ହପ୍ ଅଫ୍ ଇ-ବସ୍ ଓ ୨୫ଟି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ଇ-ବସ୍ ରହିଛି। ହପ୍ ଅନ୍ ହପ୍ ଅଫ୍ ଇ-ବସ୍ ସାଧାରଣତଃ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ପ୍ରମୁଖ ଦର୍ଶନୀୟ ସ୍ଥାନ ଏବଂ ସାଂସ୍କୃତିକ ଐତିହ୍ୟସ୍ଥଳୀକୁ ସଂଯୋଗ କରିବ। ସେହିପରି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଇ-ବସ୍‌ଗୁଡ଼ିକ ପୁରୀ ସହରରେ ବିଭିନ୍ନ ତୀର୍ଥସ୍ଥାନ ଓ ପର୍ଯ୍ୟଟନସ୍ଥଳୀକୁ ଚଳାଚଳ କରିବ।

ଡବଲ ଡେକର ବସ୍‌ରେ ପ୍ରଥମ ଯାତ୍ରୀ ଭାବେ ୨ଜଣ ଦିବ୍ୟାଙ୍ଗ ଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ହୁଇଲ ଚେୟାର ସହିତ ପ୍ରଥମ ଦୁଇଟି ବସ୍ ଟିକେଟ ପ୍ରଦାନ କରିଥିଲେ। ଏହାପରେ ଉକ୍ତ ବସ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଜନତା ମୈଦାନ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ସେଠାରେ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ବସ୍ ଟିକେଟ ପ୍ରଦାନ କରିଥିଲେ।

ବସ୍‌ଗୁଡିକରେ ର‌୍ୟାମ୍ପ୍ ସୁବିଧା ରହିଥିବାବେଳେ ଏହା ସାହାଯ୍ୟରେ ଦିବ୍ୟାଙ୍ଗ ଯାତ୍ରୀମାନେ ହ୍ୱିଲ ଚେୟାର ସହିତ ଯାତ୍ରା କରିପାରିବେ। ଏସ୍‌ଜେଟିଏ

■ ପ୍ରଥମ ଯାତ୍ରୀ ଭାବେ ଯାତ୍ରା କଲେ ୨ ଦିବ୍ୟାଙ୍ଗ
■ ମୁଖ୍ୟମନ୍ତ୍ରୀଙ୍କ ସହ ବସ୍‌ରେ ଗଲେ ଏମ୍‌ପି, ଅନ୍ୟ ଦୁଇ ମନ୍ତ୍ରୀ

ବସ୍‌ର ଭଡ଼ା ସାଧାରଣ ମୋ ବସ୍ ଭଡ଼ା ଭଳି ଥିବାବେଳେ ଡବଲ ଡେକର ବସ୍‌ର ସର୍ବନିମ୍ନ ଭଡ଼ା ୩୦ ଟଙ୍କା ଓ ସର୍ବାଧିକ ୧୭୦ ଟଙ୍କା ରହିଛି ଏବଂ ଏହା ଏକ୍ସପ୍ରେସ୍ ଭଳି ଗତି କରିବ। ସେପରି ହପ୍ ଅନ୍ ହପ୍ ଅଫ୍ ଇ-ବସ୍‌ରେ ମାତ୍ର ୨୦୦ ଟଙ୍କା ମୂଲ୍ୟରେ ଟିକେଟ ପାସ୍ ରହିଥିବାବେଳେ ଏହାଦ୍ୱାରା ଯାତ୍ରୀମାନେ ନିର୍ଦ୍ଦିଷ୍ଟ ରୁଟ୍‌ରେ ଅନବରତ ଯାତ୍ରା କରିବାର ସୁଯୋଗ ନେଇପାରିବେ। ଏସବୁ ବସ୍ ବାୟୁମଣ୍ଡଳରୁ ବହୁମାତ୍ରାରେ କାର୍ବନ ନିର୍ଗମନ ହ୍ରାସ କରିବା ସହ ଟ୍ରାଫିକ ସମସ୍ୟାକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ବିଶେଷକରି ପର୍ଯ୍ୟଟକଙ୍କ ଯାତାୟାତ ଲାଭଦାୟକ ହେବ। ଏଥିସହ ରାଜ୍ୟର ଜଣେ ସାଧାରଣ ଯାତ୍ରୀଟିଏ ମଧ୍ୟ ଏହି ସେବାର ଅନୁଭୂତି ନେଇପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ, ପ୍ରଶାନ୍ତ ଜଗଦେବ, ଉନ୍ନୟନ କମିଶନର ଅନୁ ଗର୍ଗ, ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୋ ବସ୍ ପରିଚାଳନା କରୁଥିବା କ୍ରୁଟ୍ ଏହି ଡବଲ ଡେକର ବସ୍‌ର ମଧ୍ୟ ପରିଚାଳନା କରୁଛି। ଏହି ବସ୍‌ରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ପରେ ନିୟମିତ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

# ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ବୁଲିଲେ ଜୟଶଙ୍କର

## ମହାପ୍ରଭୁଙ୍କୁ ଦର୍ଶନ କଲେ

କୋଣାର୍କ/ପୁରୀ, ୭।୧(ଜ୍ୟୋତିରାଜ ମହାନ୍ତି/ ଅଜିତ କୁମାର ମହାନ୍ତି)

ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା କେନ୍ଦ୍ର ବର୍ହିବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ମଙ୍ଗଳବାର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ଏଥିସହ ସେ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଜୟଶଙ୍କର କୋଣାର୍କ ଆସି ରାମଚଣ୍ଡୀ ସାହୁଖଣ୍ଡଠାରେ ଆୟୋଜିତ ଇକୋ ରିଟ୍ରିଟ୍‌ଠାରେ ରାତ୍ରିଯାପନ କରିଥିଲେ। ସେଠାରୁ ସେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଆସି ବ୍ୟାଖ୍ୟାନ କେନ୍ଦ୍ରେ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସେ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କିମ୍ବଦନ୍ତୀ ଓ ଇତିହାସ ଉପରେ ପର୍ଯ୍ୟବସିତ ପ୍ରାମାଣିକ ଚିତ୍ର ଦେଖିଥିଲେ। ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଏହାର ଐତିହ୍ୟ, ସ୍ଥାପତ୍ୟ, କଳାକୃତି, ଭାସ୍କର୍ଯ୍ୟ ଓ ସଂସ୍କୃତି ଅତୀବ ପ୍ରାଚୀନ ଏବଂ ଅଦ୍ୱିତୀୟ ବୋଲି ଅଭିହିତ କରିଥିଲେ। ସେହିପରି ମଧ୍ୟାହ୍ନରେ ଜୟଶଙ୍କର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତାଙ୍କୁ ସିଂହଦ୍ୱାର ନିକଟରେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ ପ୍ରଦାନ ସହ ସ୍ୱାଗତ କରାଯାଇଥିଲା। ସେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତି ଏବଂ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିବା ପରେ ପ୍ରସ୍ଥାନ କରିଥିଲେ। ପରେ ସେ ଐତିହ୍ୟ ଗ୍ରାମ ରଘୁରାଜପୁର ପରିଦର୍ଶନରେ ଯାଇଥିଲେ।



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ସହଧର୍ମିଣୀଙ୍କ ସହିତ ବର୍ହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର।

# ଦୁର୍ଘଟଣାରେ ବାପପୁଅଙ୍କ ଜୀବନ ଗଲା, ମା' ଗୁରୁତର

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଛତ୍ରପୁର,୭।୧(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ଗଞ୍ଜାମ ଜିଲା ରମ୍ଭା ଥାନା ଅଧୀନ ଅରୁଣପୁର ଛକରେ ମଙ୍ଗଳବାର ଏକ ବାଇକ୍‌କୁ ସିମେଣ୍ଟ ବୋଝେଇ ଟ୍ରକ ଧକ୍କା ଦେବାରୁ ବାପା ଓ ୯ ବର୍ଷୀୟ ପୁଅଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଡିଛିଣି ଗାଁର ମୋହନ ରାୟଗୁରୁ ଓ ତାଙ୍କ ପୁଅ ତ୍ରୟୋମ୍ବକ। ଦୁର୍ଘଟଣାରେ ଗୁରୁତର ଆହତ ମୋହନଙ୍କ ସ୍ତ୍ରୀ ଗାୟତ୍ରୀ ରାୟଗୁରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେପଟେ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ରାସ୍ତାରୋକୋ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ମୋହନ ତାଙ୍କ ସ୍ତ୍ରୀ ଓ ପୁଅକୁ ଧରି ବାଇକ୍ ଯୋଗେ ଗଞ୍ଜାମ ବ୍ଲକ ୟୁଡିଏସପୁର ଗାଁକୁ ଯାଉଥିଲେ। ଅରୁଣପୁର ଛକଠାରେ ସେମାନଙ୍କୁ ରମ୍ଭାରୁ ପୁରୀ ଜିଲା ମାଲୁଦକୁ ଯାଉଥିବା ସିମେଣ୍ଟ ବୋଝେଇ ଟ୍ରକ (ନଂ. ଓଆର ୦୭ଜେ ୬୪୬୦) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମା' ବାପାଙ୍କ ସମ୍ମୁଖରେ ତ୍ରୟୋମ୍ବକଙ୍କ ଜୀବନ ଚାଲିଯାଇଥିଲା। ଗୁରୁତର ଆହତ ମୋହନ ଓ ଗାୟତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ଲାଗି ଦମ୍ପତିଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୋହନଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଗାୟତ୍ରୀଙ୍କ ଉତ୍ତମ ଚିକିତ୍ସା ଏବଂ ପରିବାରର ଭରଣପୋଷଣ ଦାବି ନେଇ ଡିଛିଣି ଓ ଅରୁଣପୁର ଗ୍ରାମର ଯୁବକମାନେ ଅରୁଣପୁର ଗ୍ରାମସ୍ଥିତ ଅଲେଶ୍ୱର ମନ୍ଦିର ଛକ ନିକଟରେ ସନ୍ଧ୍ୟାରେ ରାସ୍ତାରୋକୋ କରିଛନ୍ତି। ଘଟଣାସ୍ଥଳରେ ହୁମ୍ମା ଫାଣ୍ଡି ଓ ରମ୍ଭା ପୋଲିସ ଏବଂ ଗଞ୍ଜାମ ଏମ୍‌ଭିଆଇ ଉପସ୍ଥିତ ରହି ତଦନ୍ତ କରୁଛନ୍ତି।

# ଦେଶ ସୁରକ୍ଷାରେ ଆଇଟିବିପିର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଇଟିବିପିର ୬୩ତମ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା,୭।୧(ପ୍ରଭାତ ପାଣିଗ୍ରାହୀ)

ଦେଶ ସୁରକ୍ଷାରେ ଇଣ୍ଡୋ ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସୀମାରେ ଆଇଟିବିପି ଯବାନ ନିୟୋଜିତ ରହିଥିବା ପର୍ଯ୍ୟନ୍ତ ଦେଶ ସୁରକ୍ଷିତ ରହିଥିବ ବୋଲି ଦେଶବାସୀଙ୍କ ବିଶ୍ୱାସ ରହିଛି। ଦେଶପାଇଁ ବଳିଦାନ ଦେଇଥିବା ଯବାନଙ୍କ ଯଥୋଚିତ ସମ୍ମାନ ଦେବା ଭାରତୀୟ ପରମ୍ପରା ରହିଛି। ଶହୀଦଙ୍କୁ ଯଥୋଚିତ ସମ୍ମାନ ଲକ୍ଷ୍ୟରେ ଆଇଟିବିପି ପକ୍ଷରୁ ୧୬୪ ସଡ଼କ, ଉଦ୍ୟାନ ନାମକରଣ କରାଯାଇଛି। ଏଥିସହିତ ଶହୀଦଙ୍କ ପରିବାରକୁ ସମସ୍ତ ସୁବିଧା ଉପଲବ୍ଧ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରକୁ ଆସିବା ପରେ ଆଇଟିବିପି ଏବଂ ଅନ୍ୟ ସୀମା ସୁରକ୍ଷା ବାହିନୀକୁ ଆଧୁନିକ ଜ୍ଞାନକୌଶଳ ନିର୍ମିତ ଅସ୍ତ୍ରଶସ୍ତ୍ର, ସମସ୍ତ ସୁବିଧା ଉପଲବ୍ଧ ପାଇଁ ସରକାରଙ୍କ ପ୍ରତିବଦ୍ଧତା ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମତରେ ଦୁର୍ଗମ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆଇଟିବିପିର କାର୍ଯ୍ୟ ପ୍ରଂଶସନୀୟ। ଅତ୍ୟଧିକ ଥଣ୍ଡାରେ ହିମ ଅଞ୍ଚଳରେ ୧୩ହଜାର ଉଚ୍ଚରେ ପରିବାରଠାରୁ ଦୂରରେ ରହି ଦେଶ ସୁରକ୍ଷା ପ୍ରତି ରହିଥିବା ପ୍ରତିବଦ୍ଧତା, ଦେଶଭକ୍ତିର ପ୍ରମାଣ ଦିଏ। ତେଣୁ ଆଇଟିବିପି ଯବାନଙ୍କୁ ଦେଶବାସୀ ହୀମବୀର ସମ୍ମାନର ଉପାଧି ଦେଇଛନ୍ତି। ଯବାନଙ୍କ ଅଦମ୍ୟ ସାହାସ, ସଙ୍କଳ୍ପ, ନିଷ୍ଠା ଦେଶର ସୀମାକୁ ସୁରକ୍ଷିତ ରଖିଛି ବୋଲି ଖୋର୍ଦ୍ଧା ତରତୁଆସ୍ଥିତ ୪୧ବାଟାଲିୟନ ୟୁନିଟ୍ କ୍ୟାମ୍ପସରେ ଆୟୋଜିତ ଆଇଟିବିପିର ୬୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଯୋଗଦେଇ ଏହା କହିଛନ୍ତି।

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ, ଛତିଶଗଡ଼ରେ ନକ୍ସଲଙ୍କୁ ଦମନ ସହ ସେଠାକାର ଯୁବକଙ୍କୁ ସ୍ୱରୋଜଗାର ଯୋଗାଇବାରେ ଆଇଟିବିପି କାର୍ଯ୍ୟ ପ୍ରଂଶସନୀୟ। ଡିଜିଟାଲ ଯୁଗରେ ଆଇଟିବିପିକୁ ଅଧିକ କ୍ରିୟାଶୀଳ, ଆଧୁନିକୀକରଣ ପାଇଁ ଗୃହ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି। ଏହି ଅବସରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରାୟ ହୀମବୀରଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁଉଜାସ-୨୦୨୫ (ସଶକ୍ତ ହୀମବୀର- ସୁସ୍ଥ ପରିବାର) ଯୋଜନା ସମେତ ଏକାଧିକ ପ୍ରକଳ୍ପ ଇ-ଡିଜିଟାଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ଆଇ ସଞ୍ଜୟ କୁମାର ଗୁଞ୍ଜାଲ, ଡିଆଇଜି ଅଶ୍ୱିନ କୁମାର ଏବଂ ରଣବୀର ସିଂଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ସମ୍ମାନରେ ସମ୍ମାନିତ କରିଥିଲେ। ଏଥିସହିତ ଶ୍ରେଷ୍ଠସୀମା ସୁରକ୍ଷା ବାହିନୀ ଭାବେ ୧୫ବାଟାଲିୟନ ସିଇଓ ଭି.ଏନ୍ ଥାପା, ସ୍ୱଚ୍ଛତା ପାଇଁ ୫୬ବାଟାଲିୟନ ସିଇଓ ଧମେନ୍ଦ୍ର କୁମାର, ରାଜଭାଷା ପାଇଁ ୩୮ବାଟାଲିୟାନ ସିଇଓ ସମନ ବାହାଦୁର ସିଂ ପ୍ରମୁଖ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଇଟିବିପି ମହାନିର୍ଦ୍ଦେଶକ ରାହୁଲ ରାସଗୋତ୍ରା ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିବା ସହ ସ୍ମାରକୀ ପ୍ରଦାନ କରିଥିଲେ। ଏହି ଅବସରରେ ଯବାନମାନେ ବିଭିନ୍ନ ପରାକ୍ରମ ଦେଖାଇଥିଲେ।

# ପ୍ରସିଦ୍ଧ ଶୁଲିଆ ଯାତ୍ରା ସମ୍ପନ୍ନ



ଶୁଲିଆ ମୁଖ୍ୟ ପୀଠ ଖଇରଗୁଡ଼ାସ୍ଥିତ ବଡ଼ଖଲାଠାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଉଛି।

ବଲାଙ୍ଗୀର/ଦେଓଗାଁ,୭।୧ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

■ ବଡ଼ଖଲା, ସାନଖଲାରେ ପଡ଼ିଲା ବଳି
■ ରକ୍ତରଞ୍ଜିତ ହେଲା ଶୁଲିଆ ପୀଠ

ପାରମ୍ପରିକ ପ୍ରସିଦ୍ଧ ଶୁଲିଆ ଯାତ୍ରା ମଙ୍ଗଳବାର ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏହି ପ୍ରସିଦ୍ଧ ଯାତ୍ରାରେ ପଡ଼ିଛି ସହସ୍ରାଧିକ ସଂଖ୍ୟାରେ କୁକୁଡ଼ା, ଛେଳି, ମେଣ୍ଢା, ବତକ, ପାରା ଓ ପୋଢ଼ ବଳି। ରକ୍ତରଞ୍ଜିତ ହୋଇଛି ଶୁଲିଆ ପୀଠ । ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲତାପଡ଼ା ଗ୍ରାମପଞ୍ଚାୟତର ଖଇରଗୁଡ଼ାସ୍ଥିତ ମୁଖ୍ୟ ଶୁଲିଆ ପୀଠ ବଡ଼ଖଲା ଏବଂ କୁମୁରିଆସ୍ଥିତ ସାନଖଲା ସମେତ ମିର୍ଦ୍ଧାପାଲି ଓ ଜିଲାର ଅନ୍ୟ ସ୍ଥାନରେ ଶୁଲିଆ ଯାତ୍ରା ସମ୍ପନ୍ନ ହୋଇଛି। ସୋମବାର ରାତିରେ ନିଶିପୂଜା ଅନୁଷ୍ଠିତ ହୋଇଥିଲା। ପୌଷଶୁକ୍ଳ ପ୍ରଥମ ମଙ୍ଗଳବାରର ଧାର୍ଯ୍ୟ ଲଗ୍ନରେ ପ୍ରସିଦ୍ଧ ଶୁଲିଆ ଯାତ୍ରା ଆରମ୍ଭ ହୋଇଥିଲା। ଖଇରଗୁଡ଼ା ଗାଁରୁ ବରୁଆମାନେ ପାରମ୍ପରିକ ଢୋଲ, ନିଶାନ ବାଜା ସହ ପାଟବୁକା, ପାଟଟାଙ୍ଗି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ମୁଖ୍ୟପୀଠ ଖଇରଗୁଡ଼ାର ବଡ଼ଖଲାକୁ ଆସିଥିଲେ । ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଦେବ ନିମନ୍ତ୍ରଣ ପରେ ସିଆଳପତ୍ର ପିନ୍ଧି ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ । ସକାଳ ୭ଟା ସୁଦ୍ଧା ମୁଖ୍ୟପୀଠ ବଡ଼ଖଲାରେ ପୂଜା ସମ୍ପନ୍ନ ହୋଇଥିଲା। ସେହିପରି ସାନଖଲାରେ ମଧ୍ୟ ପାରମ୍ପରିକ ପୂଜା କାର୍ଯ୍ୟ ଅନୁରୂପ ଭାବେ ସମ୍ପନ୍ନ ହୋଇଥିଲା । ସହସ୍ରାଧିକ ଶ୍ରଦ୍ଧାଳୁ ନଡ଼ିଆ ଭୋଗ, ପୂଜା ସାମଗ୍ରୀ ନେଇ ସେଠାକୁ ଆସିଥିଲେ। ଶୁଲିଆ ପୀଠ ସଂଲଗ୍ନ ସ୍ଥଳରେ ବଳି ଦେବା ଆରମ୍ଭ ହୋଇଥିଲା। କୁକୁଡ଼ା, ଛେଳି, ମେଣ୍ଢା, ପାରା ଓ ପୋଢ଼ ବଳି ଅର୍ପଣ କରାଯାଇଥିଲା। ବଡ଼ଖଲାରେ ୬୦ରୁ ଊର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳି,ମେଣ୍ଢା ଓ କୁକୁଡ଼ା, ପାରା ବଳି ଦିଆଯାଇ ଥିବା ବେଳେ ସାନଖଲାରେ ୪୦ରୁ ଊର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳିମେଣ୍ଢା, କୁକୁଡ଼ା, ପାରା ବଳି ପଡ଼ିଥିବା ଜଣାପଡ଼ିଛି। ଅନେକ ଶ୍ରଦ୍ଧାଳୁ ନଡିଆ ଭୋଗ ଧରି ଉଭୟ ଖଲାରେ ଶୁଲିଆ ବୁଢ଼ାଙ୍କୁ ଦର୍ଶନ କରିଥିଲେ। ବରୁଆମାନଙ୍କୁ ମନସ୍କାମନା ଜଣାଇ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ମିଳିତ ଶୁଲିଆ ଯାତ୍ରା ପୂଜା କମିଟି ସଭାପତି ମୟ ପଧାନୀ, ମୁଖ୍ୟ ପୂଜକ ସୋମନାଥ ଦେହେରିଆ, କାଳିନ୍ଦ୍ରୀ ମାଝି ଓ କୁମୁରିଆଠାରେ ତପନ କୁଅଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଖଇରଗୁଡ଼ା ଶୁଲିଆ ପୀଠରେ ମିଳିତ ଶୁଲିଆ ଯାତ୍ରା ପୂଜା କମିଟି ତରଫରୁ ଶୁଲିଆ ଯାତ୍ରାର ମାହାତ୍ମ୍ୟ, ଆଦିବାସୀଙ୍କ ପ୍ରଥା, ପରମ୍ପରା ଓ ସଂସ୍କୃତି ଉପରେ ବର୍ଣ୍ଣନା କରାଯାଇଥିଲା। ଖଇରଗୁଡ଼ା ଶୁଲିଆ ପୀଠକୁ ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯାଇ ଦର୍ଶନ କରିଥିଲେ । ସେହିପରି କୁମୁରିଆ ଶୁଲିଆ ପୀଠକୁ ବରିଷ୍ଠ ବିଜେଡି ନେତା ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯାଇ ଦର୍ଶନ କରିଥିବା ଜଣାପଡ଼ିଛି। ଏହାଛଡା ବହୁ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

ଚଳିତବର୍ଷ ଶୁଲିଆ ମହୋତ୍ସବ ଆୟୋଜନକୁ ନେଇ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ ଶୁଲିଆ ଯାତ୍ରା ସମୟରେ ମହୋତ୍ସବ ଆୟୋଜନକୁ ମନା କରାଯାଇଥିଲା। ଫଳରେ ଚଳିତବର୍ଷ ଶୁଲିଆ ପୀଠରେ ମହୋତ୍ସବ ଆୟୋଜନ ହୋଇନାହିଁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଣେ ଆଡିଶନାଲ ଏସ୍‌ପି, ୪ ଡିଏସ୍‌ପି, ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର ଉପସ୍ଥିତ ଥିଲେ।



ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା- ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। -ଶ୍ରୀଅରବିନ୍ଦ



# ଜାରୱା ବଞ୍ଚାଅ

ଭାରତର ୮ଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଆଣ୍ଡାମାନ ନିକୋବର ଦ୍ୱୀପମାଳ ଅନ୍ୟତମ। ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ୧ ନଭେମ୍ବର ୧୯୫୬ରେ ଗଠନ କରାଯାଇଥିଲା। ୫୭୨ଟି ଦ୍ୱୀପକୁ ନେଇ ଗଠିତ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ମାତ୍ର ୩୮ଟି ଦ୍ୱୀପରେ ଲୋକ ରହୁଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ, ଏହାର ଲୋକସଂଖ୍ୟା ଥିଲା ୩,୮୦, ୫୮୧। ସମଗ୍ର ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବବିବିଧତାରେ ପରିପୂର୍ଣ୍ଣ। ଏଠାରେ ଗ୍ରେଟ୍ ଆଣ୍ଡାମାନିଜ, ଓଙ୍ଗେ, ଜାରୱା, ସେଣ୍ଟିନିଲିଜ, ନିକୋବରିଜ ଏବଂ ଶୋମ୍ପେନ ଭଳି ଆଦିବାସୀ ବାସ କରନ୍ତି। ଗ୍ରେଟ୍ ଆଣ୍ଡାମାନିଜ, ଓଙ୍ଗେ, ଜାରୱା, ସେଣ୍ଟିନିଲିଜ ଓ ଶୋମ୍ପେନ ହେଉଛନ୍ତି ପୁରାତନ ଆଦିବାସୀ ବର୍ଗର। ଦକ୍ଷିଣ ଓ ମଧ୍ୟ ଆଣ୍ଡାମାନ ଦ୍ୱୀପର ପଶ୍ଚିମ ଉପକୂଳରେ ରହୁଛନ୍ତି ଜାରୱା। ଏବେ ୧୯ ଜଣ ଜାରୱାଙ୍କୁ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସାମିଲ କରାଯାଇଛି। ସେମାନଙ୍କୁ ଆଣ୍ଡାମାନ ନିକୋବର ଦ୍ୱୀପମାଳର ମୁଖ୍ୟ ଶାସନ ସଚିବ ଚନ୍ଦ୍ର ଭୂଷଣ କୁମାର ଭୋଟର ପରିଚୟ ପତ୍ର ପ୍ରଦାନ କରବା ସହ ଏହାକୁ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି। ଜାରୱା ଆଦିବାସୀଙ୍କ ସଂଖ୍ୟା ଏବେ ୩୪୧ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହା ବ୍ୟତୀତ ଆଣ୍ଡାମାନ ନିକୋବରରେ ଥିବା ଅନ୍ୟ ପୁରାତନ ଜନଜାତି ଗ୍ରେଟ୍ ଆଣ୍ଡାମାନିଜଙ୍କ ସଂଖ୍ୟା ଏବେ ୫୯, ଓଙ୍ଗେ ୧୧୦, ସେଣ୍ଟିନିଲିଜ ୨୦୦ରୁ କମ୍ ଏବଂ ଶୋମ୍ପେନଙ୍କ ସଂଖ୍ୟା ୩୦୦ରୁ କମ୍ ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଉଲ୍ଲେଖନୀୟ ଯେ, ଜାରୱା ଭୋଟ ଅଧିକାର ପାଇବା ପୂର୍ବରୁ ୨୦୨୪ ଲୋକ ସଭା ନିର୍ବାଚନରେ ପ୍ରଥମ ଥର ପାଇଁ ଶୋମ୍ପେନ ଜନଜାତିରି ୬୨ ଜଣ ଭୋଟ ଦେଇଥିଲେ। ୨୦୧୯ରେ ଓଙ୍ଗେ ଓ ଗ୍ରେଟ୍ ଆଣ୍ଡାମାନିଜ ପ୍ରଥମ ଥର ଭୋଟ ଦେଇଥିଲେ। ନିକୋବରିଜ ସମ୍ପ୍ରଦାୟ ସବୁଠୁ ଅଧିକ ଭୋଟ ଦେଉଥିବାବେଳେ ସେଣ୍ଟିଲିନିଜଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିନାହିଁ। କାରଣ ସେଣ୍ଟିଲିନିଜମାନେ ତଥାକଥିତ ସଭ୍ୟତା ସହିତ ସମ୍ପର୍କ ସ୍ଥାପନ କରିବାକୁ ଅରାଜି। ତାଙ୍କ ଦ୍ୱୀପକୁ ଯେ କୌଣସି ବ୍ୟକ୍ତି ଯାଇଛନ୍ତି, ସେଠାରୁ ବଞ୍ଚିକରି ଫେରିନାହାନ୍ତି। ସେଣ୍ଟିନିଲିଜମାନେ ଧନୁଶର ଓ ବର୍ଚ୍ଛାରେ ଆକ୍ରମଣ କରି ଅନେକଙ୍କୁ ମାରି ଦେଇଥିବାର ଜଣାଶୁଣା। ଏହା ଫଳରେ ଆଧୁନିକ ସଭ୍ୟତାଠୁ ଦୂରେଇ ରହୁଥିବା ହେତୁ ସେମାନଙ୍କ ପାଖରେ କୌଣସି ଡାକ୍ତର କିମ୍ବା ଔଷଧ ପହଞ୍ଚିପାରେ ନାହିଁ।

ସେଣ୍ଟିନିଲିଜଙ୍କ ଭଳି ତୀବ୍ର ନହେଲେ ମଧ୍ୟ ଜାରୱା ଓ ଅନ୍ୟ କ୍ଷୁଦ୍ର ଆଦିବାସୀସମୂହ ସଭ୍ୟତା ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହି ଆଦିବାସୀ ଲୋକଙ୍କୁ ଭୋଟ ଅଧିକାର ଦେଇ ସରକାର ବାହାବା ନେଉଛନ୍ତି। କିନ୍ତୁ ଏହା ମଧ୍ୟ ଧ୍ୟାନ ଦେବା ଜରୁରୀ ଯେ, ପୁରାତନ ଜନଜାତିଙ୍କ ସଂଖ୍ୟା କ୍ରମଶଃ କମୁଥିବା ସେମାନଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ବିଶେଷ କରି ଜାରୱାଙ୍କ କଥା ବିଚାରକୁ ନେଲେ ଜଣାପଡ଼େ ଯେ, ଇଂରେଜମାନେ ୧୭୮୯ରେ ଆଣ୍ଡାମାନ ନିକୋବରରେ ଉପନିବେଶ ସ୍ଥାପନ କଲା ପରେ ସବୁ ଜନଜାତି ମୁଖ୍ୟତଃ ଜାରୱାଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ଆରମ୍ଭ ହୋଇଥିଲା। ୧୯୭୦ ଦଶକରେ ଜାରୱା ରହୁଥିବା ଅଞ୍ଚଳରେ ଗ୍ରେଟ୍ ଆଣ୍ଡାମାନ ଟ୍ରଙ୍କ ରୋଡ ଯିବାପରଠାରୁ ବିପଦ ଆହୁରି ବଢ଼ିଲା। ୧୯୯୬ରେ ପ୍ରଥମ ଥର ଜଣେ ଆହତ ଜାରୱାଙ୍କୁ ଚିକିତ୍ସା କରିବାକୁ ଯାଇ ସେମାନଙ୍କ ସହ ପ୍ରଥମ ସାମାଜିକ ସମ୍ପର୍କ ସ୍ଥାପନ କରାଯାଇଥିଲା। ପରେ ୧୯୯୯ ଓ ୨୦୦୬ରେ ଭୟଙ୍କର ମିଳିମିଳା ରୋଗରେ ପ୍ରାୟ ୧୦% ଜାରୱାଙ୍କ ମୃତ୍ୟୁ ଘଟିଥିଲା। ଏହି ଜନଜାତିକୁ ମୁଖ୍ୟ ସ୍ରୋତରେ ସାମିଲ କରି ଆଧୁନିକ ସମାଜ ଆଡକୁ ଆଣିବା ପ୍ରକୃତରେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହା ବ୍ୟତୀତ ପର୍ଯ୍ୟଟକମାନେ ସେମାନଙ୍କ ଅଞ୍ଚଳକୁ ଅବାଧରେ ପ୍ରବେଶ କରୁଥିବାରୁ ସେମାନେ ଅଧିକ ରୋଗଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି। ହ୍ୟୁମାନ ସଫାରି ପାଇଁ ସେମାନଙ୍କ ଜାଗା ଦଖଲ କରାଯାଉଛି। ଜାରୱା ରହୁଥିବା ଅଞ୍ଚଳରେ ବାହାର ଲୋକମାନେ ବେଆଇନ ଶିକାର କରିବା, ଜାରୱା ମହିଳାଙ୍କୁ ଯୌନ ନିର୍ଯାତନ ଦେବା, ବାଧ୍ୟକରି ଖଟାଇବା ଓ ବାହାରର ନିଶାଦ୍ରବ୍ୟ ସେବନ କରାଇବା ଅଭିଯୋଗ ମଧ୍ୟ ଆସୁଛି। ଏବେ ସରକାର ଜାରୱାଙ୍କୁ ଭୋଟିଂ ଅଧିକାର ଦେଇ ଗଣତନ୍ତ୍ରରେ ସେମାନଙ୍କୁ ଭାଗୀଦାରି କରିବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ପ୍ରାଥମିକତା ହେଉଛି ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ବଂଶରକ୍ଷା କରିବା।

**ସରକାର ଜାରୱାଙ୍କୁ ଭୋଟିଂ ଅଧିକାର ଦେଇ ଗଣତନ୍ତ୍ରରେ ସେମାନଙ୍କୁ ଭାଗୀଦାରି କରିବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ପ୍ରାଥମିକତା ହେଉଛି ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ବଂଶରକ୍ଷା କରିବା।**

# ସୁସ୍ୱାଗତଂ



ଶ୍ରୀ ମୋହନ ଚରଣ ମାଝୀ

ଆମ ଓଡ଼ିଶାର ରାଜଧାନୀ ସହରରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ। ଏଥିରେ ଯୋଗଦେବାକୁ ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଆମର ମନ୍ଦିରମାଳିନୀ ଭୁବନେଶ୍ୱରରେ ପଦାର୍ପଣ କରିବାକୁ ପ୍ରସ୍ତୁତ। ଏଥିପାଇଁ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଥିବାର ଯେଭଳି ତଥ୍ୟ ବିଦେଶ ମନ୍ତ୍ରଣାଳୟ ସୂତ୍ରରୁ ଆସୁଛି, ତାହା ଆମକୁ ଉତ୍ସାହ ପ୍ରଦାନ କରୁଛି। ଆମେ ମଧ୍ୟ ଆଗନ୍ତୁକ ଅତିଥିମାନଙ୍କୁ ରାଜକୀୟ ଆତିଥ୍ୟ ପ୍ରଦାନ କରିବାକୁ ସମସ୍ତ ପ୍ରସ୍ତୁତିରେ ଲାଗିପଡ଼ିଛୁ। ମନ୍ତ୍ରଣାଳୟ ପକ୍ଷରୁ ଏହି ଦ୍ୱିବାର୍ଷିକ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଥିଲେ ବି ଆମ ରାଜ୍ୟର ରାଜଧାନୀ ସହରରେ ଏହି ଭବ୍ୟ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ରାଜ୍ୟବାସୀଙ୍କ ପକ୍ଷରୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ବିଦେଶାଗତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛି।

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଶ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, କେନ୍ଦ୍ର ରେଳ, ସୂଚନା ପ୍ରଯୁକ୍ତି ଓ ସୂଚନା ପ୍ରସାରଣ ତଥା ଟେଲି ଯୋଗାଯୋଗ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଏହି ପ୍ରବାସୀ ଭାରତୀୟ ଦିବସ ଉତ୍ସବରେ ଯୋଗଦେବେ। ଶ୍ରୀଜଗନ୍ନାଥ ଆଶ୍ରିତ ମୋଦିଜୀଙ୍କ ବିଚାରରେ ଭାରତ ମୂଳଖଣ୍ଡ ଯେତେ ବିକଶିତ ହେବ, ପ୍ରବାସୀ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବମାନଙ୍କ ପ୍ରଭାବ, ପ୍ରତିଷ୍ଠା ଓ ଭାବମୂର୍ତ୍ତି ସେତେ ଅଧିକ ହେବ। ବିକଶିତ ଭାରତର ସ୍ୱପ୍ନ ବାସ୍ତବରୂପ ନେବ ସେତେବେଳେ, ଯେବେ ନିଜର ପ୍ରିୟ ମାତୃଭୂମି ସହ ଆବେଗିକ ପ୍ରୀତି ଡୋରିରେ ବାନ୍ଧିହେବେ ସେମାନେ। ସେମାନେ ପରିଶ୍ରମୀ ତଥା ଜ୍ଞାନ, ଦକ୍ଷତା, ପାରଦର୍ଶିତା, ଆର୍ଥିକ ସ୍ୱଚ୍ଛଳତା ଓ ପ୍ରଯୁକ୍ତି ବିଦ୍ୟା ସମୃଦ୍ଧ। ଆଗାମୀ ସମାରୋହରେ ସେମାନଙ୍କ ବହୁମୁଖୀ ଯୋଗଦାନ ନିଶ୍ଚୟ ବିକଶିତ ଭାରତ ଗଠନ ଦିଗରେ ସହାୟକ ହେବ, ଯାହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ। ସେମାନେ ଭାରତରେ ନିଜର ପୁଞ୍ଜି ନିବେଶ କରିବେ, ନିଜକୁ ରାଷ୍ଟ୍ରଦୂତ ମନେକରି ସହଯୋଗ ବି କରିବେ। ବିଦେଶରେ ବାସ କରୁଥିବା ପ୍ରାୟ ୩.୫୪ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ନିଜର ଗରିମାମୟ ସଂସ୍କୃତିକୁ ନିଜର ଆଚରଣ ଓ ଉଚ୍ଚାରଣରେ ପରିବ୍ୟାପ୍ତ କରିବେ ଏବଂ ଭାରତକୁ ବିଶ୍ୱଗୁରୁ ଭାବେ ଉପସ୍ଥାପନ କରିବେ। ବଦଳରେ ସମୃଦ୍ଧ, ବିକଶିତ ଭାରତ ସେମାନଙ୍କୁ ପ୍ରଦାନ କରିବ ନିରାପତ୍ତା ଏବଂ ବିଦେଶ ମାଟିରେ ସମ୍ମାନର ସହିତ ବଞ୍ଚିବାର ରାହା।

ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଆୟୋଜନ କାଳରେ ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା, ପୁଷ୍ପ ପ୍ରଦର୍ଶନୀ କରାଯାଇ ରାଜଧାନୀକୁ ଉତ୍ସବମୁଖର କରାଯାଉଛି। ଓଡ଼ିଶାର ସମୃଦ୍ଧ କଳା ଓ ଐତିହ୍ୟ ପ୍ରଦର୍ଶନ କରାଯିବାକୁ ପ୍ରଯତ୍ନ କରାଯାଉଛି। ରାଜାରାଣୀ ସଙ୍ଗୀତ ଉତ୍ସବ, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ଓଡ଼ିଶୀ ନୃତ୍ୟ ଏବଂ ଲୋକ ଓ ଦେଶଜ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ କରାଯିବ। ପୁରୀରେ ବିଚ୍ ଫେଷ୍ଟିଭାଲ, ବାଲୁକା କଳା ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ସେହି ସମୟରେ ସମଗ୍ର ଭାରତର ଦୃଷ୍ଟି ରହିବ ଓଡ଼ିଶା ଉପରେ, ଯାହାର ଭରପୂର ସୁଯୋଗ ନେବାକୁ ଆମେ ପ୍ରସ୍ତୁତ ହୋଇ ରହିଛୁ।

ରାଜଧାନୀ ଓ ଆଖପାଖ ଅଞ୍ଚଳକୁ ସୁସଜ୍ଜିତ କରି ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତେ ଆଗ୍ରହର ସହ ଲାଗି ପଡ଼ିଛନ୍ତି। ସୁନ୍ଦର ଆଲୋକ ସାଜସଜ୍ଜା କରାଯାଇ ରାଜଧାନୀ ସହରକୁ ନବବଧୂ ପରି ସଜେଇ ଦିଆଯାଇଛି। ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନସ୍ଥଳୀକୁ ଅତିଥିମାନଙ୍କୁ ନେବାଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ରହିବ, ଯେଉଁଥିରେ ଶ୍ରୀଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ୍ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜିଗୁଡ଼ିକର ପ୍ରଦର୍ଶନ କରାଯିବ। ଏହା ସହ ଏକ ଡିଜିଟାଲ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଅତିଥିମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତ ମାନର ବସ୍ ଏବଂ ୫ଟି ଡବଲ ଡେକର ବସ୍ ଚାଲିବାର ବ୍ୟବସ୍ଥା କରାଯାଇଛି। ୨୦୦ରୁ ଅଧିକ ପ୍ରବାସୀ ସାମ୍ବାଦିକ, ୭ଟି ଦେଶରୁ ୟୁଟ୍ୟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ଏଥିସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗୀଦାରି ହେବାକୁ ମୁଁ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ନିବେଦନ କରୁଛି।

ବିଦେଶ ମାଟିରେ ରହୁଥିବା ଭାରତୀୟ ପ୍ରବାସୀ ଏବଂ ବଂଶୋଦ୍ଭବଙ୍କୁ ନିଜ ସଂସ୍କୃତି, ପରମ୍ପରା, ଐତିହ୍ୟ ତଥା ପୂର୍ବସୂରୀଙ୍କ ସ୍ମୃତି ସହ ଯୋଡ଼ିବା ପାଇଁ ପ୍ରବାସୀ ଭାରତୀୟ ଦିବସ ଆମକୁ ଅବସର ପ୍ରଦାନ କରିଛି। ଏହାକୁ ଆମେ ଏକ ଅନନ୍ୟ ସୁଯୋଗ ମନେକରୁଛୁ। ଆଗନ୍ତୁକ ଅତିଥିମାନେ ନିଜର ଜନ୍ମମାଟିର ଗନ୍ଧରେ ବିଭୋର ହେବାର ମହାର୍ଘ ସୁଯୋଗ ପାଇବା ସହିତ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରେ ନିଜ ଗ୍ରାମ ଓ ସହରର ଯୁବ ସମ୍ପ୍ରଦାୟଙ୍କୁ ମଧ୍ୟ ଅନୁପ୍ରାଣିତ କରିବେ। ପୂର୍ବଭାରତର କୌଣସି ରାଜ୍ୟରେ ଆଜିଯାଏଁ ଏଭଳି ଭବ୍ୟ, ବିଶାଳ ତଥା ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଏହା ପ୍ରଥମ ଘଟଣା। ଏହା ଏକ ସୁଯୋଗ, ଯାହା ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ତଥା ଓଡ଼ିଶାର ବିକାଶ ପ୍ରତି ପ୍ରତିବଦ୍ଧତା କାରଣରୁ ସମ୍ଭବ ହୋଇଛି। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏଭଳି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ଯେ କି ଲାକ୍ଷାଦ୍ୱୀପର ଆରବସାଗର କୂଳରେ ବସି ନିଜର ଫଟୋକୁ ଏକ୍ସ ସାମାଜିକ ଗଣମାଧ୍ୟମରେ ଛାଡ଼ିଦେଲେ, ଭାରତୀୟ ପର୍ଯ୍ୟଟକମାନେ ମାଲଦ୍ୱୀପ ନ ଯାଇ ଲାକ୍ଷାଦ୍ୱୀପରେ ଛୁଟି କାଟିବାକୁ ରୁଣ୍ଡ ହୋଇ ଯାଆନ୍ତି।

ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ, କଳା, ଭାଷା ଆଦି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କରି ନେତୃତ୍ୱରେ ଭାରତବର୍ଷ ଆଜି ସମସ୍ତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଓ ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛି। ବିଶ୍ୱ ନେତୃତ୍ୱ ନେବା ପାଇଁ ଭାରତବର୍ଷ ଆଜି ପ୍ରସ୍ତୁତ। ବିକଶିତ ଭାରତ ଗଠନ ପାଇଁ ଦେଶବାସୀ ଯାତ୍ରା ଆରମ୍ଭ କରିଦେବା ବେଳେ ଆମେ ଓଡ଼ିଶାବାସୀ ବିକଶିତ ଓଡ଼ିଶା ଗଠନ କରିବାର ଦୁର୍ବାର ଶପଥ ନେଇଛେ। ଏହି ସମୟରେ ଆମକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ଆମର ହାତ ଧରି ଆଗେଇ ନେବାକୁ ପ୍ରଧାନମନ୍ତ୍ରୀ ଓଡ଼ିଶାର ବନ୍ଧୁ ଭାବେ ସବୁବେଳେ ରହିଛନ୍ତି, ଏହା ଆମକୁ ଆଶ୍ୱସ୍ତ କରିଛି। ତାଙ୍କର ମହାନୁଭବ ବନ୍ଧୁତାକୁ ଆମେ ହୃଦୟଙ୍ଗମ କରିଛେ, ଯେତେବେଳେ ସେ ଇଣ୍ଡୋନେସିଆ ଗସ୍ତ କାଳରେ କଟକର ବାଲିଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଭାରତ ମଣ୍ଡପରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ 'କୋଣାର୍କ ଚକ୍ର'ର ପ୍ରଦର୍ଶନ ବିଶ୍ୱନେତାଙ୍କୁ ବିମୋହିତ କରିଥିଲା। ବିଶ୍ୱ ନେତାବୃନ୍ଦଙ୍କୁ ଏହି କୋଣାର୍କ ଚକର ବୈଶିଷ୍ଟ୍ୟ ଓ କାରୁକାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ପ୍ରଧାନମନ୍ତ୍ରୀ ପୂର୍ବୋଦୟ ବିକାଶ ଉପରେ ଜୋର୍ ଦେଉଛନ୍ତି, ଯେଉଁଥିରେ ଓଡ଼ିଶା ସବୁଠୁ ଆଗରେ ରହିବ। 'ପୂର୍ବୋଦୟ ମିଶନ'ରେ ଓଡ଼ିଶା ସମେତ ପୂର୍ବ-ଭାରତର ତ୍ୱରିତ ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କର ଦୂରଦୃଷ୍ଟିସମ୍ପନ୍ନ ଯୋଜନା ହେଉଛି 'ପୂର୍ବୋଦୟ'। ଏହାର ପ୍ରମୁଖ ବିନ୍ଦୁ ହେଉଛି ବିକାଶ। ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ପୂର୍ବୋଦୟ'ରେ ଓଡ଼ିଶାର ବିକାଶ ବିନା ଭାରତ ବିକଶିତ ହେବା ଅସମ୍ଭବ। ପୂର୍ବ- ଭାରତର ରାଜ୍ୟଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ବିକାଶ କରାଯିବା ସହିତ କିପରି କୁଶଳୀ ମାନବ ସମ୍ବଳ ତିଆରି ହୋଇପାରିବେ, ତା' ଉପରେ ବିଶେଷ ଧ୍ୟାନ ଦିଆଯାଉଛି।

ମୋଦୀ ଗରିବ ଘରେ ଜନ୍ମ ନେଇ ମଧ୍ୟ ନିଜର ଅଧ୍ୟବସାୟ, ରାଷ୍ଟ୍ରଭକ୍ତିକୁ ପୁଞ୍ଜିକରି ଲୋକଙ୍କର ପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ପ୍ରତିଷ୍ଠା ପାଇଛନ୍ତି। ଗରିବ ହୋଇ ନ ଥିଲେ, ହୁଏତ ସେ ସମସ୍ତଙ୍କ ନାମରେ ବ୍ୟାଙ୍କ ଜମାଖାତା, ପ୍ରତି ଘରକୁ ପାଇଖାନା ଓ ବିଶୁଦ୍ଧ ପାନୀୟ ଜଳ ଦେବାକୁ ଏଭଳି ତତ୍ପରତା ପ୍ରଦର୍ଶନ କରିପାରି ନଥା'ନ୍ତେ। ସାଧାରଣ ଗରିବ ଲୋକଟିର ଆବଶ୍ୟକତା ପୂର୍ତ୍ତି ପାଇଁ ତାଙ୍କର ମାନବବାଦୀ ଦୃଷ୍ଟିଭଙ୍ଗୀକୁ ଓଡ଼ିଶାର ଗୋଟିଏ ଗରିବ ଆଦିବାସୀ ପରିବାରରେ ଜନ୍ମ ନେଇଥିବା ମୋ ଭଳି ଜନସେବକ ଅତ୍ୟନ୍ତ ଆଗ୍ରହର ସହିତ ଲକ୍ଷ୍ୟ କରିଛି ଓ ଅନୁପ୍ରାଣିତ ହୋଇଆସିଛି। ସେ ବାରମ୍ବାର ଓଡ଼ିଶା ଆସିଛନ୍ତି, ଆମକୁ ଉତ୍ସାହିତ କରିଛନ୍ତି ଓ ଏଠାରେ ମଧ୍ୟ ରାତ୍ରିଯାପନ କରିଛନ୍ତି। ବିଶ୍ୱର ସବୁଠୁ ଅଧିକ ଲୋକପ୍ରିୟ ନେତା ମୋଦିଜୀଙ୍କର ସରଳତା, ପ୍ରତିବଦ୍ଧତା ଓ କର୍ମନିଷ୍ଠା ସମସ୍ତଙ୍କୁ ପ୍ରେରଣା ଦେଇଆସିଛି। ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ସେ ଉଦ୍‌ଘାଟନ କରିବେ, ଏହା ହୁଏତ ଏକ ବିଧି ବ୍ୟବସ୍ଥା, କିନ୍ତୁ ତାଙ୍କର ଗରିମାମୟ ଉପସ୍ଥିତି କେବଳ ପ୍ରବାସୀ ଭାରତୀୟ ଓ ବଂଶୋଦ୍ଭବ କାହିଁକି, ସମସ୍ତ ଦେଶବାସୀଙ୍କୁ ପ୍ରଭାବିତ କରିବ। ସେହି ପ୍ରଭାବକୁ ଆୟୁଧ କରି ଆମେ ଓଡ଼ିଶାକୁ ଦେଶର ଅନ୍ୟତମ ବିକଶିତ ରାଜ୍ୟରେ ପରିଣତ କରିବୁ। ଦେଶକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି କରିବାରେ ଯେପରି ବିକଶିତ ଓଡ଼ିଶା ନିର୍ଣ୍ଣାୟକ ଭୂମିକା ନେବ, ସେଥିପାଇଁ ପ୍ରଯତ୍ନ କରିବୁ।

ମୁଁ ଏହି ସମାରୋହକୁ ମହୋତ୍ସବ ଭାବେ ପାଳନ କରିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିବା ସହିତ 'ଅତିଥି ଦେବୋ ଭବଃ' ମନ୍ତ୍ରରେ ଅଭିମନ୍ତ୍ରିତ ହେବାକୁ ଅନୁରୋଧ କରିବି। ସର୍ବଶ୍ରେଷ୍ଠ ଆତିଥ୍ୟ ପାଇ ପ୍ରବାସୀମାନେ ନିଜର କର୍ମକ୍ଷେତ୍ରକୁ ଫେରିଗଲା ପରେ ଓଡ଼ିଶା ନିଶ୍ଚୟ ତାହାର ଲାଭ ପାଇବ, ଏହା ଓଡ଼ିଶାର ବନ୍ଧୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓ ମୋର ବିଶ୍ୱାସ। ମୁଁ ପୁଣି ଥରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରୁଛି।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଦୁର୍ନୀତିର ଚକ୍ରବ୍ୟୂହ



ସୁନୀଲ କୁମାର ମିଶ୍ର

ଓଡ଼ିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ହେଲେ ଦୁର୍ନୀତି ଓଡ଼ିଶାର ଅଭିବୃଦ୍ଧିକୁ ବାଧା ଦେଉଛି। ଦୁର୍ନୀତି ରୂପକ ସଂକ୍ରାମକ ବ୍ୟାଧିଟି ସମାଜର ପ୍ରତିଟି ସ୍ତରରେ ବିସ୍ତାରିତ ହୋଇସାରିଛି। ଏହା ସୃଷ୍ଟି କରିଛି କର୍ତ୍ତବ୍ୟହୀନତା ଏବଂ କର୍ମବିମୁଖତା। ଏହା ଆମ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରରେ ପ୍ରଭାବ ପକାଇବା ସହିତ ଓଡ଼ିଶାର ଅଭିବୃଦ୍ଧିକୁ ଅଣଲକ୍ଷ୍ୟ କରିଛି। ପରୀକ୍ଷା ପୂର୍ବରୁ ପଦବୀ ବିକ୍ରି ସରୁଛି। କହିବାକୁ ଲଜ୍ଜା ଲାଗେ ଯେ ଆମ ରାଜ୍ୟରେ ନିଯୁକ୍ତି ସ୍ତରରେ ବଡ଼ ବଡ଼ ଦୁର୍ନୀତି ଘଟିଚାଲିଛି। ଏଏସ୍‌ଓ ପରୀକ୍ଷାରେ ହୋଇଥିବା ଦୁର୍ନୀତି ଏକ ନଗ୍ନ ଉଦାହରଣ। ଦୁର୍ନୀତିର ପ୍ରମୁଖ କାରଣ ହେଉଛି ଚାକିରି ସୁଯୋଗର ଅଭାବ, କଠୋର ଦଣ୍ଡ ବିଧାନର ଅଭାବ, ନିଯୁକ୍ତି କ୍ଷେତ୍ରରେ ବୟସ ସୀମାର ତାରତମ୍ୟ। ଜନଗଣନା ଅନୁସାରେ ଓଡ଼ିଶାର ସ୍ଥାନ ନବମ। ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଆଜି ଏଠାରୁ ଦୁର୍ନୀତି ଲୋପ ହୋଇପାରୁନାହିଁ। ବିଗତ ସରକାର ୨୪ ବର୍ଷ ଶାସନରେ ରହିଲେ ମଧ୍ୟ ଓଡ଼ିଶାରେ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିବାରେ ସକ୍ଷମ ହୋଇ ନ ଥିଲେ ଏବଂ ସରକାରୀ କ୍ଷେତ୍ରରେ ମଧ୍ୟ ଯେତିକି ପଦବୀ ସୃଷ୍ଟି କରିବା କଥା ସେତିକି କରିପାରି ନ ଥିଲେ। ଯେତିକି ବି ସୃଷ୍ଟି କରିଥିଲେ ସେତକ ସମୁଦ୍ରକୁ ଶଙ୍ଖେ। ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ ଗ୍ରନ୍ଥାଗାରିକ ପଦବୀ ଯାହା ଏପର୍ଯ୍ୟନ୍ତ ଖାଲିପଡ଼ିଛି ପୂରଣ ହୋଇ ନାହିଁ। ଭାଷା ସାହିତ୍ୟ ଓ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ, ଉଚ୍ଚ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଆଦର୍ଶ ବିଦ୍ୟାଳୟ, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ପଦବୀ ଖାଲି ରହିଛି। ତେଲିଆ ମୁଣ୍ଡରେ ତେଲ' ନୀତି ଅନୁସରଣ କରିଛନ୍ତି ରାଜ୍ୟ ସରକାର ବହୁ ବିଭାଗରେ ଯୁବତୀଯୁବକମାନଙ୍କୁ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ସୁଯୋଗ ଦିଆ ନ ଯାଇ ଅବସରପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରାଯାଉଛି, ଯାହା ଫଳରେ ଯୁବ ପିଢ଼ି ଆଜି ହତୋତ୍ସାହିତ ହୋଇପଡ଼ିଛି।

ଚାକିରି ସୁଯୋଗର ଅଭାବରେ ବଢୁଥିବା ବେକାରି ସମସ୍ୟା ଯୁବ ସମାଜକୁ ଦୁର୍ନୀତି ଆଡ଼କୁ ଟାଣି ନେଉଛି। ଧୈର୍ଯ୍ୟହୀନ ହୋଇ ସେମାନେ ଟଙ୍କା ଦେଇ ଚାକିରି କିଣି ଦୁର୍ନୀତିରେ ଲିପ୍ତ ହେଉଛନ୍ତି। 'ପେଟ ପୋଷ ନାହିଁ ଦୋଷ' ନୀତି ସେମାନେ ଅବଲମ୍ବନ କରୁଛନ୍ତି। ଚାକିରି ନିମନ୍ତେ ଠିକ୍ ସମୟରେ ପଦବୀ ପୂରଣ ହେବାରେ ବିଳମ୍ବ ହେଉଥିବାରୁ ଚାକିରି ଆଶାରେ କେତେଜଣ ଶିକ୍ଷିତ ବେକାର ଚାକିରି ସନ୍ଧାନରେ ଦେଶାନ୍ତର ହେଉଛନ୍ତି। ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ କିଛି ପଦବୀ ବାହାରି ନ ଥିଲା ଓ ଚାକିରି ଅସ୍ଥାୟୀ ଥିଲା। ନିର୍ବାଚନ ଆଳରେ ପଦବୀ ବାହାର କରି ଦିଆଯାଇଥିଲା ଏବଂ ପଦବୀ ବିକ୍ରି ମଧ୍ୟ ହୋଇ ଯାଇଥିଲା। ଯାହା ଫଳରେ ଅସଂଖ୍ୟ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୨୦୧୨ ମସିହାରେ ବାହାରିଥିବା ଏଏସ୍‌ଓ ପଦବୀ, ୨୦୧୮ ଓ ୨୦୨୧ରେ ହୋଇଥିବା ଏଏସ୍‌ଓ ପରୀକ୍ଷା, ୨୦୨୨ ଓ ୨୦୨୩ରେ ହୋଇଥିବା କନିଷ୍ଠ ଶିକ୍ଷକ ପରୀକ୍ଷା, ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପରୀକ୍ଷା, କିରାଣି ପରୀକ୍ଷା, ପୋଲିସ ଏଏସ୍‌ଆଇ ପରୀକ୍ଷା, ୨୦୨୪ରେ ହୋଇଥିବା ଏଲ୍‌ଆଇ ଫରେଷ୍ଟ ଗାର୍ଡ, ଆର୍‌ଆଇ, ଏଆର୍‌ଆଇ, ଅମିନ ପରୀକ୍ଷାରେ ହୋଇଥିବା ଦୁର୍ନୀତି ସ୍ପଷ୍ଟ ବାରି ହେଉଛି। ଆମ ରାଜ୍ୟ ସରକାର ଆଣିଥିବା ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଧେୟକ ଓଡ଼ିଶା ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ଏହା କାର୍ଯ୍ୟକାରିତା ହେବାରେ ବିଳମ୍ବ ହେଉଛି। ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଫରେଷ୍ଟ ଗାର୍ଡ ପରୀକ୍ଷା ପାଇଁ କିଛି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ନିଆଯାଇନାହିଁ, ଯାହା ଫଳରେ ଚାକିରି ଆଶାୟୀମାନେ ଭବିଷ୍ୟତକୁ ନେଇ ଚିନ୍ତିତ। ବିଭିନ୍ନ ରାଜ୍ୟର ସରକାର ସରକାରୀ ଚାକିରି ନିମନ୍ତେ ଖାଲି ଥିବା ପଦବୀ ପୂରଣ କରିବା ସହିତ ଚାକିରି କ୍ଷେତ୍ରରେ ବୟସ ସୀମା ୪୦ରୁ ଊର୍ଦ୍ଧ୍ୱ ରଖିଥିବା ସମୟରେ ଆମ ରାଜ୍ୟ ଓଡ଼ିଶାରେ ତାହା ୩୨ ବର୍ଷ। ତିନି ବର୍ଷ ପାଇଁ ଅସ୍ଥାୟୀ ଭାବରେ ପୂର୍ବ ସରକାର ବୟସ ସୀମା ବଢ଼ାଇ ୩୮ ବର୍ଷ କରିଥିଲେ। ସରକାରୀ ଚାକିରି କ୍ଷେତ୍ରରେ ବୟସ ସୀମା ୪୩ ବର୍ଷକୁ ବଢ଼ିଲେ ଅନେକ ସରକାରୀ ଚାକିରି ଆଶାୟୀ ଚାକିରି କରିବା ନିମନ୍ତେ ସୁଯୋଗ ପାଇବେ। ବାରମ୍ବାର ପଦବୀ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ କରି ପୁନର୍ବାର ସେହି ନିଯୁକ୍ତି ନିମନ୍ତେ ଆବେଦନକୁ ଘୁଞ୍ଚାଇ ନୂତନ ତାରିଖ ଦେଇ ଆମ ସରକାର ଶେଷରେ ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ଭାବନାକୁ ଅଘାତ କରିଚାଲିଛନ୍ତି। କଥାରେ ଅଛି ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡ଼ା କାଠ। ବାରମ୍ବାର ଏହି ପରି ଦୁର୍ନୀତି ଘଟୁଥିବା କାରଣରୁ ଓଡ଼ିଶାରେ ଆଜି ଦେଶର ଅନ୍ୟ ରାଜ୍ୟ ତୁଳନାରେ ବେକାରି ସଂଖ୍ୟାରେ ଅଧିକ। ପରୀକ୍ଷା ଉପଯୁକ୍ତ ସମୟରେ ହୋଇ ଫଳାଫଳ ପ୍ରକାଶ ହେବାରେ ବିଳମ୍ବ ହେବା ସହିତ କେତେ ସରକାରୀ ଚାକିରି ଆଶାୟୀଙ୍କ ବୟସ ସୀମା ବଢ଼ିଚାଲିଛି, ଯାହା ଫଳରେ ସେମାନେ କୌଣସି ବି ଚାକିରି ନିମନ୍ତେ ଇଚ୍ଛା ଥାଇ ମଧ୍ୟ ଆବେଦନ କରିବାରେ ସକ୍ଷମ ହୋଇ ପାରୁନାହାନ୍ତି। ଲୋୟର ପିଏମ୍‌ଜିରେ ବସି ଆର୍‌ଆଇ, ଅମିନ ପରୀକ୍ଷାରେ ହୋଇଥିବା ଦୁର୍ନୀତି ବିଷୟରେ ଜଣାଇ ଅସଂଖ୍ୟ ଛାତ୍ରୀଛାତ୍ର ଗଳା ଫଟେଇ ଡାକିଲେ ମଧ୍ୟ ସେ ଗର୍ଜନ ସରକାରଙ୍କ କର୍ଣ୍ଣପାତ ହେଉନାହିଁ। ଗୋଟିଏ ପକ୍ଷରେ ଉପଯୁକ୍ତ ସଚେତନତା ଏବଂ ଅପର ପକ୍ଷରେ ସରକାରୀ କ୍ରିୟାଶୀଳତା ଦୁର୍ନୀତି ରୂପକ ସଂକ୍ରାମକ ବ୍ୟାଧିକୁ ହଟେଇବାରେ ସଫଳ ହୋଇପାରିବ। ଏପରି ହେଲେ ସାମାଜିକ ସ୍ତରରେ ନ୍ୟାୟ ପ୍ରତିଷ୍ଠିତ ହୋଇପାରିବ।



ମୋ: ୯୭୭୬୮୪୨୬୭୨

## ଏଇ ଭାରତରେ

ଦୟାଭାବ ଓ ଦୃଢ଼ ଇଚ୍ଛାଶକ୍ତି ସେବା ପାଇଁ ପଥ ଖୋଲିଦିଏ, ଯାହା ଘଟିଛି ଇନ୍ଦ୍ରାଣୀଙ୍କ ଜୀବନରେ। ପଶ୍ଚିମବଙ୍ଗ ପୁରୁଲିଆର ଏକ ଛୋଟ ଗାଁରେ ରୁହନ୍ତି ଇନ୍ଦ୍ରାଣୀ। ଏହି ଗାଁରେ ବୁଲା କୁକୁରଙ୍କୁ ନିର୍ଯାତନା ଦିଆଯିବା ସମୟରେ ସେ ତାହାର ବିରୋଧ କରିଥିଲେ। ସେ ବୁଲାକୁକୁରଙ୍କୁ ସୁରକ୍ଷା ଦେବା ଲାଗି ଉପାୟ ମଧ୍ୟ ଚିନ୍ତା କରିଥିଲେ। ପରେ ସେମାନଙ୍କୁ ସାହାଯ୍ୟ କରିବା ଲାଗି ସେ ସୋସିଆଲ ମିଡିଆରେ ପ୍ରଚାର କରି ସଫଳ ହୋଇଛନ୍ତି। ସୋସିଆଲ ମିଡିଆରେ ଇନ୍ଦ୍ରାଣୀଙ୍କ ଅନୁରୋଧକୁ ଦେଖି ଏବେ ତାଙ୍କ ସହ ୧୦୦ରୁ ଅଧିକ ପ୍ରାଣୀପ୍ରେମୀ ସାମିଲ ହୋଇ ସାରିଲେଣି। ଫଳରେ ସେ ନିଜ ଗାଁ ତଥା ଆଖପାଖ ଅଞ୍ଚଳରେ ବୁଲାକୁକୁରଙ୍କୁ ଖୁଆଇବାକୁ ଦେବା ସହ ସେମାନଙ୍କ ଯତ୍ନ ନେଇ ପାରୁଛନ୍ତି। ଇନ୍ଦ୍ରାଣୀ ଏବେ ସୁଦ୍ଧା ତାଙ୍କ ଅଭିଯାନ ଜାରି ରଖିଛନ୍ତି ଓ ଆହୁରି ଅଧିକ ସଂଖ୍ୟକ ପ୍ରାଣୀପ୍ରେମୀଙ୍କ ସହଯୋଗ ପାଇବାକୁ ଲକ୍ଷ୍ୟ ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜାନୁଆରୀ ୧୯୭୬

- ଜୟପୁର ଓ ଗୋଆଲିୟର ପୂର୍ବତନ ରାଜପରିବାରଙ୍କ ଘରୁ ଆୟକର ଓ ସ୍ୱର୍ଣ୍ଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୩ କୋଟି ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ।
- ଚନ୍ଦ୍ରଶେଖର ଓ ମୋହନ ଧରିଆଙ୍କ ସମେତ ୭ ଜଣ ପାର୍ଲାମେଣ୍ଟ ସଭ୍ୟଙ୍କୁ କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିରୁ ବହିଷ୍କାର କରାଯାଇଛି।

## ଚିରନ୍ତନୀ

ଭେଦି ସିନ୍ଧୁ ଗରଜନ
କାତର ତା'ର କ୍ରନ୍ଦନ
ସଞ୍ଚରି ପରାଣ ମନ
କରେ ମୋତେ ମୂକ
ତାରାରାଜି ଲଭେ ମହା ଦୁଃଖ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 6 |
| | | | | | | 5 | | 4 |
| 2 | 3 | | | | | 1 | | |
| | 5 | 1 | | 7 | | 8 | | |
| 9 | | | | 8 | 1 | | 5 | |
| | 8 | | 4 | | 6 | 3 | | |
| | | | | | 9 | | 1 | |
| | 4 | | | 1 | | | 8 | |
| 6 | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 2 | 1 | 9 | 4 | 8 | 6 | 7 |
| 9 | 1 | 7 | 3 | 8 | 6 | 2 | 5 | 4 |
| 4 | 8 | 6 | 7 | 5 | 2 | 3 | 1 | 9 |
| 1 | 4 | 8 | 2 | 6 | 9 | 5 | 7 | 3 |
| 7 | 9 | 5 | 8 | 3 | 1 | 4 | 2 | 6 |
| 6 | 2 | 3 | 4 | 7 | 5 | 9 | 8 | 1 |
| 8 | 7 | 9 | 5 | 1 | 3 | 6 | 4 | 2 |
| 5 | 3 | 4 | 6 | 2 | 7 | 1 | 9 | 8 |
| 2 | 6 | 1 | 9 | 4 | 8 | 7 | 3 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରତ୍ନଚିରା ମୁହାଣ ପଙ୍କୋଦ୍ଧାର କେବେ

ମହାଶୟ,

ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ବର୍ଷରେ କେନ୍ଦ୍ର ଓ ପ୍ରାଦେଶିକ ସରକାର ଜନକଲ୍ୟାଣ ପାଇଁ ବିବିଧ ଯୋଜନା ପ୍ରସ୍ତୁତ କରି କେବଳ ପ୍ରଚାରସର୍ବସ୍ୱ ହେବା ସ୍ଥଳେ ଏହାର ସୁଫଳ ବୋଧେ ଶୂନ କହିଲେ ଅତ୍ୟୁକ୍ତି ହେବନି। ଉଦାହରଣ ସ୍ୱରୂପ, ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନା ସତ୍ତ୍ୱେ ବିଭିନ୍ନ ନଦୀରୁ ସୃଷ୍ଟି ହୋଇଥିବା ଉପନଦୀ ଓ ଶାଖାନଦୀର ମୁହାଣ ଓ ଶଯ୍ୟା ପୋତିହୋଇ ଏହା ସରସ୍ୱତୀ ନଦୀ ଭଳି ବିଲୁପ୍ତି ଓ ବିସ୍ମୃତିର ଗର୍ଭକୁ ଚାଲିଯିବାକୁ ବସିଥିବା ବେଳେ ଏଥିପ୍ରତି କାହାର ନିଘା ଅଛି। କହିବା ବାହୁଲ୍ୟ, ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅଧୀନ ଖଜୁରିଆ ବାଲୁଙ୍କେଶ୍ୱର ବିଦ୍ୟାପୀଠ ସମ୍ମୁଖ ଭାର୍ଗବୀ ନଦୀରୁ ରତ୍ନଚିରା ନାମକ ଆବିର୍ଭୂତ ଏକ ଉପନଦୀର ମୁହାଣରେ ପଟୁ ଓ ପଙ୍କ ଜମି ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ମୁହାଣରେ ଦଳ ଲାଖି ରହୁଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ମୁହାଣ ଖନନ ପାଇଁ ସାଧାରଣରେ ଦାବି ହେଉଛି।

-ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଶନ କାର୍ଡଧାରୀଙ୍କୁ ଚାଉଳ, ଗହମ ଦ୍ୱନ୍ଦ୍ୱ

## କୋଟାରୁ ବଞ୍ଚିତ ହେବେ ଶତାଧିକ ହିତାଧିକାରୀ

**ରସୁଲପୁର,୭ା୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ପଞ୍ଚାୟତରେ ପ୍ରାୟ ୪୦ହଜାରୁ ଊର୍ଦ୍ଧ୍ୱ ପରିବାରକୁ ରାଶନ କାର୍ଡ ପ୍ରଦାନ କରାଯାଇଛି । ଏହି କାର୍ଡ ଜରିଆରେ ପରିବାର ପ୍ରତ୍ୟେକ ସଦସ୍ୟ ମୁଣ୍ଡପିଛା ୫କେ.ଜି ଚାଉଳ/ଗହମ ଓ ଅନ୍ତ୍ୟୋଦୟ ଅନ୍ନଯୋଜନା ହିତାଧିକାରୀ ପରିବାରକୁ ୩୫ କେ.ଜି. ଚାଉଳ/ଗହମ ପ୍ରଦାନ କରାଯାଉଥିଲା । ୨୦୨୩ ଜୁନ୍‌ରୁ ଆଉ ଗହମ ମିଳୁନାହିଁ। ହିତାଧିକାରୀମାନେ ଗହମ ବଦଳରେ ଚାଉଳ ଉଠାଣ କରୁଛନ୍ତି ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ପୁଣି କାର୍ଡଧାରୀଙ୍କୁ ଗହମ ମିଳିବ ବୋଲି ଘୋଷଣା କରାଯାଇଥିଲା । ଗହମ ଡିସେମ୍ବର କୋଟା ଉଠାଣ ବେଳେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ମୁତାବକ ରିଟେଲରମାନେ ୩ ମାସ(ଅକ୍ଟୋବର, ନଭେମ୍ବର, ଡିସେମ୍ବର)ପାଇଁ କାର୍ଡଧାରୀମାନଙ୍କୁ ନିର୍ଦ୍ଧାରିତ କୋଟାରୁ କାର୍ଡରେ ଉଲ୍ଲେଖ ହୋଇଥିବା ଚାଉଳ ପ୍ରଦାନ କରିଥିଲେ । ଗହମ କୋଟା ପରେ ଦିଆଯିବ ବୋଲି କହିଥିଲେ । ଶେଷ ମୁହୂର୍ତ୍ତରେ କାର୍ଡଧାରୀଙ୍କୁ ଗହମ ବଦଳରେ ପୁଣି ଚାଉଳ ପ୍ରଦାନ କରାଯିବା ନେଇ ରିଟେଲରମାନଙ୍କୁ ସୂଚନା ଦିଆଯାଇଥିଲା । ଏହି ଭଳି ନିଷ୍ପତ୍ତି ଯୋଗୁ ବ୍ଲକ ଅଞ୍ଚଳର ଶତାଧିକ ହିତାଧିକାରୀ ଖାଉଟି ଦୋକାନରେ ପହଞ୍ଚି ପସ୍ ମେଶିନରେ ଟିପ ଓ ଆଖି ଡୋଳା ଚିହ୍ନିତ କରିପାରି ନ ଥିଲେ । ଫଳରେ ପରିବାରର ଗହମ ବାବଦକୁ ବକେୟା ଥିବା କୋଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାରୀ ନିଷ୍ପତ୍ତିରେ ପରିବର୍ତ୍ତନ ଯୋଗୁ ଚାଉଳ/ଗହମ ପ୍ରଦାନକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି । ଫଳରେ ଗରିବ ପରିବାରରେ ଖାଦ୍ୟାଭାବ ଦେଖାଦେଇଛି।

୨୦୧୫ରୁ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ବଳରେ ଯୋଗ୍ୟ ହିତାଧିକାରୀମାନଙ୍କୁ ରାଶନ କାର୍ଡ ଜରିଆରେ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି । ଏହି ସମାଗ୍ରୀ ପ୍ରତ୍ୟେକ ମାସରେ ରିଟେଲର ଦୋକାନରେ ଉପଲବ୍ଧ ହେଉଥିଲା । କରୋନା କାଳରୁ ଭିଡକୁ ନିୟନ୍ତ୍ରଣ କରିବା ଆଳରେ କାର୍ଡଧାରୀମାନଙ୍କୁ ରାଶନ ସାମଗ୍ରୀ ପ୍ରତି ମାସରେ ପ୍ରଦାନ କରା ନ ଯାଇ ଏକାଥରେ ୨ ରୁ ୩ମାସ ପର୍ଯ୍ୟନ୍ତ ଚାଉଳ ଓ ଗହମ ପ୍ରଦାନ କରାଯାଉଥିଲା । ଏହି କ୍ରମରେ ବକେୟା ୩ମାସର ରାଶନ ସାମଗ୍ରୀକୁ ଡିସେମ୍ବରରେ ପ୍ରଦାନ କରାଯାଇଥିଲା । ଏଥିପାଇଁ ରିଟେଲରମାନେ ପରିବାରର ଅତି କମ୍‌ରେ ଜଣେ ସଦସ୍ୟଙ୍କ ଅଙ୍ଗୁଳି ଛାପ ଓ ଆଖି ଡୋଳା ସ୍କାନ କରାଯାଇ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ । କାର୍ଡର ନିର୍ଦ୍ଧାରିତ କୋଟାରୁ ଚାଉଳ ପରିମାଣକୁ ପ୍ରଦାନ କରାଯାଇଥିଲା । ଖାଉଟିମାନଙ୍କୁ ପରେ ଗହମ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ସର୍ତ୍ତରେ କାର୍ଡଧାରୀମାନେ ପରିବାରର ପୁରା କୋଟାରୁ ଚାଉଳ ପରିମାଣ ଗ୍ରହଣ କରିଥିଲେ । ପରେ ଗହମ ପ୍ରଦାନ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ଯୋଗାଣ ବିଭାଗ ବିଫଳ ହୋଇଥିଲା। ଏହି କୋଟା ବାବଦକୁ ଚାଉଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପୁଣିଥରେ ଟିପଚିହ୍ନ କରିବାକୁ ଖାଉଟିମାନଙ୍କୁ କୁହାଯାଇଥିଲା । ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା, ବାହାରେ କାମକରୁଥିବା, ରୋଗରେ ପୀଡ଼ିତ ବହୁ ପରିବାର ସଦସ୍ୟ ଦ୍ୱିତୀୟଥର ପାଇଁ ଟିପକୁ ସ୍କାନ କରିବା ପାଇଁ ରିଟେଲର ଦୋକାନରେ ପହଞ୍ଚି ପାରି ନ ଥିଲେ । ସେମାନଙ୍କୁ ଅନ ଅଥନ୍ଟିକେଟ୍‌ଡ ମୋଡରେ ଚାଉଳ ଦେବା ପାଇଁ ନିୟମ ଥିଲେ ବି ତାହା କାର୍ଯ୍ୟକାରୀ କରାଯାଇ ନଥିଲା । ଇତି ମଧ୍ୟରେ ପ୍ରତ୍ୟେକ ମାସର ଖାଉଟି ସାମଗ୍ରୀ ଦିଆଯିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ହିସାବରେ ଡିସେମ୍ବରରେ ଆଗୁଆ ଜାନୁଆରୀ ମାସର ଚାଉଳ ପ୍ରଦାନ ପ୍ରଦାନ କରାଯାଇଥିଲା । ଏଥିପାଇଁ ପୂର୍ବ କୋଟାରୁ ହିସାବପତ୍ର ଦାଖଲ କରିବା ପରେ ନୂତନ କୋଟା ଇସ୍ୟୁ କରାଯିବା ପାଇଁ ବିଭାଗ ପକ୍ଷରୁ ରିଟେଲରମାନଙ୍କୁ କୁହାଯାଇଥିଲା । ଏହିଭଳି ତରଭରିଆ ଭାବେ ବାରମ୍ବାର ବଦଳୁଥିବା ସରକାରୀ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସମୟରେ ବ୍ଲକ ଅଞ୍ଚଳରୁ ଶତାଧିକ ରାଶନ କାର୍ଡଧାରୀ ସେମାନଙ୍କ କୋଟାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହୋଇଛି । ଏ ଦିଗରେ ତଦନ୍ତ କରାଯାଇ ୩ ମାସର କୋଟା ପାଇଁ ପୂର୍ବଥରର ଟିପଚିହ୍ନ କରିଥିବା ଆଧାରରେ ସେମାନଙ୍କୁ ଚାଉଳ ପ୍ରଦାନ କରାଯାଉ ବୋଲି କାର୍ଡଧାରୀମାନେ ଦାବି କରିଛନ୍ତି ।

ଏ ସଂକ୍ରାନ୍ତରେ ରସୁଲପୁର ବ୍ଲକ ଯୋଗାଣ ଅଧିକାରିଣୀ ମଧୁସ୍ମିତା ଜେଠୀଙ୍କୁ ପଚାରିବାରୁ ସେ ଏହି ପ୍ରକ୍ରିୟାର ଦୋଷ ରିଟେଲରମାନଙ୍କ ଉପରକୁ ଠେଲି ଦେଇଛନ୍ତି । ରିଟେଲରମାନେ ସେମାନଙ୍କ କୋଟାର ହିସାବ ଦେବା ବେଳେ ଯଦି ଚାଉଳ କାଟିକି ରଖିଥିବେ ତେବେ ସେ ପରିବାରକୁ ଚାଉଳ ଦେଇ ହେବ, ନଚେତ୍ ବକେୟା କୋଟାରୁ ଦ୍ୱିତୀୟବାର ଟିପ ଦେଇ ନ ଥିବା ପରିବାର ବଞ୍ଚିତ ହେବେ ବୋଲି କହିଛନ୍ତି। ତେବେ ଯେଉଁ କାର୍ଡଧାରୀ ଏଭଳି ଅଭିଯୋଗ କରୁଛନ୍ତି ସେମାନଙ୍କ କାର୍ଡକୁ ଯାଞ୍ଚ କରିବା ପରେ ଜଣାପଡିବ ସେମାନଙ୍କ ଚାଉଳ ରିଟେଲରମାନଙ୍କ ପାଖରେ ଅଛି କି ସେମାନେ ରିପୋର୍ଟରେ ଅନୁପସ୍ଥିତ ଦର୍ଶାଇଛନ୍ତି । ତା'ପରେ ଯାହା କିଛି କରିପାରିବେ ବୋଲି କହିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ଦେବାଶିଷ


@ ମାହିର


@ ନିରଞ୍ଜନ


@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଜପୁରରେ ଜିଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ


ଧାନମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଓ ଅନ୍ୟମାନେ ।

**ଯାଜପୁର ଟାଉନ, ୭ା୧ (ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଯାଜପୁର ବ୍ଲକ୍ ଅନ୍ତର୍ଗତ ମାଳଆନନ୍ଦପୁର, ଖାଇରାବାଦ ଓ ପଣସା ପ୍ରାଥମିକ କୃଷି ସମବାୟ ସମିତିରେ ଜିଲାସ୍ତରୀୟ ଧାନମଣ୍ଡି ସମବାୟ, ହସ୍ତଶିଳ୍ପ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦ୍ୱାରା ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପିତାମ୍ବର ସାମଲ, ଜିଲା ଯୋଗାଣ ଅଧିକାରୀ ତଥା ବରିଷ୍ଠ ସହକାରୀ ନିବନ୍ଧକ ଅମୂଲ୍ୟ କୁମାର ସେଠୀ, ଉପ ସହକାରୀ ନିବନ୍ଧକ ଦେବେନ୍ଦ୍ର ନାୟକ, ଅତସୀ କୁସୁମମାଳା, କୋରେଇ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କର, ସମବାୟ ନିରୀକ୍ଷକ ପ୍ରଭାତ କୁସୁମ ବାରିକ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି । ଆଡଭାନ୍ସ ପ୍ୟାଡ଼ି କ୍ଲିନର ଓ ସ୍ୱୟଂ ଚାଳିତ ଶସ୍ୟ ନିରୀକ୍ଷଣ ଯନ୍ତ୍ର ତଥା ଏ.ଆଇ ବେସଡ ଆଦ୍ରତା ମାପକ ଯନ୍ତ୍ର ବିଭିନ୍ନ ମଣ୍ଡିରେ ନିୟୋଜନ କରାଯାଇଛି । ଏହି ଉଦଘାଟନ ଉତ୍ସବ ଅବସରରେ ଯାଜପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ କର୍ମଚାରୀମାନେ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ତଥା ଚାଷୀମାନଙ୍କୁ ଧାନର ମାନ ପରୀକ୍ଷଣ ଯନ୍ତ୍ରର କାର୍ଯ୍ୟକାରିତା ପ୍ରଦର୍ଶନ କରିଥିଲେ ।

ଚଳିତବର୍ଷ ୫୩,୧୭୯ ଜଣ ପଞ୍ଜିକୃତ ଚାଷୀଙ୍କ ପାଇଁ ୧୬୨ ଧାନ କ୍ରୟ କେନ୍ଦ୍ର ଖୋଲାଯିବ । ଉଚିତ୍ ହାରାହାରି ଗୁଣବତ୍ତା ମାନ (ଏଫ୍.ଏ.କ୍ୟୁ) ର ମାନ ସମ୍ବନ୍ଧରେ ଜିଲା, ବ୍ଲକ୍, ପଞ୍ଚାୟତ ଓ ପ୍ରାଥମିକ କୃଷି ସମବାୟ ସମିତିସ୍ତରରେ ଚାଷୀମାନଙ୍କୁ ସଚେତନ କରାଯାଇଛି । ପ୍ରତି ମଣ୍ଡିରେ ଜଣେ ଲେଖାଏ ମଣ୍ଡି ନୋଡାଲ ଅଫିସର ଓ ୪ ଓ ୫ ପାକ୍ସ ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଜଣେ ମଣ୍ଡି ସୁପରଭାଇଜିଂ ଅଫିସର ନିଯୁକ୍ତି ହୋଇଛନ୍ତି । ମଣ୍ଡି ନୋଡାଲ ଅଫିସରେ ପ୍ରତି ଧାନ ବିକ୍ରୟ କେନ୍ଦ୍ରରେ ଉପସ୍ଥିତ ରହି ଚାଷୀମାନଙ୍କ ଠାରୁ ଧାନକ୍ରୟ କିପରି ସୁରୁଖୁରୁରେ ଏଫ୍‌ଏକ୍ୟୁ ଧାନ ବିନା କଟ୍‌ନୀଛଟନୀରେ କିଣାଯିବ ଓ ଚାଷୀମାନେ କିପରି ସେମାନଙ୍କର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ ରୁ ୭୨ ଘଣ୍ଟା ମଧ୍ୟରେ ପାଇପାରିବେ ସେ ବିଷୟରେ ତଦାରଖ କରିବେ । ଧାନର ଅଭାବୀ ବିକ୍ରି ଯେପରି ନ ହେବ ସେଥିପ୍ରତି ଧାନ ଦେବାକୁ ମନ୍ତ୍ରୀ ଏବଂ ଜିଲାପାଳ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।

# ବୃଦ୍ଧାଙ୍କ ଶରୀର ଦାନ କଲେ ପରିବାର ଲୋକ

**ଛତିଆ,୭ା୧(ସୌମ୍ୟ ରଞ୍ଜନ ସାହୁ ):**

ଅଙ୍ଗଦାନ ମହତ୍ତ୍ୱ ଦାନ । ଏହି ଆଧାରରେ ଜଣେ ବୃଦ୍ଧାଙ୍କ ପରଲୋକ ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ପ୍ରଦାନ କରିଛନ୍ତି ।



ସୂଚନା ଅନୁଯାୟୀ, ଯାଜପୁର ଜିଲା ବଡ଼ଚଣା ବ୍ଲକ ଚମ୍ପାପୁର ପଞ୍ଚାୟତ ସପନପୁର ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ସ୍ତ୍ରୀ ପାର୍ବତୀ ଓରଫ ପାରା ସ୍ୱାଇଁ(୭୫)ଙ୍କ ଶରୀର ଦାନ ପାଇଁ ୫ବର୍ଷ ତଳେ ଦଧୀଚି ପ୍ରଭାସ ଆଚାର୍ଯ୍ୟଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସୋମବାର ସକାଳୁ ପାର୍ବତୀଙ୍କ ପରଲୋକ ଘଟିଥିଲା । ଏହାପରେ ତାଙ୍କ ନାତି ଆଇନଜୀବୀ ମାନସ ସ୍ୱାଇଁ ଏ ସଂକ୍ରାନ୍ତରେ କଟକ ବଡ଼ ମେଡିକାଲକୁ ଫୋନ କରି ଜଣାଇଥିଲେ। ବଡ଼ ମେଡିକାଲ ପକ୍ଷରୁ ଦେବାଶିଷ ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଦଧୀଚି ସ୍ୱର୍ଗରଥ ସପନପୁର ଗ୍ରାମରେ ପହଞ୍ଚିଥିଲା। ପାର୍ବତୀଙ୍କ ପରଲୋକରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶତାଧିକ ଗ୍ରାମବାସୀ ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ଜଣେ ସଧବା ମହିଳା ହୋଇଥିବାରୁ ପରିବାର ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁସାରେ ଘର ସମ୍ମୁଖରେ ସମସ୍ତ କର୍ମ କରାଯାଇଥିଲା । ଏହାପରେ ଦଧୀଚି ସ୍ୱର୍ଗରଥରେ ପୁଅ ବିଦ୍ୟାଧର ସ୍ୱାଇଁ, ନାତି ମାନସ, ଉମେଶ ଓ ସାହି ଲୋକମାନେ ପାର୍ବତୀଙ୍କ ମୃତଦେହକୁ ଦାନ କରିଥିଲେ। ମୃତଦେହକୁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପିଜି ବିଭାଗର ଅନାଟମି ବିଭାଗକୁ ପ୍ରଦାନ କରାଯାଇଛି ।

# ଦାଦନ ଖଟିବାକୁ ଯାଇ ଯୁବକ ମୃତ

**କଳିଙ୍ଗନଗର,୭ା୧(ଶୁଭାଶିଷ ରାଉତ):**

ଦାନଗଦୀ ବ୍ଲକ ଓଲ୍ଲଳ ପଞ୍ଚାୟତର ଛତରା ଗ୍ରାମର ପାଣ୍ଡୁ ଗାଗରାଇଙ୍କ ଏକମାତ୍ର ରୋଜଗାରିଆ ପୁଅ ବାବୁଲି ଗାଗରାଇ (୨୫) ଦାଦନ ଖଟିବା ପାଇଁ ଉତ୍ତରପ୍ରଦେଶ ଯାଇଥିଲେ । ସେଠାରେ କାମ କରୁଥିବା ସମୟରେ କାର୍ଯ୍ୟସ୍ଥଳୀରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ଗାଁରେ ପହଁଞ୍ଚିଛି । ବାପା ମା'ଛେଉଣ୍ଡ ବାବୁଲି ରୋଜଗାର କରି ନିଜ ୨ ସାନ ଭଉଣୀ ଓ ଜଣେ ଭାଇଙ୍କୁ ଚଳାଉଥିଲେ । ସେ ଜଣେ ଠିକାଦାରଙ୍କ ସହିତ ଉତ୍ତରପ୍ରଦେଶର ଅଯୋଧ୍ୟା ନିକଟରେ ଥିବା ପାହାଡ଼ପୁରରେ ବିଏସ୍‌ପିଏଲ କମ୍ପାନୀରେ ଏକ ପାଣି ଟାଙ୍କି ନିର୍ମାଣ କାମରେ ନିୟୋଜିତ ହୋଇଥିଲେ ।। ସୋମବାର କାମ କରୁଥିବା ସମୟରେ ପାଣି ଟାଙ୍କି ଉପରୁ ସେ ଖସିପଡି ଥିଲେ। ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିବା ତାଙ୍କ ସୁପରଭାଇଜର ଫୋନ କରି ଘରକୁ ଖବର ଦେଇଛନ୍ତି ।

# ସିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସିଂହପୁର,୭ା୧(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତ ଭଗବତୀ ପଡ଼ିଆଠାରେ ସିପିଏଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସାମାଜିକ ସଙ୍ଗଠନ ଟିମ୍ ହ୍ୟୁମାନିଟି ସୁଖ ଦୁଃଖର ସାଥି ଆନୁକୂଲ୍ୟରେ ଆୟୋଜିତ ଏହି କ୍ରୀଡାଉତ୍ସବକୁ ଖବରଦାତା ଦେବ ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ସାମଲ, ତରୁଣ ରାଉତ, ସୁରେନ୍ଦ୍ର ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଟୁର୍ନାମେଣ୍ଟ ୫ ଦିନ ଚାଲିବ । ଏଥିରେ ୬ଟି ଟିମ୍ ସାମିଲ ହୋଇଛନ୍ତି ।

# ରସୁଲପୁରର ୧୨ ଅଗ୍ରଣୀ ଚାଷୀ ସମ୍ମାନିତ

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା


କୃଷି ଯନ୍ତ୍ରପାତି ମେଳାରେ ଚାଷୀମାନଙ୍କୁ ସମ୍ମାନିତ କରାଯାଉଛି ।

**ରସୁଲପୁର,୭ା୧(ରଞ୍ଜିତ ରାଉତ):**

ଯାଜପୁର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ରେ ରସୁଲପୁର ବ୍ଲକରୁ ୧୨ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଛି । କୃଷି, ଉଦ୍ୟାନ କୃଷି, ଗାଈ ଓ କୁକୁଡା ପାଳନ, ଛତୁଚାଷୀ, ଅଣଧାନ, ଜୈବିକ ପଦ୍ଧତିରେ ଚାଷ, ଆଧୁନିକ ପ୍ରଣାଳୀରେ ଚାଷ କରି ଆତ୍ମନିର୍ଭରଶୀଳ ହୋଇଥିବା ଚାଷୀମାନଙ୍କୁ ଏହି ମେଳାରେ ସମ୍ମାନିତ କରାଯାଇଛି । ବୃହତ୍ ଉଠା ଜଳସେଚନ ଅଞ୍ଚଳରେ ଅଣଧାନଚାଷ ଓ ଫସଲର ବିବିଧକରଣକୁ ଗୁରୁତ୍ୱ ଦେଇ ଚାଷବାସ କରୁଥିବା ଓ ଏହି ଚାଷକୁ ନେଇ ବିଭିନ୍ନ ସରକାରୀ ପ୍ରୋତ୍ସାହନ ହାସଲ କରୁଥିବା ଚାଷୀମାନଙ୍କ ମଧ୍ୟରୁ ଅଗ୍ରଣୀ ଚାଷୀମାନଙ୍କୁ ଚୟନ କରାଯାଇଥିଲା । ଗଙ୍ଗୋତ୍ରୀ ସୋସିଆଲ ଅର୍ଗାନାଇଜେଶନ୍‌ର ସମ୍ପାଦିକା ଅନୁସୂୟା ରାଉତଙ୍କ ଦ୍ୱାରା ଆଗ୍ରଣୀ ଚାଷୀମାନଙ୍କୁ ଚୟନ କରାଯାଇ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠା ପ୍ରଦାନ କରାଯାଇଥିଲା । ଉକ୍ତ ତାଲିକାରେ ସ୍ଥାନିତ ଚାଷୀମାନଙ୍କୁ ମେଳାରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ହୋଇଥିବା ଚାଷୀମାନେ ହେଲେ ରମାକାନ୍ତ ପରିଡ଼ା, ଶିଶିର କୁମାର ରାଉତ, ଚୈତନ୍ୟ ନାୟକ, ଯୁଧିଷ୍ଠିର ଦାସ, ହରିହର ଦାସ, ହାଡିବନ୍ଧୁ ମହାନ୍ତି, ଲକ୍ଷ୍ମଣ ନାୟକ, ଅଲେଖ ପାତ୍ର, ଭୀମସେନ ମଳିକ, ପ୍ରଭାତ କୁମାର ସାହୁ, ଗଣେଶ ତିଆଡି, ଯୁଗଳ ନାୟକ । ସମସ୍ତ ଚାଷୀଙ୍କୁ ଉତ୍ତରୀୟ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ପ୍ରତ୍ୟେକ ଚାଷୀଙ୍କୁ ସଙ୍ଗଠନ ତରଫରୁ ୫ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଛି । ଅର୍ଗାନାଇଜେଶନର ସୁପରଭାଇଜର ସୂର୍ଯ୍ୟକାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କ୍ରୋମ ନଗର ମହୋତ୍ସବ ପାଇଁ ପ୍ରତିଯୋଗିତା

**କାଳିଆପାଣି,୭ା୧(ଅସିତ ମହାନ୍ତ ):**

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଳିଆପାଣି କ୍ରୋମ ଅଞ୍ଚଳରେ ଆସନ୍ତା ୧୦ରୁ ୩ଦିନ ଧରି ପ୍ରଥମ କ୍ରୋମ ନଗର ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ସୋମବାର କୁହିକା ପଞ୍ଚାୟତ ମହାଗିରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପଲ୍ଲି ସୌରୀକ ଅଞ୍ଚଳ ଅନ୍ତର୍ଗତ ୧୧ ବିଦ୍ୟାଳୟରେ ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଆରସିସି ଗୋବର୍ଦ୍ଧନ ପ୍ରଧାନ, ସହକାରୀ ବ୍ଲକ ଶିକ୍ଷାଧିକାରୀ ରସାଇ ମୁଣ୍ଡରୀ ଓ ପ୍ରେମାଞ୍ଜଳି ନାୟକ, ସିଆରସିସି ଝୁନାରାଣୀ ନାୟକ, ଅନୱାର ଅଲ୍ଲୀ ଖାନ,ବୀରେନ୍ଦ୍ର ସାହୁ, ସଞ୍ଜୟ କୁମାର ସାମଲ, ଶରତ ଖୁଣ୍ଟିଆ,ସନ୍ଥ ସାଗର ସାହୁ, ଅଶୋକ ଦାସ, ହିମାଂଶୁ ସ୍ୱାଇଁ,ଅନୀଲ କୁମାର ରଣା,ବସନ୍ତ କୁମାର ବଳ, ଯୁଗଳ ବେହେରାଙ୍କ ସମେତ ମହାଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁହିକାର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କ୍ରୋମ ନଗର ମହୋତ୍ସବ ଆୟୋଜକ କମିଟି ତରଫରୁ ବିଶ୍ୱଜିତ ନାୟକ, ପୁଷ୍ପକ ମହାପାତ୍ର, ହୃଦାନନ୍ଦ ମହାନ୍ତ,ରବୀନ୍ଦ୍ର ସାମଲ, ଅସିତ ମହାନ୍ତ, ଲମ୍ବୋଦର ଦଳବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ଲକ୍ଷ୍ମୀ ନାରାୟଣଙ୍କ ଭସାଣି ପାଇଁ ଉତ୍ସବମୁଖର ଧର୍ମଶାଳା

**ଧର୍ମଶାଳା,୭ା୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଲକ୍ଷ୍ମୀନାରାୟଣଙ୍କ ମଙ୍ଗଳବାର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବର ୧୬ ଧନୁସଂକ୍ରାନ୍ତୀଠାରୁ ଏହି ପୂଜା ଆରମ୍ଭ ହୋଇଥିଲା । ୩ ଦିନପରେ ଠାକୁରଙ୍କୁ ବିସର୍ଜନ କରାଯାଇ ଧର୍ମଶାଳା ମହୋତ୍ସବ ପାଇଁ ଲକ୍ଷ୍ମୀ ନାରାୟଣଙ୍କ ମେଢ଼ ସହିତ ପାର୍ଶ୍ୱ ମୂର୍ତ୍ତିଗୁଡିକୁ ଭକ୍ତମାନଙ୍କ ଦର୍ଶନ ପାଇଁ ମଣ୍ଡପରେ ରଖାଯାଇଥିଲା । ଧର୍ମଶାଳା ମହୋତ୍ସବ ଡିସେମ୍ବର ୨୬ରୁ ଆରମ୍ଭ ହୋଇ ଗତ ୬ ତାରିଖରେ ଉଦ୍‌ଯାପିତ ହୋଇଥିଲା । ମହୋତ୍ସବ ଉଦ୍‌ଯାପନ ପରେ ମଙ୍ଗଳବାର ଲକ୍ଷ୍ମୀ ନାରାୟଣଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣଙ୍କ ମେଢ଼କୁ ଏକ ସୁସଜ୍ଜିତ ଗାଡ଼ିରେ ରଖାଯାଇ ବାଜା, ବାଣ ଓ ରୋଷଣୀରେ ଜାରକା ଓ ଧର୍ମଶାଳା ବଜାର ପରିକ୍ରମା କରାଯାଇ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା । ଏଥିପାଇଁ ରାଜରାସ୍ତା ଉତ୍ସବମୁଖର ହୋଇପଡିଥିଲା । ବିଭିନ୍ନ ବାଜାର ତାଳେ ତାଳେ ନୃତ୍ୟଗୀତର ଆସର


ଲକ୍ଷ୍ମୀନାରାୟଣଙ୍କୁ ଭସାଣୀ ପାଇଁ ନିଆଯାଉଛି ।

ଜମିଥିଲା । ଏହି ଅବସରରେ ଧର୍ମଶାଳା ଥାନାରେ ଠାକୁରଙ୍କୁ ଭୋଗ ଲାଗି କରାଯାଇଥିଲା । ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କମିଟିର ସଭାପତି ରବିନାରାୟଣ ସାହୁ,କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ,ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦକ ଜିତେନ୍ଦ୍ର ରାଉତ, ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ଶରତ କୁମାର ଓଝା,ସଂଯୋଜକ ଦେବରାଜ ମିଶ୍ର,ସବ୍ୟସାଚୀ ସୁନ୍ଦର ରାୟ,ବରିଷ୍ଠ ସଭ୍ୟ ରାଜକୁମାର ଶତପଥୀ, କିଶୋର ନାୟକ, ରାମଚନ୍ଦ୍ର ମଳିକ,କାଶୀନାଥ ସାହୁ, ଯୁବ ସଦସ୍ୟ ରାଜେଶ ପାଳ, ଲୋକନାଥ ମହାନ୍ତି ପ୍ରମୁଖ ଭସାଣୀ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ ।

# ସରକାରୀ ମଣ୍ଡି ଖୋଲିବାରେ ବିଳମ୍ବ

ପଟ୍ଟାମୁଣ୍ଡାଇ, ୭।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଦିନିଆ ବର୍ଷା ପାଣିରେ ପ୍ରାୟ ଖରିଫ ଧାନ ଫସଲକୁ ପ୍ରଭାବିତ କରିଛି। କ୍ଷେତରେ ଧାନ ପାଣିରେ ବୁଡ଼ି ରହି ଧାନର ରଙ୍ଗ ପରିବର୍ତ୍ତନ ହେବା ସହ ଧାନରୁ ଗଜା ବାହାରି ଗଲାଣି। ସେହି ଉଜୁଡ଼ା ଚାଷ ଜମି ପାଣିରୁ ଧାନ ଛାଣି ଚାଷୀ ଶୁଖାଇ ବସ୍ତାରେ ଭର୍ତ୍ତି କରି ରଖିଥିବା ଦେଖାଯାଉଛି। ପାଣି ଭିଜା ଧାନ ମଣ୍ଡି ନେବା ନ ନେବା ଉପରେ ଚାଷୀମାନଙ୍କର ଭରସା ପାଉନି। ଯାହାକୁ ନେଇ ଚାଷୀମାନେ ଆଶା ଓ ଆଶଙ୍କାରେ ଥିବାବେଳେ କେତେଜଣ ଘରୋଇ ବ୍ୟବସାୟୀ ଚାଷୀଙ୍କୁ ଶିଖାଇ ଶାଗ ମାଛ ମୂଲ୍ୟରେ ଧାନ କିଣି ନେଉଛନ୍ତି। ସରକାରୀ ମଣ୍ଡିରେ ଧାନର କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ରହିଛି। ହେଲେ ଗାଁରେ ଘରକୁ ଘର ବୁଲି ଧାନ କିଣୁଥିବା ବ୍ୟବସାୟୀ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୧୮ଶହରୁ ୧୯ଶହ ଟଙ୍କାରେ ଧାନ କିଣି ନେଉଛନ୍ତି। ଯାହାଦ୍ୱାରା ଚାଷୀମାନେ ଧାନର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ଚାଷୀ ଅଜୟ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଧାନମଣ୍ଡି ଖୋଲିପାରିନାହିଁ କି ଏ ପର୍ଯ୍ୟନ୍ତ ଧାନ କିଣା ଆରମ୍ଭ ହୋଇନି। ଜିଲାର ୯ଟି ବ୍ଲକ ମଧ୍ୟରୁ ଜଳସେଚିତ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଧାନ ଅମଳ ଶୀଘ୍ର ହୋଇଥାଏ। ଏହି ବ୍ଲକର ପାଳ ଅଞ୍ଚଳରେ କେତେଜଣ ଚାଷୀ ଧାନ ଅମଳ ସାରି ରବି ଧାନ ଚାଷ ପାଇଁ ଜମି ପ୍ରସ୍ତୁତ କରିସାରିଲେଣି। ମାତ୍ର ଏ ପର୍ଯ୍ୟନ୍ତ ସରକାରଙ୍କ ମଣ୍ଡି ଖୋଲିନାହିଁ। ତେଣୁ ଚାଷୀ ବାଧ୍ୟ ହୋଇ କମଦରରେ ଧାନ ବିକ୍ରି କରିଦେଉଛନ୍ତି। ଅସାଧୁ ବ୍ୟବସାୟୀ ଚାଷୀଙ୍କ ନିକଟରୁ କୁଇଣ୍ଟାଲ ପ୍ରତି ୧୯୦୦ଟଙ୍କାରେ ଧାନ କିଣି ମାଲାମାଲ ହେଉଛନ୍ତି। ବିଳମ୍ବିତ ଧାନ କିଣା ପାଇଁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ବେଳେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଚିନ୍ତା କରୁନାହାନ୍ତି। ନରେଶ ଜେନା କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୭୦ ପ୍ରତିଶତ ଜମିରେ ଧାନ ଅମଳ ସରିଲାଣି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ ଏବଂ ଟଙ୍କା ଲଗାଣକାରୀ ସଂସ୍ଥାଠାରୁ ଋଣ ଆଣି ଚଳିତ ଖରିଫ ଧାନ ଚାଷ କରିଥିଲେ। ଧାନ ଅମଳ


ମେଶିନରେ ଧାନ ଅମଳ ପରେ ବିଲରେ ଶୁଖାଯାଇଛି।

ସମୟରେ ଲଘୁଚାପ ଜନିତ ଅଦିନିଆ ବର୍ଷା ହଜାର ହଜାର ଚାଷୀଙ୍କ ପାଇଁ ଆଣି ଦେଇଛି ବିଷମ ପରିସ୍ଥିତି। ଚାଷୀମାନଙ୍କର ବର୍ଷକର ଭାତହାଣ୍ଡି ଘରକୁ ଆଣିବା ସମୟରେ ଉଜୁଡ଼ା କ୍ଷେତରୁ ସଂଗ୍ରହ କରାଯାଇଥିବା ଧାନକୁ ଚାଷୀ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀମାନେ ଆଣିଥିବା ଋଣ କିପରି ପରିଶୋଧ କରିବେ ସେହି ଆଶଙ୍କାରେ ଚାଷୀ ଦିନ କାଟୁଛନ୍ତି। ବୁଦ୍ଧିଜୀବୀ ନଟବର ପ୍ରଧାନ କହିଛନ୍ତି, ବର୍ଷାର କଷଣ ସାଙ୍ଗକୁ ଏବେ ଧାନର ଅଭାବୀ ବିକ୍ରି ଚାଷୀମାନଙ୍କ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ଏହି ସମସ୍ୟାରେ ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି ନିମ୍ନ ମଧ୍ୟବିତ ଏବଂ ଭାଗଚାଷୀ। କ୍ଷୟକ୍ଷତି ଆକଳନରେ ପ୍ରଶାସନିକ ଅଧିକାରୀମାନେ ରାସ୍ତା ଉପରୁ ଚାଷ ଜମିକୁ ଦେଖି ଚାଲିଯାଉଥିବାବେଳେ ଏଥିରୁ ଅନେକ ପ୍ରକୃତ ଚାଷୀ ବାଦ ପଡ଼ିବାର ଆଶଙ୍କା କରୁଛନ୍ତି। ଏଥିଯୋଗୁ ଅଭାବୀ

■ ଚାଷୀ ଅଭାବୀ ଧାନ ବିକ୍ରିର ସମ୍ମୁଖୀନ
■ ପ୍ରଶାସନିକ ଅଧିକାରୀଙ୍କୁ ଚିନ୍ତା ନାହିଁ
■ ଲଘୁଚାପ ବର୍ଷାରେ ଧାନ ବୁଡ଼ି ରଙ୍ଗ ପରିବର୍ତ୍ତନ

ଧାନ ବିକ୍ରି ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଉଛି। କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ଚାଷୀ ଅମଳ ଧାନକୁ ବିଲରୁ ବିକ୍ରି କରି ଦେଉଛି। ମଣ୍ଡି ଖୋଲା ଯାଇ ନ ଥିବାରୁ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ନ ପାରି କ୍ଷତି ସହୁଛି। ଚାଷୀଙ୍କୁ ସରକାରୀ ମଣ୍ଡିରୁ ବିମୁଖ କରି ମିଲର୍ସ ଓ ଅସାଧୁ ବ୍ୟବସାୟୀଙ୍କ ହାତରେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ଟେକି ଦେବାକୁ ଏକ ଷଡ଼ଯନ୍ତ୍ର ହୋଇଥିବା ଜିଲା କୃଷକ ସଙ୍ଗଠନ ଅଭିଯୋଗ କରିଛି। ମଣ୍ଡି ଖୋଲିବା ପୂର୍ବରୁ କମ୍ ଦରରେ ଧାନ କିଣି ମିଲର୍ସ ଗୋଦାମ ଭର୍ତ୍ତି କରିବାକୁ ସୁଯୋଗ ଦିଆଗଲା। ପ୍ରଶାସନ ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଲେ ଜିଲା କୃଷକ ସଙ୍ଗଠନ ଆନ୍ଦୋଳନ କରିବ ବୋଲି ଚେତାଇ ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚନ୍ଦ୍ରଶେଖର


@ ନିରଞ୍ଜନ



@ ସାଗର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ



କେନ୍ଦ୍ରାପଡ଼ା, ୭।୧ (ଜଗନ୍ନାଥ ଧଳ)

■ ଜିଲାରେ ମୋଟ ୧୨,୮୬, ୮୦୧ ଭୋଟର
■ ନୂତନ ଭାବେ ୧୨,୮୩୪ ଜଣଙ୍କ ନାମ ପଞ୍ଜୀକୃତ

କେନ୍ଦ୍ରାପଡ଼ା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜାନୁଆରୀ ୧ ତାରିଖ ସୁଦ୍ଧା ଜିଲାର ମୋଟ ୧୨,୮୬,୮୦୧ ଜଣ ଭୋଟରଙ୍କ ନାମ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୬,୬୫,୪୬୭ ପୁରୁଷ ହୋଇଥିବା ବେଳେ ୬,୨୧,୨୮୮ ମହିଳା ଓ ୪୬ ତୃତୀୟ ଲିଙ୍ଗୀ ଅଛନ୍ତି। ଚଳିତ ମାସ ୧ ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ କରିଥିବା ୧୨,୮୩୪ ଜଣଙ୍କ ନାମ ନୂତନ ଭାବେ ପଞ୍ଜୀକୃତ ହୋଇଛି। ସେହିପରି ୭,୮୨୮ ଜଣଙ୍କ ନାମ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏହି ଭୋଟର ତାଲିକାରେ ୧୮ରୁ ୧୯ ବର୍ଷ ଯୁବ ଭୋଟରଙ୍କ ସଂଖ୍ୟା ୩,୮୧୩। ଲିଙ୍ଗ ଅନୁଯାୟୀ ପ୍ରତି ହଜାର ଭୋଟରଙ୍କ ମଧ୍ୟରେ ୯୩୪ ମହିଳା ଅଛନ୍ତି। ସେହିପରି ଜିଲାରେ ୧୩,୬୭୨ ଭିନ୍ନକ୍ଷମ ଭୋଟର, ୨୨,୨୯୯ ଜଣ ୮୦ରୁ ଊର୍ଦ୍ଧ୍ୱ ବୟସ୍କ ଭୋଟରଙ୍କ ସଂଖ୍ୟା ଅଛି। ଜିଲାରେ ପୂର୍ବରୁ ୧୪୪୫ଟି ଭୋଟ କେନ୍ଦ୍ର ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୧୪୪୯ଟି ଭୋଟ କେନ୍ଦ୍ର ହୋଇଥିବା ଭୋଟର ପଞ୍ଜୀକରଣ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ବୈଠକରେ ଡେପୁଟି କଲେକ୍ଟର ରମେଶ ପଣ୍ଡାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ।

# ମାତୃ ସ୍ୱରୂପା ବିଦ୍ୟାଳୟ ପ୍ରତି ଦାୟିତ୍ୱବୋଧ ରହୁ

ରାଜନଗର, ୭।୧ (ଭାସ୍କର ରାଉତରାୟ)

## ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣଜୟନ୍ତୀ କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଯୋଗଦେଇ ନିଜର ଜନ୍ମଦାତ୍ରୀ ମା'ଓ ମାତୃ ସ୍ୱରୂପା ବିଦ୍ୟାଳୟ ପ୍ରତି ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିବା ସହ ଏଥିପ୍ରତି ଯତ୍ନବାନ ହୋଇପାରିଲେ ଗୋଟିଏ ସୁସ୍ଥ ସମାଜ ଗଠନ ହୋଇପାରିବ। ସାମାଜିକ ଶୃଙ୍ଖଳାରେ ମାତୃଜାତିର ଉଲ୍ଲେଖନୀୟ ଭୂମିକା ରହିଥିବାରୁ ଆଜିର ମାଆମାନେ ଶିଶୁଙ୍କୁ ଠିକ୍ ମାର୍ଗଦର୍ଶନ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମହୋତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟର ଅତୀତ ସ୍ମୃତିକୁ ସାଉଁଟିବା ସହ ଭବିଷ୍ୟତ ଛାତ୍ରୀଛାତ୍ରଙ୍କ ପାଇଁ ଅନନ୍ୟ ପରମ୍ପରାର ବାର୍ତ୍ତା ବହନ କରିବ


ଉତ୍ସବରେ ମଞ୍ଚାସୀନ ଅତିଥି।

ବୋଲି କହିଥିଲେ। ପୁରାତନ ଛାତ୍ର ଅପୂର୍ବ ମିଳନ ରାଉତ ଅତିଥି ପରିଚୟ, ପୂର୍ବତନ ଛାତ୍ରୀ ଭଗବତୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରାକ୍ତନ କମିଟିର ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠିତ ଏହି ସୁବର୍ଣ୍ଣଜୟନ୍ତୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନାଙ୍କ ରଚିତ କେରେଡା ପୁଅ, ଭକ୍ତ ସାଲବେଗ, ଭୁଲ କେବେ ହେବନି, ଗୋପବନ୍ଧୁ, ବସନ୍ତ ସାର୍ ନାଟକ ପରିବେଷଣ କରାଯାଇଥିଲା। ହାସ୍ୟ ଅଭିନେତା ଦିପ୍ତୀ ରଞ୍ଜନଙ୍କ ବ୍ୟଙ୍ଗାତ୍ମକ ଅଭିନୟ ଏବଂ ସଂଳାପ ଦର୍ଶକମାନଙ୍କୁ ଆମୋଦିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରାଙ୍କ ସମେତ ଶିକ୍ଷକ, ଶିକ୍ଷାକର୍ମଚାରୀ ତଥା ପୁରାତନ ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ୧୫ରୁ ନିଜସ୍ୱ ଗୃହରେ ହେବ ପାଠପଢ଼ା

ରାଜକନିକା,୭।୧(ସଞ୍ଜୟ କୁମାର ଦାଶ)

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା

ରାଜକନିକା ବ୍ଲକ ଅଚିନ୍ତା ମୌଜାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ୨୦୨୩ ଜୁନ ୨୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ବି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜସ୍ୱ ସ୍କୁଲ ଗୃହକୁ ନ ଯାଇ ବାଳିକା ଉଚ୍ଚ ବିଦ୍ୟାଳୟରେ ବହୁ ଅସୁବିଧାରେ ପାଠ ପଢୁଥିଲେ। ଏହି ସମସ୍ୟାକୁ ନେଇ ବହୁବାର ଅଭିଭାବକମାନେ ବିଡିଓଙ୍କଠାରୁ ଜିଲାପାଳ ପର୍ଯ୍ୟନ୍ତ ଅଭିଯୋଗ ପରେ କିଛି ଫଳ ନ ମିଳିବାରୁ ୨୦୨୪ ଡିସେମ୍ବର ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଶୁଣାଣିରେ ଅଭିଯୋଗ କରିଥିଲେ। ଏହା ପରେ ମଙ୍ଗଳବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର ବିଶ୍ୱାଳ ଘଟଣାସ୍ଥଳ ପରିଦର୍ଶନ କରି ଆସନ୍ତା ୧୫ ତାରିଖଠାରୁ ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହରେ ପାଠ ପଢ଼ା ଆରମ୍ଭ କରିବାକୁ ବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଦେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଆନନ୍ଦ ଖେଳିଯାଇଛି।

ଖବର ମୁତାବକ, ୨୦୨୨ରେ ରାଜକନିକାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାଠ ପଢ଼ା ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଚିନ୍ତା ମୌଜାରେ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ଗୃହକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ହେଲେ ଉଦ୍‌ଘାଟନ ସାରିଥିବା ବିଦ୍ୟାଳୟକୁ ଯିବା ଲାଗି ରହିଥିବା ରାସ୍ତା ସମସ୍ୟା ଓ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବା ଦର୍ଶାଇ ବିଦ୍ୟାଳୟ ଅଧ୍ୟକ୍ଷ ହସ୍ତାନ୍ତରକୁ ଗ୍ରହଣ କରୁ ନ ଥିଲେ। ଫଳରେ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାରେ ପାଠ ପଢୁଥିଲେ। ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪୦ଜଣ ପିଲା ପଢୁଛନ୍ତି। ଅଭିଯୋଗ ପରେ ଆଜି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱାଳ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ୨ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁରଜ କୁମାର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଆୟେସ କୁମାର ମହାପାତ୍ର, ରାଜକନିକା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦେ ଅଚିନ୍ତା ମୌଜାରେ ଥିବା ବିଦ୍ୟାଳୟ ପରିସରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ସଭାପତି ସୁନୀଲ କୁମାର ନାୟକ, ସଂଯୋଜକ ପଙ୍କଜ କୁମାର ଦାସ, କୋଷାଧ୍ୟକ୍ଷ ବଟକୃଷ୍ଣ ବଳ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇନାଲରେ ସିଟି ସ୍ପୋର୍ଟିଂ କ୍ରିକେଟ୍ କ୍ଲବ, ଚାନ୍ଦବାଲି

ରାଜକନିକା, ୭।୧ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

## ବିପ୍ଳବୀ ଆନନ୍ଦଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ

ରାଜକନିକା ବ୍ଲକ ଡାଳିକାଏନ୍ଦାସ୍ଥିତ ସରସ୍ୱତୀ ଖେଳପଡ଼ିଆରେ ଆୟୋଜିତ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟ ଓ ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁରୂପା କ୍ରିକେଟ୍ କ୍ଲବ, ପାରିନୂଆପଡ଼ା ବନାମ ସିଟି ସ୍ପୋର୍ଟିଂ କ୍ରିକେଟ୍ କ୍ଲବ, ଚାନ୍ଦବାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଟି ସ୍ପୋର୍ଟିଂ କ୍ଲବ ଟସ୍ ଜିଣି ବହୁରୂପା ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୪ ରନ କରିଥିଲା। ଜବାବରେ ସିଟି ସ୍ପୋର୍ଟିଂ ଟିମ୍ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ରନ ସଂଗ୍ରହ କରିଥିଲା। ବହୁରୂପା କ୍ରିକେଟ୍ କ୍ଲବ, ପାରିନୂଆପଡ଼ା ଫାଇନାଲରେ ୨ୟ ଦଳ ଭାବେ ପ୍ରବେଶ କରିଛି। ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ବେହେରା ଓ ସମ୍ମାନିତ ଅତିଥି ଭାବେ ବାସୁଦେବ ସ୍ୱାଇଁ, ସୁବାସ ନାୟକ, ଉପଦେଷ୍ଟା ଗଙ୍ଗାଧର ପାଗଳ, ରାହାସ ନାୟକ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଟିମର ପ୍ରବୀନ୍ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।

# କେନ୍ଦ୍ରାପଡ଼ା ପର୍ଯ୍ୟଟନସ୍ଥଳ ବୁଲିବେ ପ୍ରବାସୀ ଭାରତୀୟ


ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

କେନ୍ଦ୍ରାପଡ଼ା, ୭।୧ (ଜଗନ୍ନାଥ ଧଳ)

ଭୁବନେଶ୍ୱରଠାରେ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରବାସୀ ଭାରତୀୟ ଦିବସ ପାଳନ ହେବ। ରାଜ୍ୟର ସଂସ୍କୃତି, ଐତିହ୍ୟ, କଳା, ଖାଦ୍ୟ ଓ ପରମ୍ପରା ଆଦିର ସୁଦୂର ପ୍ରସାରୀ ହେବ। ଏହି ଅବସରରେ ପ୍ରବାସୀ ଭାରତୀୟ କେନ୍ଦ୍ରାପଡ଼ା ଜିଲାର ଆଧ୍ୟାତ୍ମ ଓ ପରିବେଶ ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ଆସିବେ ବୋଲି ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ କରି ମଙ୍ଗଳବାର ସୂଚନା ଦିଆଯାଇଛି। ସହରର କାକଟସ୍ଥିତ ଏକ କଲ୍ୟାଣମଣ୍ଡପରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବରିଷ୍ଠ ସଦସ୍ୟ ବୈଦନାଥ ଚାଟାର୍ଯ୍ୟୀ, ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀ, ମିଡିଆ ସେଲ ଅଧ୍ୟକ୍ଷ ନେହେରୁ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଏହି ଦିବସ ପାଳନ ପାଇଁ ଓଡ଼ିଶାକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନ ଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଭାଜପାର ସମସ୍ତ ନେତୃମଣ୍ଡଳୀ ଚଳଚଞ୍ଚଳ ଅଛନ୍ତି। ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକଶିତ କରିବା ଲକ୍ଷ୍ୟରେ ଏହା ଏକ ମାଇଲଖୁଣ୍ଟ ହେବ। କେନ୍ଦ୍ରାପଡ଼ା ଜିଲାକୁ ଏହାଦ୍ୱାରା ପ୍ରବାସୀ ଭାରତୀୟମାନେ ଜାଣିପାରିବେ ବୋଲି ସେମାନେ ସୂଚନା ଦେଇଥିଲେ।

# ସୁରଜ ସ୍ପୋର୍ଟିଂ କ୍ଲବ, କେନ୍ଦ୍ରାପଡ଼ା ଚାମ୍ପିୟନ

ଆଳି, ୭।୧ (ବନମାଳୀ ସେନାପତି)

## ୨ୟ ରିଆସତ ଖାନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ମାଣିଖଣ୍ଡି ଖେଳପଡ଼ିଆରେ ପଦନପୁର ଫୁଟବଲ କ୍ଲବ ଆନୁକୂଲ୍ୟରେ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ରିଆସତ ଖାନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପଦନପୁରକୁ ହରାଇ କେନ୍ଦ୍ରାପଡ଼ା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସୁରଜ ସ୍ପୋର୍ଟିଂ କ୍ଲବ କେନ୍ଦ୍ରାପଡ଼ା ଓ ପଦନପୁର ଫୁଟ୍‌ବଲ କ୍ଲବ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଖେଳର ପ୍ରଥମ ରାଉଣ୍ଡରେ ପଦନପୁର ଟିମ କେନ୍ଦ୍ରାପଡ଼ାକୁ ଗୋଟିଏ ଗୋଲ ଦେଇଥିଲା। ଦ୍ୱିତୀୟ ରାଉଣ୍ଡରେ କେନ୍ଦ୍ରାପଡ଼ା ଗୋଟିଏ ଗୋଲ ଦେଇଥିଲା। ଖେଳ ସମୟ ଶେଷ ହୋଇଯିବାରୁ ଟାଇବ୍ରେକର ନିୟମରେ ସୁରଜ ସ୍ପୋର୍ଟିଂ କ୍ଲବ କେନ୍ଦ୍ରାପଡ଼ା ୪-୧ ଗୋଲରେ ପଦନପୁର ଫୁଟବଲ ଟିମକୁ ପରାସ୍ତ କରିଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଚିରଞ୍ଜୀବୀ ଦାସ, ପ୍ରମୋଦ ମଲ୍ଲିକ, ମେଣ୍ଢପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସେକ୍ ସୋପାନ, କାଦର ଖାନ, ସେକ୍ ଗବର, ରାସିଦ ଇକ୍‌ବଲ ଖାନ ପ୍ରମୁଖ ଯୋଗଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ କେନ୍ଦ୍ରାପଡ଼ା ଟିମ୍‌ର ସେକ୍ ଆଜିମ ଖାନ ଓ ମ୍ୟାନ ଅଫ ଦି ସିରିଜ ପଦନପୁର ଟିମର ସେକ୍ ସାଜିଦଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୧୦ ହଜାର ଟଙ୍କା ଓ ପଦନପୁର ଟିମ୍‌କୁ ରନର୍ସଅପ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ ରେଫରି ଭାବେ ସଞ୍ଜୟ ନାୟକ, ଅମର ଜେନା, ସୀତାଂଶୁ ନାୟକ, ପ୍ରହଲାଦ ଜେନା ପରିଚାଳନା କରିଥିଲେ। ଅଫିସିଆଲରେ ସରଫରାଜ ଖାନ ଓ ଭାଷ୍ୟକାର ଭାବେ ବିଜୟ ଗୋଛାୟତ ଖେଳ ପରିଚାଳନା କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ଅକ୍ଷୟ ମହାନ୍ତିଙ୍କ ଗୀତରେ ବିଭୋର ହେଲେ ଦର୍ଶକ

କେନ୍ଦ୍ରାପଡ଼ା, ୭।୧ (ଜଗନ୍ନାଥ ଧଳ)

## ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା

ଅକ୍ଷୟ ମହାନ୍ତିଙ୍କ ସ୍ମୃତିଭରା ଗୀତ ସହରର ମହିପାଳସ୍ଥ ଟେଲିକମ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ମଙ୍ଗଳବାର ସନ୍ଧ୍ୟାକୁ ଭିଜାଇ ଦେଇଥିଲା। କେନ୍ଦ୍ରାପଡ଼ା ବାରୁଅଁସ୍ଥିତ ଭାବଗ୍ରାହୀ କଳା ନିକେତନର କଳାକାରଙ୍କ ସୁମଧୁର କଣ୍ଠରୁ ଉଠୁରି ଆସିଥିଲା ଅକ୍ଷୟ ମହାନ୍ତିଙ୍କ ବହୁ ଭାବପୂର୍ଣ୍ଣ ଗୀତ। ହେ ଫଗୁଣ ତୁମେ, ବୟସର କୃଷ୍ଣଚୂଡ଼ା, ଉଡ଼ି ଉଡ଼ି ଯାଏ ଗୁଡ଼ି, ଟିକ ଟିକ ଘଣ୍ଟା ଚାଲେ, ଫୁଲେଇ ରାଣୀ ସଜଫୁଲ, ତମେ ତ ଆସିଲ ନାହିଁ ଆଦି ଗୀତକୁ କଳାକାରମାନେ ଗାଇଥିଲେ। କଳା ନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡ଼ାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ଶିକ୍ଷାବିତ୍ ଅଜୟ କୁମାର ରାଉତ, ଶିକ୍ଷାବିତ୍ ମୋହନ ଜେନା, କେମ୍ ସଭାପତି ଅକ୍ଷୟ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚିର ସବୁଜ ଅକ୍ଷୟଙ୍କୁ ଖିଆଲି ମନର ବେରଓ୍ୱା ବାଦଶାହା ବୋଲି ଉପସ୍ଥାପନା କରିଥିଲେ। ସେମାନେ କହିଥିଲେ, ଅକ୍ଷୟ କେବେ ଯାଯାବର ତ କେବେ କଳଙ୍କିତ ନାୟକ, କେବେ ଆର୍ଯ୍ୟ ଦାସ ତ କେବେ ପ୍ରବାଦ ପୁରୁଷ ଭାବେ ଜନମାନସରେ ଉଭା ହୋଇଛନ୍ତି। ଗୀତରେ, ସ୍ୱରରେ ଗଳ୍ପରେ, ସଂଳାପରେ, ଉପନ୍ୟାସ ରଚନାରେ ନିଜର ସ୍ୱାକ୍ଷର ଛାଡିଛନ୍ତି। ରେଡିଓ, ସିନେମା, ଦୂରଦର୍ଶନ, ମଞ୍ଚରେ ସାମିଲ ହୋଇ ଜନମନକୁ ହରଣ କରୁଥିଲେ। ଭଜନ, ଆଧୁନିକ, ପଲ୍ଲୀଗୀତ, ଦେଶାତ୍ମବୋଧକ, ଗୀତିନାଟ୍ୟ, ସିନେ ସଙ୍ଗୀତ, ଲଘୁ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ଗଜଲ, କୋରସ, ପାରୋଡିରେ ସେ ସିଦ୍ଧହସ୍ତ ଥିଲେ। ଅକ୍ଷୟ ମହାନ୍ତିଙ୍କ ପରି ସୁଯୋଗ୍ୟ ସନ୍ତାନକୁ ଜନ୍ମ ଦେଇ କେନ୍ଦ୍ରାପଡ଼ା ମାଟି ଗର୍ବିତ। ଏହି ଜିଲାର ଡେରାବିଶ ବ୍ଲକ ଚାନ୍ଦୋଳ ନିକଟବର୍ତ୍ତୀ ବାଙ୍କୀ ମୁଣ୍ଡାଇ ଗ୍ରାମରେ ତାଙ୍କର ଜନ୍ମ ବୋଲି ସମ୍ମାନିତ କହିଥିଲେ। କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାରେ ଚିର ସବୁଜ ଗାୟକ ଅକ୍ଷୟଙ୍କ ସଙ୍ଗୀତ ଶୁଣିବାକୁ ବହୁ ଜନସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀବଳଦେବଜୀଉ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ଦ୍ୱାରା ନାଟକ ପେଟେଣ୍ଟ ମେଡିସିନ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା।


ପୁସ୍ତକମେଳାରେ ଯୋଗ ଦେଇଥିବା ଅତିଥିମାନେ।

# ଶବ୍ଦର ଯାଦୁକର ବ୍ୟଙ୍ଗକବି ଯଦୁମଣି


ଯଦୁମଣି ମହାପାତ୍ର।



ଯଦୁମଣିଙ୍କ ଦ୍ୱାରା ଅଙ୍କିତ ଚିତ୍ର ଓ ଲେଖିଥିବା ପୋଥି।

**ଶବ୍ଦର ଯାଦୁକର, ଓଡ଼ିଶା ମାଟିର ବିସ୍ମୟ ବିଧାଣୀ, ଆଶୁ ତଥା ବ୍ୟଙ୍ଗ କବି, ଓଡ଼ିଆ ସାହିତ୍ୟର ଯୁଗ ପୁରୁଷ, ଉତ୍କଳର ଘଣ୍ଟ, ନୟାଗଡ଼ ମାଟିର ଗର୍ବ ଓ ଗୌରବ ଯଦୁମଣି ମହାପାତ୍ର ତାଙ୍କର କାବ୍ୟ, କବିତା, ଚିତ୍ରକଳା ଆଦି ସାହିତ୍ୟ କୃତି ପାଇଁ ଅଭୁଲା ଓ ଅମର ହୋଇ ରହିଛନ୍ତି। ଏଭଳିସ୍ଥଳେ ଜାନୁଆରୀ ୮ ଜୟନ୍ତୀରେ ଅଟକି ରହିଛି ଭଲ ପାଇବା ଓ ମନେ ପକାଇବା। ବିଳମ୍ବରେ ହେଲେ ବି ସ୍କୁଲ ଓ କଲେଜରେ ଜୟନ୍ତୀ ପାଳନ କରିବା ଏବଂ ତାଙ୍କ ବିଷୟରେ ପାଠପଢ଼ା ନେଇ ଦାବି ଉଠିଛି। ସେହିପରି ବିଶ୍ୱବିଦ୍ୟାଳୟରେ ଯଦୁମଣିଙ୍କ ଉଦ୍ଦେଶ୍ୟରେ ଚେୟାର ପ୍ରତିଷ୍ଠା କରାଯାଉ ବୋଲି ଦାବି ରହିଛି। ଏଭଳି ଦାବି ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରା ନ ଯିବା ଦୁର୍ଭାଗ୍ୟର ବିଷୟ ବୋଲି ମତପ୍ରକାଶ ପାଇଛି।**

- କଟାକ୍ଷ, ସମାଲୋଚନା କରିବାରେ ଥିଲେ ମାହିର
- ମୁଣ୍ଡ ନ ନୁଆଁଇବାରୁ ହେଉଥିଲେ ରୋଷର ଶିକାର
- ପିଢ଼ି ପରେ ପିଢ଼ି ବଢ଼ୁଛି କବିଙ୍କ ସଙ୍ଗୀତର ଆଦର
- କାବ୍ୟ, କବିତା, ଚିତ୍ରକଳା ପାଇଁ ହୋଇଗଲେ ଅମର
- ଜୟନ୍ତୀରେ ଅଟକି ଯାଉଛି ମନେପକାଇବା
- ସ୍କୁଲ, କଲେଜରେ ଜୟନ୍ତୀ ପାଳନ ଦାବି

ନୟାଗଡ଼,୭।୧(ଲୋକନାଥ ମିଶ୍ର)

ଆଶୁ କବି ଯଦୁମଣିଙ୍କ ଜୀବନ କାହାଣୀ ଯେତିକି କୌତୂହଳପୂର୍ଣ୍ଣ ସେତିକି ଚମତ୍କପ୍ରଦ। କଥା କହିବା ବେଳକୁ ପାଟିରୁ ବାହାରୁଥିଲା କବିତା। କଟାକ୍ଷ, ସମାଲୋଚନା କରିବାରେ ସେ ଥିଲେ ମାହିର। ମୁଣ୍ଡ ନ ନୁଆଁଇବାରୁ ସେ ବିଭିନ୍ନ ସମୟରେ ରୋଷର ଶିକାର ହୋଇଥିଲେ। ତାଙ୍କ ଚାତୁରି ବଳରେ ଏଭଳି ଶବ୍ଦ ସଂଯୋଜନା କରୁଥିଲେ ଯେ ଗୋଟିଏ ଶବ୍ଦରୁ ବାହାରୁଥିଲା ଭିନ୍ନ ଭିନ୍ନ ଅର୍ଥ। ଯଦୁମଣିଙ୍କ ପରି ଉଚ୍ଚକୋଟୀର କବି, ହାସ୍ୟ ରସିକ ତଥା ନିର୍ଭୀକ ସମାଲୋଚକ ନୟାଗଡ଼ରେ ଜନ୍ମ ହୋଇ ନ ଥିଲେ। କର୍ମଭୂମି ନୟାଗଡ଼ ବ୍ଲକର ଇଟାମାଟି ଯୋଗୁ ଜିଲା ଧନ୍ୟ ହୋଇଛି। ତେବେ ଏଭଳି କବିଙ୍କର ଜୟନ୍ତୀ ପାଳନ କରିବାକୁ ସରକାର ଭୁଲି ଯାଇଥିଲାବେଳେ ଜିଲା ପ୍ରଶାସନ ଅଣଦେଖା କରିବା ପରି ମନେହେଉଛି। ଗଞ୍ଜାମ ଜିଲା ଆଠଗଡ଼ପାଟଣା ଗୋଟିଖିଡ଼ିକାସାହିରେ ଯଦୁକୃଷ୍ଣ ଠାକୁରଙ୍କ କୃପାରୁ ଜନ୍ମ ନେଇଥିବାରୁ ଯଦୁମଣି ରୂପେ ପରିଚିତ ହୋଇଥିଲେ। ବାପା ମୁକୁନ୍ଦ ମହାପାତ୍ର ବୃତ୍ତିରେ ଶିଳ୍ପୀ ଓ ଚିତ୍ରକର ଥିଲେ। ନୟାଗଡ଼ ରାଜବାଟିରେ ନିର୍ମାଣାଧୀନ ରାଧାମୋହନ ଜୀଉ ମନ୍ଦିରର ମୂର୍ତ୍ତି ଗଢ଼ିବା ପାଇଁ ରାଜା ବିନାୟକ ସିଂ ମାନ୍ଧତା ତାଙ୍କୁ ଡକାଇଥିଲେ। ରାଜାଙ୍କ ଆଦେଶ ପାଇ ମୁକୁନ୍ଦ ୧୦ବର୍ଷର ପୁତ୍ର ଯଦୁମଣି ଓ ସ୍ତ୍ରୀ ଶୋଭାଙ୍କୁ ଧରି ନୟାଗଡ଼ ଚାଲି ଆସିଥିଲେ। ମୁକୁନ୍ଦଙ୍କ କଳାକୌଶଳରେ ରାଜା ଖୁସି ବ୍ୟକ୍ତକରି ଇଟାମାଟିରେ ତାଙ୍କୁ ସ୍ଥାୟୀ ବାସିନ୍ଦା କରାଇଥିଲେ।

ମାନ୍ଧତାପୁରରେ ପଣ୍ଡିତ ବିଦ୍ୟାଧର ମହାପାତ୍ରଙ୍କ ଚଉପାଢ଼ିରେ ଯଦୁମଣି ସଂସ୍କୃତ ସାହିତ୍ୟ ଶିକ୍ଷା କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପରି କବି ହେବା ପାଇଁ ମନସ୍ଥ କରିବାରୁ ଗୁରୁଙ୍କ ପରାମର୍ଶରେ ଘୁମୁସର ପଞ୍ଚମୁଖି ଭଗବାନ କବିରାଜ ବାହିନୀପତିଙ୍କ ପାଖରେ ହୟଗ୍ରୀବ ମନ୍ତ୍ର ଦୀକ୍ଷା ନେଇ ନିଜର ସାଧନା ଆରମ୍ଭ କରିଥିଲେ। ସାଧନା ପରେ ଯଦୁମଣି ହୟଗ୍ରୀବଙ୍କ ଦର୍ଶନ ପାଇ ନିଜକୁ ଜଣେ ହାସ୍ୟ ରସିକ ଭାବେ ପ୍ରତିଷ୍ଠା କରିବାରେ ସଫଳ ହୋଇଥିବା କୁହାଯାଉଛି। ପରେ କଥା କଥାକେ ଅତି ସୁନ୍ଦର କବିତା ରଚନା କରି ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତେବେ ତାଙ୍କ ବ୍ୟଙ୍ଗରେ ରାଜା ବି ବର୍ତ୍ତୀ ନ ଥିଲେ। ଏଥିପାଇଁ ସ୍ଥଳ ବିଶେଷରେ ଅନେକେ ବିରାଜଭାଜନ ହୋଇଥିଲେ। ନୟାଗଡ଼ ରାଜା ମାନ୍ଧତା ଯଦୁମଣିଙ୍କୁ ଖୁବ୍ ଆଦର କରୁଥିଲେ। ପୂର୍ବ ପରମ୍ପରାକୁ ଭାଙ୍ଗି ରାଜା ଯଦୁମଣିଙ୍କୁ ରାଜା ଉପଦେଷ୍ଟା, ବ୍ୟକ୍ତିଗତ ବନ୍ଧୁ ବୋଲି ଘୋଷଣା କରିଥିଲେ। ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ରାଜ୍ୟ ପରି ଗଡ଼ଜାତରେ ମଧ ତାଙ୍କ ଖ୍ୟାତି ରହିଥିଲା। ଯଦୁମଣି ନିଜର କୌଳିକ ବୃତ୍ତି ଚିତ୍ରକଳା ଓ କାଷ୍ଠମୂର୍ତ୍ତି ନିର୍ମାଣ କରି ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କ କୌଳିକ ବୃତ୍ତି ଏଯାବତ ନିଜ ପରିବାରରେ ବଞ୍ଚି ରହିଛି। ଯଦୁମଣି ୧୮୦୧ ମସିହାରେ ଖଞ୍ଜନାଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପର୍ଯ୍ୟନ୍ତ ତାଙ୍କର ସନ୍ତାନ ସନ୍ତତି ହୋଇ ନ ଥିଲା। ୧୮୧୪ରେ କନ୍ୟା ରମା ଜନ୍ମ ହୋଇଥିଲା। ଏହାର ୫ ବର୍ଷ ପରେ ପୁଅ କପିଧ୍ୱଜ ଜନ୍ମ ନେଇଥିଲେ। ପୁଅକୁ ୫ ବର୍ଷ ହେବାବେଳେ ସେ ବଜ୍ରପାତରେ ପ୍ରାଣ ହରାଇଥିଲେ। ଝିଅ ରମା ଖଣ୍ଡପଡ଼ାରେ ବିବାହ କରିଥିଲେ। ପରେ ଝିଅଙ୍କ ପୁଅ ତଥା ନାତି ତାଳଧ୍ୱଜଙ୍କୁ ପୋଷ୍ୟପୁତ୍ର କରିଥିଲେ। ତାଳଧ୍ୱଜଙ୍କ ପରେ ପଞ୍ଚମ ଓ ଷଷ୍ଠ ପିଢ଼ିରେ ୧୫ ସଦସ୍ୟ ଅଛନ୍ତି। ଏ ନେଇ ଷଷ୍ଠ ପିଢ଼ିର ଦାୟାଦ୍ ରୋହନ ମହାପାତ୍ର କହିଛନ୍ତି, ଯଦୁମଣିଙ୍କ ପ୍ରତିମୂର୍ତ୍ତି ଜିଲା ସଦର ମହକୁମାରେ ଓ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯାଉ। ଜୟନ୍ତୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଉତ୍ସବ ରୂପେ ପାଳନ ହେଉ। ଯଦୁମଣିଙ୍କ ରଚିତ ରାଘବ ବିଳାସ ଓ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ଅମୂଲ୍ୟ ଗ୍ରନ୍ଥ। ଏଣୁ ଯଦୁମଣିଙ୍କ କାବ୍ୟ, କବିତାକୁ ପ୍ରାଥମିକ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପଢ଼ାଯାଉ ବୋଲି ସେ ମତପ୍ରକାଶ କରିଛନ୍ତି। ଇଟାମାଟିର ବରିଷ୍ଠ ନାଗରିକ ଅଧିକାରୀ ମହାରଣା କହିଛନ୍ତି, ଯଦମଣିଙ୍କ ସମ୍ପର୍କରେ ଆମେ ପୂର୍ବ ପିଢ଼ିଠାରୁ ଅନେକ କିଛି ଜାଣିବାକୁ ପାଇଛୁ। ଥରେ ଯଦୁମଣି ନୟାଗଡ଼ ରାଜା ମାନ୍ଧାତାଙ୍କୁ କାକରା ଖାଇବାକୁ ଇଚ୍ଛା ହେଉଥିବା ଅଭିଳାଷ ଜଣାଇଲେ। ରାଜା କାକରା ବ୍ୟବସ୍ଥା କରି କହିଲେ ସବୁ ଖାଇବାକୁ, ନ ଖାଇ ପାରିଲେ କ'ଣ ହେବ ପ୍ରଶ୍ନ ପଚାରିଥିଲେ। ଯଦୁମଣି ମାଇପକୁ ଦେବେ କହି ୨ରୁ ୩ଟି କାକରା ଖାଇ ଅନ୍ୟଗୁଡ଼ିକୁ ଗଣ୍ଠିଲିରେ ବାନ୍ଧି ଦେବା ଘଟଣା ଚର୍ଚ୍ଚାରେ ରହିଛି।

## ଛାମୁ ଯାହା ଦେଲେ ହରଷେ

ରାଜା ରାଜୁଡ଼ା ଶାସନରେ ସ୍ୱାଣୁତା, ଅନ୍ୟାୟ, ଅନୀତିକୁ ଦେଖି ଯଦୁମଣିଙ୍କ ରଚିତ ଆଶୁ କବିତା ଆଜି ବି ପିଢ଼ି ପିଢ଼ି ଧରି ବଞ୍ଚି ରହିଛି। ନୟାଗଡ଼ ରାଜା ବିନାୟକ ସିଂ ମାନ୍ଧତାଙ୍କ ରାଜତ୍ୱ ସମୟରେ ପାରିଷଦଙ୍କ ଉପରେ ରାଗି ରାଜାଙ୍କୁ ଯଦୁମଣି କଟାକ୍ଷ କରି କହିଥିଲେ, ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ। ବାଛି ବାନ୍ଧି କରି ଦେଲେ ପଡ଼ିଆ, ଶ୍ରାବଣ ମାସରେ ଭାଙ୍ଗେ ନଡ଼ିଆ। ଏମନ୍ତ ଭୂଇଁ, ଚାକୁଣ୍ଡା ବୁଣିଲେ ଉଠଇ ନାହିଁ।

## ଅନ୍ଧ ଦେଶକୁ ଗଲି ଦର୍ପଣ ବିକି

ଅବସର ସମୟରେ ଯଦୁମଣି ରଣପୁର ରାଜା ବେଣୁଧର ନରେନ୍ଦ୍ରଙ୍କ ପାଖକୁ ଯାଇ ସାହିତ୍ୟ ଆଲୋଚନା କରିଥାନ୍ତି। ରାଜାଙ୍କ ଭୁଲ୍ ଦେଖିଲେ ଯଦୁମଣି ସମାଲୋଚନା କରିବାକୁ ଭୁଲନ୍ତି ନାହିଁ। ଯଦୁମଣିଙ୍କ ସମାଲୋଚନାରେ ରାଜା କ୍ଷୁବ୍ଧ ଓ ଅସନ୍ତୋଷ ବ୍ୟକ୍ତ କରନ୍ତି। ଥରେ ରଣପୁର ରାଜା ଯଦୁମଣିଙ୍କୁ ଅଣଦେଖା ଓ ହତାଦର କରିଥିଲେ। ହତାଦରର ଉତ୍ତର ଯଦୁମଣି ହାତ ତିଆରି ବିଷ୍ଣୁ ପ୍ରତିମାଙ୍କୁ ପାଟକନାରେ ଗୁଡ଼ାଇ ବିଦାୟକାଳୀନ ଭେଟି ରୂପେ ରାଜାଙ୍କୁ ଦେଇଥିଲେ। ରାଜା ଉପହାରକୁ ଗ୍ରହଣ କରି କାଳେ ଯଦୁମଣି ଚାଲାକ କରିଥିବେ ଭାବି କିଛି ପାଟକନା ଖୋଲି ଉପହାରକୁ ତଳେ ରଖି ଦେଇଥିଲେ। ଏହି ସମୟରେ ଯଦୁମଣି କହିଥିଲେ, ଅନ୍ଧ ଦେଶକୁ ଗଲି ଦର୍ପଣ ବିକି, କନ୍ଧ ହାତରେ ଦେଲି ଗୋଦାନ ଟେକି, ଜଡ଼ା ମଧୁରେ ଖଡ଼ା କଲି ରନ୍ଧନ, କାମୁଡ଼ା ଘୋଡ଼ା ମୁଖେ ଦେଲି ଚୁମ୍ବନ, ହେ ରାଜା କି କଲ ବିଷ୍ଣୁ ପ୍ରତିମାଙ୍କୁ ତଳେ ଥୋଇଲ କହି ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ରଣପୁର ରାଜ୍ୟକୁ ଯାଇ ନ ଥିଲେ। ସେହିପରି ଦଶପଲ୍ଲା ରାଜାଙ୍କୁ ମଧ କଟାକ୍ଷ କରିବାକୁ ଭୁଲି ନ ଥିଲେ। କୁଞ୍ଜବନେ ଜଗନ୍ନାଥ ନ ହେବ ଗୋସାଇଁ, ରଥ ବୋଲି ଭଣ୍ଡି ନେବେ ଶଗଡ଼େ ବସାଇ, ଭୋଗ ବୋଲି ଖଞ୍ଜି ଦେବେ କଡ଼ି କିଆ ମୁଆଁ, ଧୂପ ବୋଲି ଗେଞ୍ଜି ଦେବେ ପୋଡ଼ଖୁଣ୍ଟା ଧୂଆଁ, ଯାହା ଏବେବି ଲୋକକଥାରେ ରହିଛି।

# ସଡ଼କ ସୁରକ୍ଷା ସପ୍ତାହରେ ହେଲମେଟ ବଣ୍ଟନ



ନୟାଗଡ଼,୭।୧(ଲୋକନାଥ ମିଶ୍ର)

- ବାଇକ୍ ପଛରେ ବସିଥିବା ମହିଳାଙ୍କୁ ହେଲମେଣ୍ଟ
- ଯମରାଜଙ୍କ ଗଦା ମାଡ଼ ଭୟରେ ଦିଗ ବଦଳାଇଲେ ଚାଳକ

ନୟାଗଡ଼ ସହରର ଗୋଲେଇ ଟ୍ରାଫିକ ଛକଠାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ହେଲମେଟ ବଣ୍ଟନ କରାଯାଇଛି। ନୟାଗଡ଼ ପୋଲିସ, ଆଞ୍ଚଳିକ ପରିବହନ ବିଭାଗ, ସିଭିଲ ସୋସାଇଟି ଓ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ ଯୋଗଦେଇ ହେଲମେଟ ଓ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନୟାଗଡ଼ ଅତିରିକ୍ତ ଏସ୍‌ପି, ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ହେଲମେଟ ବଣ୍ଟନ କରିଥିଲେ। ହେଲମେଣ୍ଟ ନେବାକୁ ଅନେକ ଲୋକ ଲାଇନରେ ଆସିଥିଲେ ମଧ ନିରାଶରେ ଫେରିବାକୁ ପଡିଥିଲା। ଯେଉଁ ବାଇକ୍‌ରେ ଚାଳକ ହେଲମେଣ୍ଟ ପିନ୍ଧିଥିବେ ପଛରେ ବସିଥିବା ମହିଳା, ଯୁବତୀ ଯଦି ହେଲମେଟ ପିନ୍ଧି ନ ଥିବେ ତାଙ୍କୁ ହେଲମେଟ ପ୍ରଦାନ କରାଯାଉଥିଲା। ଅନ୍ୟପକ୍ଷେ ଯେଉଁ ବାଇକ ଚାଳକ ହେଲମେଟ ପିନ୍ଧି ନ ଥିଲେ ସେମାନଙ୍କୁ ହେଲମେଟ ଦିଆଯାଇ ନ ଥିଲା। ଅପରପକ୍ଷେ ଯମରାଜ, ଚିତ୍ରଗୁପ୍ତ କଳାକାର ପ୍ରମୁଖ ସଡ଼କ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ। ଯେଉଁ ଚାଳକମାନେ ହେଲମେଟ ପିନ୍ଧି ନ ଥିଲେ ସେମାନଙ୍କୁ ଯମରାଜ ଗଦାରେ ପିଟୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଯମରାଜଙ୍କ ମାଡ଼ ଭୟରେ ଅନେକ ବାଇକ୍ ଚାଳକ ଦିଗ ବଦଳାଇ ଭିନ୍ନ ଦିଗରେ ଯାତ୍ରା କରିଥିଲେ। ସେହିପରି ପାଲା ବଖାଣଥିଲା ସଡକ ସୁରକ୍ଷା ସଚେନତା ବାର୍ତ୍ତା। ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ହେଲମେଟ ପିନ୍ଧି ବାଇକ ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ୍ ନିୟମ ମାନିବା ନୀତି ନିୟମ ପାଲାରେ ବାରି ହୋଇ ପଡୁଥିଲା। ସୁବାଶ ଚନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ଟିମ ଦ୍ୱାରା ପାଲା ପରିବେଷଣ ହୋଇଥିଲା।

# ଶର୍ଟସର୍କିଟରୁ ନିଆଁ ଲାଗି ୧ ବଖରା ପୋଡ଼ିଗଲା

ଓଡ଼ଗାଁ,୭।୧ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ପଞ୍ଚାୟତ ଅଧୀନ ନାଥିଆପଲ୍ଲୀ ଗାଁର ବିଜୟ ଦାସଙ୍କ ଘରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏକ ବଖରା ଚାଳଛପର ପୋଡ଼ି ଯାଇଛି। ସୋମବାର ଦ୍ୱିପ୍ରହର ବେଳେ ବିଜୟଙ୍କ ଘରେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗି ଯାଇଥିଲା। ଖବରପାଇ ଓଡ଼ଗାଁ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସ୍ଥାନୀୟ ଲୋକେ ଚାଳ ଉପରେ ଚଢ଼ି ଦୁଇ ପଡୋଶୀଙ୍କ ଚାଳ ଛପରଗୁଡ଼ିକୁ ଓଲାରି ଦେଇଥିଲେ। ଫଳରେ ଲାଗି ରହିଥିବା ୫ ବଖରା ଘର ଅଳ୍ପକେ ବର୍ତ୍ତି ଯାଇଥିଲା। ତେବେ ବିଜୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୩ଟି କେନ୍ଦ୍ରରେ ଆଦର୍ଶ ପ୍ରବେଶିକା ପରୀକ୍ଷା

ଖଣ୍ଡପଡ଼ା,୭।୧(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଅଧୀନ ୩ଟି କେନ୍ଦ୍ରରେ ଓଡ଼ଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଦ୍ୱାରା ପରିଚାଳିତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୧୬୬ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬୧, ଆଦର୍ଶ ବିଦ୍ୟାଳୟରେ ୨ଶହ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯୩ ଏବଂ ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ୧୭୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବିଇଓ କୈଳାସ ଚନ୍ଦ୍ର କରଙ୍କ ଠାରୁ ପ୍ରକାଶ। ୫ମ ଏବଂ ୬ଷ୍ଠ ଶ୍ରେଣୀ ନିମନ୍ତେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଫଳାଫଳ ଆଧାରରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାରଣାଙ୍କଠାରୁ ସୂଚନା ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ନିରଞ୍ଜନ


@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା, ବେଣାଗାଡ଼ିଆରେ ଧାନମଣ୍ଡି ଉଦ୍‌ଘାଟିତ



ଖଣ୍ଡପଡ଼ା,୭।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡ଼ା ସେବା ସମବାୟ ସମିତିର ସମ୍ପାଦକ ଗୋପୀନାଥ ଆଚାର୍ଯ୍ୟ, ସଭାପତି ପ୍ରଦୀପ୍ତ କିଶୋର ମିଶ୍ର, ନୋଡାଲ ଅଧିକାରୀ ତଥା ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅମିତ କୁମାର ବଡସେଟ, ବ୍ଲକ ଯୋଗାଣ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ନୟାଗଡ଼ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ଉପସ୍ଥିତିରେ କଣ୍ଟା ପୂଜାର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ ଖଣ୍ଡପଡ଼ା ସହରାଞ୍ଚଳରୁ ୩୨୩ ଜଣ ଚାଷୀ ଖଣ୍ଡପଡ଼ା ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ସେବା ସମବାୟ ସମିତି ପରିସରରେ ଖଣ୍ଡପଡ଼ା ବିଧାୟକଙ୍କ ଦ୍ୱାରା ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧିରଖିଲା






ମହୋତ୍ସବରେ ଉପସ୍ଥିତ ଅତିଥିମାନେ ଏବଂ କଳାକାରମାନଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶନ।

ରଣପୁର ୭।୧(ସୁକାନ୍ତ କିଶୋର ଡାକୁଆ)

**ରଣପୁର ମହୋତ୍ସବ ଅର୍ଜୁନର ୩ୟ ସନ୍ଧ୍ୟା**

ରଣପୁର ବାଘସାଆନ୍ତ ପଡ଼ିଆର ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାରଠାରୁ ଆରମ୍ଭ ହୋଇଛି ୨୦ତମ ରଣପୁର ମହୋତ୍ସବ ଅର୍ଜୁନ। ମଙ୍ଗଳବାର ମହୋତ୍ସବର ତୃତୀୟ ସନ୍ଧ୍ୟାରେ କିଣା କିଣିରେ ବେପାର ଜମିଲା। ମହୋତ୍ସବକୁ ବିଭିନ୍ନସ୍ଥାନରୁ ୨୦୦ରୁ ଉର୍ଦ୍ଧ୍ୱ ଉଠା ଦୋକାନୀ ପଡିଆର ଚାରି ପାଖରେ ପସରା ମେଲାଇ ଥିଲେ। ଆଖପାଖ ଅଚଳର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲାବେଳେ ଦୋକାନୀମାନଙ୍କ ବେପାର ଭଲ ହୋଇଥିଲା। ଏହାସହ ଦର୍ଶକମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସନ୍ଧ୍ୟାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମହୋତ୍ସବ କମିଟିର ଅଧ୍ୟକ୍ଷା ସ୍ଥାନୀୟ ବିଧାୟକ ତଥା ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଶିକ୍ଷା ଓ ଜାତି ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡ, ଓଡ଼ିଶା ଟାଟା ହକିର ପ୍ରୋଜେକ୍ଟ ଡାଇରେକ୍ଟର ରାଜୀବ ସେଠ୍, ବିଧାୟକ କୋରେଇ ଆକାଶ ଦାସନାୟକ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ନୟାଗଡ଼ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଗୋପାଳପୁର ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀପ୍ରିୟା ତାରାଇ, ନୟାଗଡ଼ ପିଡି ଦେବଦତ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାହିତ୍ୟିକ ବିରଞ୍ଚି ନାରାୟଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ କଳା ବିଦ୍ୟା ନିକେତନର ଅଧ୍ୟକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଧାୟକ ତଥା ଅଭିନେତା ଆକାଶ କିଛି ଚଳଚ୍ଚିତ୍ରର ସଂଳାପ ଓ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ଉଲ୍ଲସିତ କରିଥିଲେ। ଏଥିରେ ଉପସ୍ଥିତ ଅତିଥିମାନେ ରଣପୁର ଅଞ୍ଚଳ ବିକାଶ ସହିତ ଏହି ଅଞ୍ଚଳ କଳା,ସଂସ୍କୃତି, ପରମ୍ପରାର ବିକାଶ ଏବଂ ଏହାର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ରଣପୁର ଏକ ବୀରମାଟି ଏହି ମାଟିର ସନ୍ତାନ ଦେଶ ସ୍ୱାଧୀନ ପାଇଁ ଇଂରେଜମାନଙ୍କୁ ଠେଙ୍ଗାରେ ପିଟି ପିଟି ମାରିଥିବା ଇତିହାସ ରହିଛି ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସଭା ଶେଷରେ ଚଳିତ ବର୍ଷ ଓଏଏସ ପାଇଥିବା ରଣପୁର ବ୍ଲକ ବୃନ୍ଦାବନପୁର ଗ୍ରାମର ହର ପ୍ରସାଦ ମହାପାତ୍ରଙ୍କ ସହ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ୨ ଜଣ ଶତାୟୁ ବର୍ଷୀୟ ବୃଦ୍ଧାବୃଦ୍ଧଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଶିକ୍ଷକ ସନ୍ତୋଷ କୁମାର ସାହୁ, ଜଣେ ଦିବ୍ୟାଙ୍ଗ ହୋଇ ଶିକ୍ଷକତା କରୁଥିବା ବ୍ୟକ୍ତି ଯିଏ କି ସୁଉଚ୍ଚ ମଣିନାଗ ପାହାଡ଼ ନିର୍ମାଣ ସମୟରେ ତଳୁ ପାହାଡ଼ ଉପରକୁ ପାଣି ନେଇ ମନ୍ଦିର ନିର୍ମାଣରେ ସହଯୋଗ କରିଥିଲେ। ଏଥିପାଇଁ ତାଙ୍କୁ ମଧ ମହୋତ୍ସବରେ ସମ୍ମାନିତ କରିଯାଇଛି। ବରୁଣେଇ ପାଇକ ଆଖଡ଼ା, ସମ୍ବଲପୁରୀ ନୃତ୍ୟ, ଜିଲା ସଂସ୍କୃତି ବିଭାଗର ପାଲା, ଆସାମର ବିହୁ ଓ ପୁରୁଲିଆ ଛଉ ନୃତ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ପ୍ରବଳ ଶୀତ ସତ୍ତ୍ୱେ ଏହି ମହୋତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଜନସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

## ସଂକ୍ଷେପରେ

### ପଦ ଛାଡ଼ିଲେ ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ

କୁଜଙ୍ଗ,୭।୧(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତି ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମରେ ସେ ଅଲୋଡ଼ା ଅନୁଭବ କରିବାରୁ ଇସ୍ତଫା ଦେଇଥିବା ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦର୍ଶାଇଛନ୍ତି। ଅରୁପ୍ରସାଦ ଆହୁରି ଉଲ୍ଲେଖ କରିଛନ୍ତି ଯେ, ସେ ବିଜେଡିରେ ୧୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ସୁପାରିସକ୍ରମେ ୨୦୨୨ରୁ ବ୍ଲକ ଯୁବ ବିଜେଡି ସଭାପତି ଭାବେ କାର୍ଯ୍ୟ କରିଆସୁଥିଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ଦଳର ପରାଜୟ ପରେ ତାଙ୍କୁ କୌଣସି କାର୍ଯ୍ୟକ୍ରମରେ ଲୋଡ଼ା ଯାଉନାହିଁ। ଏପରିକି ଗତ ଡିସେମ୍ବର ୨୬ରେ ଦଳର ପ୍ରତିଷ୍ଠା ଦିବସ ପାଳନ ଉତ୍ସବକୁ ମଧ୍ୟ ତାଙ୍କୁ ଡକାଗଲା ନାହିଁ। ତେଣୁ ପଦ ମର୍ଯ୍ୟାଦା ଓ ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିବା ପାଇଁ ସେ ପଦରୁ ଇସ୍ତଫା ଦେଇଛନ୍ତି। ଆଗକୁ ସମ୍ବିତଙ୍କ ସହ ରହି କାର୍ଯ୍ୟ କରିବେ ବୋଲି ସେଥିରେ ଦର୍ଶାଇଛନ୍ତି। ତେବେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ବ୍ୟକ୍ତିଗତ କାରଣରୁ ପଦ ଛାଡ଼ିଥିବା ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଅରୁପ୍ରସାଦ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ସମ୍ବିତଙ୍କ ଏକାନ୍ତ ଅନୁଗତ ଥିଲେ।

### ଶିକ୍ଷକଙ୍କ ପରଲୋକ

ଏରସମା, ୭।୧(ଦୀପ୍ତି ଖଣ୍ଡଆଳ)

ଏରସମାର କୃତୀ ଶିକ୍ଷକ ଯୁଗଳ କିଶୋର ତ୍ରିପାଠୀ(୮୪)ଙ୍କ ରବିବାର ପରଲୋକ ଘଟିଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ କାରଣରୁ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ବର୍ଷ ଧରି ଏରସମାସ୍ଥିତ ବନମାଳୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ସେ ଅବସର ନେବା ପରେ ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ଗଳ୍ପ କବିତା ଓଡ଼ିଶାର ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ହୋଇଆସୁଥିଲା।

# ନିମ୍ନମାନର କାର୍ଯ୍ୟ: ବିଧାୟକ ଅସନ୍ତୁଷ୍ଟ

## କାଦୁଆପଡ଼ା ଗାଦିବ୍ରହ୍ମ ଓମେନ୍ସ କଲେଜ

ଜଗତ୍ସିଂହପୁର, ୭।୧ (ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ବ୍ଲକ ଅନ୍ତର୍ଗତ କାଦୁଆପଡାସ୍ଥିତ ଗାଦିବ୍ରହ୍ମ ଓମେନ୍ସ କଲେଜରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଚାଲିଛି। କିନ୍ତୁ ଏହି କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କାଦୁଆପଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମଙ୍ଗଳବାର ଆକ୍ସନ ମୋଡ୍‌କୁ ଚାଲି ଆସିଥିଲେ। ତୁରନ୍ତ କଲେଜରେ ପହଞ୍ଚି ଯାହା ଦେଖିଥିଲେ ସେଥିରେ ଅବାକ୍ ହୋଇ ଯାଇଥିଲେ। କେଉଁଠି ବିମ୍‌ରେ ରଡ୍ ଦେଖାଯାଉଥିଲା ତ ଆଉକେଉଁଠି କାନ୍ଥ ଯୋଡେଇ ନିମ୍ନମାନର ହୋଇଛି। ଏସବୁ ଦେଖି ବିଧାୟକ ଅସନ୍ତୋଷବ୍ୟକ୍ତ କରିବା ସହ ଜଗତ୍ସିଂହପୁର ବିଡିଓଙ୍କୁ ଫୋନ କରି ତାଗିଦ କରିବାକୁ କହିଥିଲେ। ପରେ କାଦୁଆପଡ଼ା ଉପସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଏହାର ପାରିପାର୍ଶ୍ୱିକ ଅବସ୍ଥା ଦେଖିଥିଲେ। ଉପସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତ୍ୟହ ଅନେକ ରୋଗୀ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଡାକ୍ତର ବସୁଥିବା ଗୃହ ଓ ଡ୍ରେସିଂ ଗୃହ ଅସ୍ୱାସ୍ଥ୍ୟକର ପରିବେଶରେ ରହିଛି। ଶୀତ ଋତୁରେ ଆସବାବପତ୍ର ଓଦା ହେଉଛି। ଏହା ଦେଖି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଜଗତ୍ସିଂହପୁର ବ୍ଲକ ଅଧୀନରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଥିବାରୁ ବିଡିଓ ତୁରନ୍ତ ମରାମତି କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିସହ ଡାକ୍ତର କ୍ୱାର୍ଟର୍ସ ଏବଂ କ୍ୟାମ୍ପସରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରି ପରିବେଶ ସ୍ୱାଭାବିକ କରିବା ପାଇଁ କହିଥିଲେ ।



ବିଧାୟକ ଅମରେନ୍ଦ୍ର ଦାସ କଲେଜରେ ବିଭିନ୍ନ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ନାବାଳିକା ଅପହରଣକାରୀଙ୍କୁ ୫ ବର୍ଷ ଜେଲ

ଜଗତ୍ସିଂହପୁର,୭।୧ (ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍ସିଂହପୁର ଏଡିଜେ ତଥା ସେସନ୍ସ ଜଜ୍ (ପୋକ୍ସୋ) ହରପ୍ରସାଦ ପଟ୍ଟନାୟକ ଏହାର ବିଚାର କରି ଏହି ଥାନା ଅନ୍ତର୍ଗତ ପଲ୍ଲୀ ଗ୍ରାମର ଅଭିଯୁକ୍ତ ଶୁଭଜିତ ଓଝାଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ କ୍ଷତିପୂରଣ ବାବଦରେ ଅପହୃତାଙ୍କୁ ୨ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଜଗତ୍ସିଂହପୁର ସ୍ୱତନ୍ତ୍ର ପିପି (ପବ୍ଲିକ ପ୍ରସିକ୍ୟୁଟର) ଶିବ ପ୍ରସାଦ ମାଝୀ କହିଛନ୍ତି, ୨୩ ମାର୍ଚ୍ଚ ୨୦୧୯ରେ ନାବାଳିକା ଜଣକ ତାଙ୍କ ଘର ବାଡ଼ିପାଖରେ ବସିଥିବାବେଳେ ଅଭିଯୁକ୍ତ ଶୁଭଜିତ ତାଙ୍କୁ ଅପହରଣ କରି ନେଇଥିଲେ। ଏହାପରେ ତାଙ୍କୁ ନେଇ ବାଲିକୁଦା ଥାନା ଅନ୍ତର୍ଗତ କଣ୍ଢାଗିଡ଼ି ଜଣେ ବ୍ୟକ୍ତିଙ୍କ ଘରେ ରଖିଥିଲେ। ନାବାଳିକାଙ୍କ ପରିବାର ଲୋକେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମଧ୍ୟ ନ ପାଇବାରୁ ୨୪ ମାର୍ଚ୍ଚ ୨୦୧୯ରେ ଜଗତ୍ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ.୧୧୧/୧୯) ରୁଜୁକରିଥିଲା। ଏହି ମାମଲାରେ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର: ୫୧ ପଞ୍ଜୀକୃତ



ଶିବିରରେ ଯୋଗଦେଇଥିବା ନିଯୁକ୍ତିଦାତା ଓ ଅନ୍ୟମାନେ।

ରଘୁନାଥପୁର,୭।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ମିଶନ ଶକ୍ତି ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ରୁ ୩୫ ବର୍ଷ ମଧ୍ୟରେ ୩୩ ମହିଳା ଓ ୧୮ ଜଣ ପୁରୁଷଙ୍କୁ ମିଶାଇ ମୋଟ ୫୧ ଜଣ ଯୋଗଦେଇ ନିଯୁକ୍ତି ସୁଯୋଗ ନିମନ୍ତେ ତାଲିମ ପାଇଁ ପଞ୍ଜୀକୃତ କରିଥିଲେ। ଏଥିରେ ସରକାରୀ ଆଇଟିଆଇ ଓ ପଲିଟେକନିକ ସଂସ୍ଥାକୁ ମିଶାଇ ୧୨ କମ୍ପାନୀ ଉପସ୍ଥିତ ଥିଲେ। ଶିବିରକୁ ଜିଲା ଏମ୍ପ୍ଲୟମେଣ୍ଟ ଅଫିସର ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ସରକାରଙ୍କ ପକ୍ଷରୁ ବେକାରୀ ଦୂରୀକରଣ ତଥା ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହା ଏକ ପ୍ରୟାସ ବୋଲି ବେହେରା ପ୍ରକାଶ କରିଛନ୍ତି। ଏବିଡିଓ ଜ୍ଞାନଦା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଓଡ଼ିଶା ଜୀବିକା ମିଶନ ବିପିଏମ୍ ଲିପିକା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ଏଥିରେ ଜୁନିୟର ଏମ୍ପ୍ଲୟମେଣ୍ଟ ଅଫିସର ଅଶୋକ ମାଦୁଳା, ୟଙ୍ଗ ପ୍ରଫେସନାଲ ଦିବ୍ୟଜ୍ୟୋତି ମହାପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଆବେଦନ କରିଥିବା ବ୍ୟକ୍ତିମାନେ ନିଜର ଟ୍ରେଡ୍ ଚୟନ କରିବା ପରେ ସେମାନଙ୍କୁ ୧୫ ଦିନରୁ ୬ ମାସ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ମାଗଣାରେ ରହିବା ଖାଇବା ସହ ତାଲିମ ଦିଆଯିବ। ତାଲିମ ପ୍ରାପ୍ତପରେ ସେମାନଙ୍କୁ ରାଜ୍ୟ ତଥା ବାହାରେ ନିଯୁକ୍ତି ଦିଆଯିବ ବୋଲି କମ୍ପାନୀଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। କ୍ୟାଶିଅର ଭାବେଶ କୁମାର ବେହେରା, ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ, ଓଏଲ୍‌ଏମ୍ ବିପିସି ବିଶୋଜିତା ଦାଶ ଓ ତ୍ରିନାଥ ଦାସଙ୍କ ସହ ବିଭିନ୍ନ ପଞ୍ଚାୟତର ଏମ୍‌ବିକେ ଓ ସିଆରପିମାନେ ଏଥିରେ ସହଯୋଗ କରିଥିଲେ।

## କଂଗ୍ରେସ ନେତାଙ୍କ ପିତୃ ବିୟୋଗ

କୁଜଙ୍ଗ,୭।୧(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନ ମଣ୍ଡଳୀର ଜଣାଶୁଣା କଂଗ୍ରେସ ଯୁବ ନେତା ତଥା ସାମାଜିକ କର୍ମୀ ବୀରେନ ଦଳାଇଙ୍କ ବାପା ତଥା ତାଳଦଣ୍ଡା ସେବା ସମବାୟ ସମିତି ଉପସଭାପତି ବିପିନ ବିହାରୀ ଦଳାଇ(୭୮)ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଶ୍ୱାସଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ମଙ୍ଗଳବାର ଭୋରରୁ ଆରଖିଆ ଦଳେଇ ସାହିସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବରିଷ୍ଠ କଂଗ୍ରେସ ନେତା ବିଶ୍ୱରଞ୍ଜନ ମହାନ୍ତି, ଦେବପ୍ରସାଦ ନାୟକ, ଅଶ୍ୱିନୀ ସ୍ୱାଇଁ, ଭିକି ଶର୍ମା, ନିହାର ଦାସ, ସମବାୟ ସମିତି ସଭାନେତ୍ରୀ ସୁବାସିନୀ କର, ଅବିନାଶ ମଲ୍ଲିକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅନ୍ୟପଟେ ବିଜେଡି ନେତା ଅରିନ୍ଦମ ସର୍ଖେଲ, କଂଗ୍ରେସ ଯୁବନେତା ଡ. ସ୍ମୃତି ରଞ୍ଜନ ଲେଙ୍କା, ନିରଞ୍ଜନ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ବୀରେନ ମୁଖାଗ୍ନି ଦେଇଥିଲେ।

# ଇଫ୍‌କୋ ପରିସରରେ ସଡ଼କ ସୁରକ୍ଷା ସଚେତନତା



ପତାକା ଦେଖାଇ ସଡ଼କ ସୁରକ୍ଷା ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

ପାରାଦୀପ,୭।୧(ଶରତ ରାଉତ)

ପାରାଦୀପ ଇଫ୍‌କୋ କାରଖାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଆର୍‌ଟିଓ ଓ କଟକ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଫ୍‌କୋ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଏଏସ୍‌ପି ସ୍ମୃତିରଞ୍ଜନ କର, କାରଖାନା ବାସ୍ଥିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ୪ଟି ସଚେତନତା ରଥ କଟକ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲାରେ ପରିକ୍ରମା କରୁଛି। ଏହା ଜାନୁଆରୀ ୩୧ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ସଚେତନତା ବାର୍ତ୍ତା ରହିଛି ଅମାନିଆ ଓ ସଡ଼କ କାନ୍ଦୁଛି। ଏହି ଭାବନା ନେଇ ସତର୍କ ରହିଲେ ଆମେ ଦୁର୍ଘଟଣାକୁ ଏଡ଼ାଇ ପାରିବା ବୋଲି ମୁଖ୍ୟ ଅତିଥି ମହାପାତ୍ର କହିଥିଲେ। ଏହି ଅବସରରେ କମ୍ପାନୀ ନାନୋ ସାଧାରଣ ପରିଚାଳକ ଏସ୍ ପି ରଥ, କେଆରଏନ ମୂର୍ତ୍ତି ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସପ୍ତାହରେ ଶପଥପାଠ କଲେ ଏନ୍‌ସିସି କ୍ୟାଡେଟ୍



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏନ୍‌ସିସି କ୍ୟାଡେଟ୍‌ମାନେ।

**ନାଉଗାଁ,୭।୧(ସୁଧା ବେହୁରା):** ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏନ୍‌ସିସି ଅଫିସର ଅମୂଲ୍ୟ କୁମାର ମିଶ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ପୋଲିସ ସବ୍‌ଇନ୍ସପେକ୍ଟର ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ସଭାରେ ଯୋଗ ଦେଇଥିବା କ୍ୟାଡେଟ୍‌ମାନଙ୍କୁ ଶପଥ ପାଠ କରାଇଥିଲେ। ପରେ ଆୟୋଜିତ ସଭାରେ ଗାଡ଼ି ଚଲାଇବାବେଳେ ଟ୍ରାଫିକ ନିୟମ ମାନିବା, ମୋବାଇଲ ବ୍ୟବହାର ନ କରିବା, ସିଟ୍ ବେଲ୍ଟ ବାନ୍ଧିବା, ବିନା ହେଲମେଟ୍‌ରେ ଯାତ୍ରା ନ କରିବା, ନିଶା ଦ୍ରବ୍ୟ ବ୍ୟବହାର ନ କରିବା, ଧାର୍ଯ୍ୟ ଓଜନଠାରୁ ଅଧିକ ମାଲ ପରିବହନ ନ କରିବା ଆଦି ଉପରେ ସଚେତନ କରିଥିଲେ। ଶେଷରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଢ଼ ମନୋବଳ ଆତ୍ମସୁରକ୍ଷା ପାଇଁ ପ୍ରେରଣା ଯୋଗାଏ

## ରେଢୁଆ ବିସି ଜୁନିଅର କଲେଜ

ରଘୁନାଥପୁର,୭।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ଜୁନିଅର କଲେଜର ୧୫୧ ଜଣ ବାଳିକାଙ୍କୁ ନେଇ ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଦୈନନ୍ଦିନ ଜୀବନରେ କୌଣସି ବିପଦ ଆପଦ ସମୟରେ ବାଳିକାମାନଙ୍କ କ୍ଷେତ୍ରରେ ଧୈର୍ଯ୍ୟ ଓ ସାହସ ହେଉଛି ଏକମାତ୍ର ଅସ୍ତ୍ର। ଏଥିପାଇଁ ଦୃଢ ମନୋବଳ ଅତ୍ୟନ୍ତ ଜରୁରୀ। କାରଣ ଦୃଢ ମନୋବଳ ଆତ୍ମସୁରକ୍ଷା ପାଇଁ ପ୍ରେରଣା ଦିଏ ବୋଲି ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫେସର ପଣ୍ଡା କହିଥିଲେ। ଏହାଛଡା ବାଳିକାମାନେ ସଂଯମତାକୁ ପ୍ରାଧାନ୍ୟ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଅଧିକାରିଣୀ ସୌମ୍ୟା ମହାନ୍ତି ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ କେଦାର ମୁଦୁଲି ସଭା ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ପ୍ରତାପ କୁମାର ଲେଙ୍କା, ଗଦାଧର ପାଣି, ସରୋଜ ମିଶ୍ର, ଅଧ୍ୟାପିକା ଯାଜ୍ଞସେନୀ ରାଉତ, ସ୍ମିତା ପ୍ରଧାନ, ସୁଜାତା ଦାସ ଓ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଅତିଥିଭାବେ ଉପସ୍ଥିତ ଛାତ୍ରୀମାନଙ୍କୁ ଏସମ୍ବନ୍ଧୀୟ ଦିଗଦର୍ଶନ ଦେଇଥିଲେ। ମାଷ୍ଟର ଟ୍ରେନ୍‌ର ଭାବେ ପ୍ରିୟଙ୍କା ନାୟକ ଓ ପ୍ରତ୍ୟୁଷା ଭୋଳ ବାଳିକାମାନଙ୍କୁ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିକ୍ଷା କର୍ମଚାରୀ ବାବୁଲି ସ୍ୱାଇଁ ଏଥିରେ ସହଯୋଗ କରିଥିଲେ।




**GOVERNMENT OF ODISHA** No.C-1409

**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**

e-mail:eephd.rgda.od@nic.in, eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-39/2024-25 DT. 02.01.2025

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Construction of Compound wall at 1 MLD OGR at BPL Colony, Paralakhemundi | EEPHDRAYAGADA -39/2024-25 Dtd.03.01.2025 | 23.46 | 'C' and 'B' Class | 03 (Three Months) | 10.01.2025 (11.00 Hr) | 24.01.2025 (17.00 Hr) |

Name & Address of Officer Inviting Bid: **Executive Engineer, P.H. Division, Rayagada, Email: eephd.rgda.od@nic.in, eephdrgda@gmail.com** ❖Further details can be seen from the e-Procurement portal "https://www.tendersorissa.gov.in". ❖ **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-13052/11/0008/2425 Sd./- EXECUTIVE ENGINEER, P.H. DIVISION, RAYAGADA

**No.F-150** : "Sealed tenders are invited from intending agencies/firms/printing press for printing of 47000 Nua Arunima Work Book I&II, Child Assessment Card, Picture/ Numeracy Book (Approximately) and delivery of the same at 12 ICDS Project points of the district. The tender documents should reach in the Office of the District Social Welfare Officer, Puri by Registered post or Speed post by 5 P.M. on dtd - 24.01.25 and the tender will be opened at 11.30 A.M. on dtd - 27.01.2025 in the office chamber of Collector, Puri in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay. The details regarding sample, colour/specification of the Kuni calendar should be of exact specifications as per the sample available in wcd.odisha.gov.in /www.wcdorissa.gov.in / & http://www.puri.nic.in. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these books should be redesigned or modified. The decision of the tender committee regarding acceptance /rejection of tender without assigning any reason thereon is binding."

OIPR-24014/11/0012/2425 Sd./- Collector, Puri

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER RURAL WORKS DIVISION-I, BHADRAK**

E_mail:ee_rwbdk@yahoo.com

"e" Procurement Notice for Road Works

Bid Identification No. Online Tender 07 of 2024-25

**No.O-1057:**1. Name of the Work: Roads. 2. Total No.of Works: 10 Nos. 3. Estimated Cost: Rs.8.47 Lakh to 16.95 Lakhs. 4. Class of Contractor: "D" & "C" Class. 5. Period of Completion: As per Annexure. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender online for bidding | | Date of Seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Executive Engineer, Rural Works Division-I, Bhadrak | Online-7 of 2024-25 | 09.01.25 At 11.00 A.M. | 18.01.25 Upto 4.00 P.M. | 18.01.25 At- 2.00 P.M. | 20.01.25 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in"

**N.B. Transparency Lottery to be held on Dt.27.01.25 at 4.00 P.M. (If any changes it will be intimated)**

Sd./- Er. Kanan Pradhan

OIPR-25060/11/0010/2425 Superintending Engineer, R.W. Division, Bhadrak

**Government of Odisha "e" Procurement Notice**

**OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL**

E-Procurement Bid Identification No.-09-DFO/DKL of 2024-25

**No.MM-402:** 1. Name of the Work: Construction of Wooden Krall for adult Bull, Elephant Open Moat with Hanging Solar System, EPT, Entry Gate, Camera System, Observation Tower for Wooden Kraal and Open Moat and Treatment Kraal for Juvenile and Calf Elephant at Kapilash Rescue Centre of Dhenkanal Forest Division. 2. Estimate Cost: Rs.1,03,51,731/- (Approximate). 3. Period of Completion: 2 Months. 4. Date & Time of availability of the Bid documents in the portal : From 10.00 AM of 06.01.2025 to 5.00 PM of 16.01.2025. 5. Last date/time of receipt of the bid in portal: 16.01.2025 upto 5.00 P.M. 6. Date of Opening: 17.01.2025 at 11.00 AM. 7. Class of Contractor: "B" & "A" Class Contractor. 8. Name and address of the office: Office of the Divisional Forest Officer, Dhenkanal Division, Dhenkanal. Further details can be seen from the e-procurement portal **"https://tendersorissa.gov.in.**

Sd./- Divisional Forest Officer, Dhenkanal Division

OIPR-08037/11/0010/2425

**GOVERNMENT OF ODISHA** No.O-1158

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA**

email: ccerwcrayagada@gmail.com

E-Procurement Notice for PMGSY maintenance works

1. Name of the Work: Periodical Renewal work including 5 year routine maintenance for the 5 year completed post DLP PMGSY Road (15 Nos.). 2. Class of Contractor: "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost: Varies from Rs.108.40 Lakhs to Rs.369.95 Lakhs (Approximately). 4. Details Projects as per Annexure attached:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | CCERW-CRGD- On-line-03/2024-25 | 10.01.2025 at 11.00 A.M. | 24.01.2025 upto 5.00 P.M. | 22.01.2025 upto 2.00 P.M. | 27.01.2025 at 11.00 A.M. | To be intimated separately |

5.The details of works can be seen from the website **https://www.pmgsytenders.gov.in** for PMGSY maintenance works.
6. Any Corrigendum/Addendum will be displayed in the above e-tender website.

OIPR-25196/11/0003/2425 Sd./- Chief Construction Engineer, Rural Works Circle, Rayagada

SECTION - 1

**GOVERNMENT OF ODISHA**

**OFFICE OF THE PANCHAYAT SAMITI KRUSHNAPRASAD, PURI**

Email : ori-krushnaprasad@nic.in

NOTICE INVITING TENDERS FOR THE WORK

NATIONAL COMPETITIVE BIDDING THROUGH e-Procurement

Identification No. KRUSHNAPRASAD.03/2024-25

**No.i-403** : The **OFFICE OF THE PANCHAYAT SAMITI, KRUSHNAPRASAD, PURI, ODISHA** on behalf of Governor of Odisha invites **Percentage Rate Bids** through **e-Procurement** in conformity with the terms and conditions of the Detailed Tender Call Notice (DTCN) in **Single** Bid system from Class of Contractors as mentioned in Col.6 of table registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil Works requirements given in the DTCN on **Percentage Rate Bids** to be eventually drawn up in the standard **P1 Contract Form**. The bid should be submitted on-line in the website **www.tendersodisha.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement.

| | | | |
|---|---|---|---|
| 1 | Name of the Works | : | Const. of 4 Nos. of ACR of DR M.M.M High School, Nandala, Ramlenka GP |
| 2 | No. of Work | : | 01 |
| 3 | Estimated Cost | : | 36,97,033/- |
| 4 | Period of Completion | : | 120 days |
| 5 | Date and Time of Availability of Bid documents in the Portal | : | From Dt. 31.12.2024 at 11.00 hrs to Dt. 13.01.2025 up to 17.00 hrs. |
| 6 | Last Date/Time of receipt of Bids in the Portal | : | Dt.13.01.2025 upto 17.00 hrs. |
| 7 | Date of Opening of Bids | : | Dt.15.01.2025 12.00 P.M. onwards |
| 8 | Name and Address of the OIT | : | Office of the Panchayat Samiti, Krushnaprasad, Puri, Odisha |

Sd./-
Block Development Officer
Krushnaprasad, Puri

OIPR-19428/11/0003/2425

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER RURAL WORKS DIVISION, KESINGA**

E_mail:eerwkesinga@yahoo.com

e-Procurement Notice

BID IDENTIFICATION NO.RWKSNG-online-04/2024-25

**No.O-1157:**1. Name of Works: Road Works (As per annexure). 2. Total No. of Work: 9 Nos. 3. Estimated Cost: Rs.5.03 Lakhs to Rs.25.17 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D, C & B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Additional Chief Engineer, Rural Works Division, Kesinga | RWKSNG- on-line-04/ 24-25 | 06.01.2025 at 14.00 P.M. | 15.01.2025 upto 17.00 P.M. | 10.01.2025 upto 11.00 A.M. | 16.01.2025 at 11.00 P.M. |

Further details can be seen from the Website i.e. www.tenderodisha.gov.in

Sd./- Additional Chief Engineer
Rural Works Division, Kesinga

OIPR-25153/11/0004/2425


See Career Appointment on every Wednesday & Saturday

# ହଂସିତା, ଅନିଲଙ୍କ ଘରେ ଆୟକର ଚଢ଼ାଉ

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, କ୍ୱାଇଁ କହି ଠକେଇ ଘଟଣା

- ବ୍ୟାଙ୍କ ଆକାଉଣ୍ଟରେ ବେନାମୀ କାରବାର
- ଅନିଲଙ୍କ ଜନ୍ମଦିନରେ ଦାମୀ କାର୍ ଉପହାର ଦେଇଥିଲେ ହଂସିତା






ଭୁବନେଶ୍ୱର,୭।୧ (ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ କ୍ୱାଇଁ ପରିଚୟ ଦେଇ ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍ସା ଓ ଅନିଲ କୁମାର ମହାନ୍ତି ଏବେ ଝାରପଡ଼ା ଜେଲରେ ଥିବାବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏପିରିକି ଉଭୟଙ୍କ ଠକେଇ ଗୁମର ଖୋଲିବାକୁ କ୍ରାଇମ୍ ୟୁନିଟ ୩ଦିନ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ମଙ୍ଗଳବାର ଶେଷ ହୋଇଥିବାବେଳେ କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଇତିମଧ୍ୟରେ ଆୟକର ବିଭାଗ ହଂସିତା ଏବଂ ଅନିଲଙ୍କ ଘର, କାର୍ଯ୍ୟାଳୟ ସମେତ ୧୨ସ୍ଥାନରେ ଚଢ଼ାଉ କରି ତନାଘନା ଆରମ୍ଭ କରିଛି। ନନ୍ଦନକାନନ ରଘୁନାଥ ବିହାରରେ ଥିବା କର୍ପୋରେଟର ଅଫିସ ବନ୍ଦ ଥିବାରୁ ତାଲା କାଟି ଭିତରେ ପଶିବା ସହ ବହୁ କାଗଜପତ୍ର ଜବତ କରିଛି। ସେହିପରି ଅନିଲ ରହୁଥିବା ଫ୍ଲାଟରେ ଡିଜିଟାଲ ଲକ୍ ବ୍ୟବସ୍ଥା ଥିବାରୁ ସେଠାରେ ଭିତରକୁ ପ୍ରବେଶ କରି ନ ପାରି ଆୟକର ଟିମ୍ ନିରାଶ ହୋଇ ଫେରିଛି। ବିନା ଋଣରେ ହଂସିତା ଦାମୀ କାର୍ କିଣିବା ସହ ସେମାନଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍ସନର ତଥ୍ୟ ଆଧାରରେ ଆୟକର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେହିପରି ପୋର୍ସେ ଗାଡ଼ି କିଣି ପାର୍ଟନର ଅନିଲ ମହାନ୍ତିଙ୍କୁ ହଂସିତା ଜନ୍ମଦିନ ଉପହାର ଦେଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ ହଂସିତା କଳାହାଣ୍ଡି ନର୍ଲାର ହୋଇଥିବାବେଳେ ମୂଳ ନା ବିଷ୍ଣୁପ୍ରିୟା ଚାନ୍ଦ ଓରଫ ରାକ୍ଷୀ ବୋଲି ପୋଲିସ ଜାଣିବାକୁ ପାଇଛି। ୨୦୧୭ରେ ନର୍ଲା ବାଗପୁର ପଞ୍ଚାୟତରେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ୨୦୧୮ ମାର୍ଚ୍ଚ ୨୬ରେ ସରପଞ୍ଚ ଓ ସମିତି ସଭ୍ୟାଙ୍କ ବିଭିନ୍ନ ଦାବି ନେଇ ରାଜଧାନୀର ଲୋୟର ପିଏମ୍‌ଜିରେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନର୍ଲାରୁ ସିଧା ନୂଆଦିଲ୍ଲୀ ଚାଲିଯାଇଥିଲେ ବିଷ୍ଣୁପ୍ରିୟା ଓରଫ ହଂସିତା। ପରେ ଦିଲ୍ଲୀରୁ ଫେରି ୨୦୧୮ରେ କନ୍ଧମାଳର ଜଣେ ପୂର୍ବତନ ସାଂସଦ ପ୍ରାର୍ଥୀଙ୍କୁ ବିବାହ କରିଥିବା ଶୁଣିବାକୁ ମିଳିଛି। ତେବେ ବିଷ୍ଣୁପ୍ରିୟା ହଠାତ କାହିଁକି ବଡ଼ବଡ଼ିଆଙ୍କୁ ଠକିବାକୁ ମନସ୍ଥ କଲେ ପୋଲିସ ରିମାଣ୍ଡରେ ଆଣି ତାହାର ତଥ୍ୟ ଓଗାଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ସେହିଭଳି ୨୦୧୮ରେ ଫାର୍ମା କମ୍ପାନୀ ଡିଷ୍ଟ୍ରିବ୍ୟୁଟରଙ୍କୁ ୨୦ ଲକ୍ଷ ଟଙ୍କାର ଠକେଇ କରିଥିବା ନେଇ କଟକ ମଙ୍ଗଳାବାଗ ଥାନାରେ ବିଷ୍ଣୁପ୍ରିୟାଙ୍କ ନାଁରେ ମାମଲା ରୁଜୁ ହୋଇଥିବା ମଧ୍ୟ ସୂଚନା ମିଳିଛି। ବିଭିନ୍ନ ମାମଲାରୁ ନିଜକୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ବିଷ୍ଣୁପ୍ରିୟା ୨୦୨୩ରେ ନିଜ ନାମ ହଂସିତାକୁ ସରକାରୀ କାଗଜାଦିରେ ପରିବର୍ତ୍ତନ କରିଥିଲେ ବୋଲି ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି।

ସୂଚନା ଅନୁଯାୟୀ, ହଂସିତା ରଘୁନାଥପୁରରେ ଏକ ଆପାର୍ଟମେଣ୍ଟରେ ଅନିଲଙ୍କ ସହ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ଅନିଲଙ୍କ ନାଁରେ ଦୁଇଟି କମ୍ପାନୀ ଥିବାବେଳେ ପଟିଆ ଅଞ୍ଚଳରେ ଏକ ଅଫିସ କରି ଲୋକମାନଙ୍କୁ ଠକୁଥିଲେ। ଏପରି କି ସେମାନେ ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚାମାଲ ଯୋଗାଇବା ପାଇଁ ଖଣିମାଲିକଙ୍କୁ ଟେଣ୍ଡର, ବିଲ୍ଡରଙ୍କୁ ଜମି, କୋଠା ଆପ୍ରୁଭାଲ କରାଇବା ଆଦି କହି ବଡ଼ବଡ଼ିଆଙ୍କୁ ଫସାଉଥିଲେ। ବଡ଼ବଡ଼ିଆଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓ ପୂର୍ବତନ ସିଏଜି ଗିରିସ୍ ମୁର୍ମୁଙ୍କ ଫଟୋ ସହ ନିଜ ଫଟୋ ଏଡିଟ୍ କରି ଏହାକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରୁଥିଲେ।

## ଠକେଇ ମାମଲାରେ ଏମ୍‌ପି ପ୍ରଦୀପ, ପାଠକ ବାପପୁଅ ନିର୍ଦ୍ଦୋଷ



ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ନିର୍ଦ୍ଦୋଷରେ ଖଲାସ ହେବାପରେ କୋର୍ଟରୁ ବାହାରୁଛନ୍ତି।

ବ୍ରହ୍ମପୁର,୭।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ନେଇ ୫ଟି ମାମଲା ମଧ୍ୟରୁ ୨ଟିରେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବହିଷ୍କୃତ ଆଇଏଫ୍‌ଏସ୍ ଅଫିସର ଅଭୟ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ଆଶ୍ୱସ୍ତି ମିଳିଛି। ମଙ୍ଗଳବାର ଏମ୍‌ପି ପାଣିଗ୍ରାହୀ ଓ ପାଠକ ବାପପୁଅ ସାଂସଦ ଓ ବିଧାୟକଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର କୋର୍ଟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକଙ୍କ କୋର୍ଟରେ ହାଜର ହୋଇ ବୟାନ ଦେଇଥିଲେ। ବୈଦ୍ୟନାଥପୁର ଥାନାରେ ଏତଲାକାରୀ କାର୍ତ୍ତିକ ପ୍ରଧାନଙ୍କ ଅଭିଯୋଗରେ ରୁଜୁ ହୋଇଥିବା ଜିଆର୍ ୫୧୧/୨୧ ଓ ଗୋଳନ୍ଥରା ଥାନାରେ ଲକ୍ଷ୍ମୀ ନାଇକଙ୍କ ଅଭିଯୋଗରେ ହୋଇଥିବା ମାମଲା ଜିଆର ୨୨୨୫/୨୦ର ଶୁଣାଣି କରି ମାଜିଷ୍ଟ୍ରେଟ ପ୍ରଦୀପଙ୍କ ସମେତ ପାଠକ ବାପପୁଅଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବୁଧବାର ଅନ୍ୟ ୩ଟି ମାମଲାର ରାୟ ପ୍ରକାଶ ପାଇବ ବୋଲି ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସୂଚନା ଦେଇଛନ୍ତି।

ଟାଟା କମ୍ପାନୀରେ ନିଯୁକ୍ତି ନାଁରେ ଟଙ୍କା ଠକେଇ କରିବା ନେଇ ଗୋପାଳପୁରର ପୂର୍ବତନ ବିଧାୟକ ତଥା ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ, ଅଭୟ ପାଠକ ଓ ପୁଅ ଆକାଶଙ୍କ ନାମରେ ଅଭିଯୋଗ ହୋଇଥିଲା। ପ୍ରଥମେ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଅଭିଯୋଗ ପରେ କଟକ ସାଇବର୍ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ପର୍ଯ୍ୟାୟକ୍ରମେ ପ୍ରଦୀପ ଓ ପାଠକ ବାପପୁଅଙ୍କ ନାମରେ ୫ଟି ଠକେଇ ମାମଲା ରୁଜୁ ହୋଇଥିଲା।

## ଜଙ୍ଗଲରେ ଆଦିବାସୀ ଦମ୍ପତିଙ୍କୁ ମାଡ଼ ମାରିଲେ ବନ କର୍ମଚାରୀ

କାମାକ୍ଷାନଗର, ୭।୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ପଳାସଡ଼ାଙ୍ଗି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଆଦିବାସୀ ଦମ୍ପତିଙ୍କୁ ବନବିଭାଗ କର୍ମଚାରୀମାନେ ନିର୍ଘୃମ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କାଠଚୋର ଧରିବାକୁ ଯାଇ ଦମ୍ପତିଙ୍କୁ ବନ କର୍ମଚାରୀ ଜଙ୍ଗଲ ଭିତରେ ପିଟିଛନ୍ତି। ଉଭୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଦମ୍ପତି ହେଲେ କଙ୍କଡାହାଡ଼ ଥାନା ପଳାସଡାଙ୍ଗି ଗ୍ରାମର ସଦା ପଧାନ ଓ ଜ୍ୟୋତ୍ସ୍ନା ପଧାନ। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସରେ କୌଣସି ମାମଲା ରୁଜୁ ହୋଇନାହିଁ।

ସୂଚନା ଅନୁସାରେ, ମଙ୍ଗଳବାର ବନବିଭାଗ କର୍ମଚାରୀମାନେ ପଳାସଡ଼ାଙ୍ଗି ସଂରକ୍ଷିତ ଜଙ୍ଗଲରେ କାଠଚୋରି ହୋଇଥିବା ଅଭିଯୋଗ ପାଇ ଚଢ଼ାଉ କରିବାକୁ ଯାଇଥିଲେ। ସେହି ସମୟରେ ଜଙ୍ଗଲରେ ଉକ୍ତ ଆଦିବାସୀ ଦମ୍ପତିଙ୍କୁ ଦେଖିଥିଲେ। ସେମାନଙ୍କୁ କାଠଚୋର ଭାବି ବନ କର୍ମଚାରୀମାନେ ଅଟକାଇଥିଲେ। ପରେ ବନକର୍ମଚାରୀମାନେ ସେମାନଙ୍କୁ ରଡ଼ ଓ ବାଡ଼ିସାହାଯ୍ୟରେ ମାଡ଼ ମାରିଥିଲେ। ସଦାଙ୍କ ପିଠି, ଜଙ୍ଘ ଓ ହାତରେ ଗଭୀର କ୍ଷତ ହୋଇଥିଲା। କେତେଜଣ ସ୍ଥାନୀୟ ଲୋକ ପହଞ୍ଚି ଉଭୟଙ୍କୁ ଏକ ଅଟୋ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ଏପରି କୌଣସି ଘଟଣା ଘଟିଥିବା ମୋ ନଜରକୁ ଆସିନାହିଁ। ଅପରପକ୍ଷରେ କାମାକ୍ଷାନଗର ଥାନା ଅଧିକାରୀ ଧୀରେନ୍ କୁମାର ବେହେରା କହିଛନ୍ତି, ଏନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ।

## ୫ ଆନ୍ତଃ ରାଜ୍ୟ ଡକାୟତ ଗିରଫ

ତିହିଡ଼ି,୭।୧ (ସଞ୍ଜିତ ବଳ)



ଗିରଫ ଡକାୟତଙ୍କ ସହ ପୋଲିସ ଅଧିକାରୀ।

ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତର ଏକ ଗାଁରେ ଡକାୟତି ପାଇଁ ସୋମବାର ରାତିରେ ଯୋଜନା କରୁଥିବା ବେଳେ ୫ ଆନ୍ତଃ ରାଜ୍ୟ ଡକାୟତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ସଦାନନ୍ଦ ଦାଶ(୨୭) ଓ ତାଙ୍କ ଭାଇ ଅଜୟ ଦାଶ(୨୨), ଗଞ୍ଜାମ ଜିଲା ଭଞ୍ଜନଗରର ଶିବରାମ ଜେନା(୨୬), ରାଜା ନାୟକ(୨୮) ଏବଂ ଖୋର୍ଦ୍ଧା ଜିଲା ଖୋର୍ଦ୍ଧା ଦେୱାନୀସାହିର ଚନ୍ଦନ ସାହୁ(୨୫)। ସେମାନଙ୍କ ପାଖରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ଏକ ମାମଲା(ନଂ.୮/୨୪) ରୁଜୁ କରି ମଙ୍ଗଳବାର ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

ରାତିପ୍ରାୟ ୧୧ଟା ୪୫ରେ ଦୋଳସାହି ଗୋରୁହାଟ ନିକଟରେ ୫/୬ଜଣ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ଥାନାରୁ ନିର୍ଦ୍ଦେଶ ପାଇ ଏଏସ୍‌ଆଇ ଚିତ୍ତରଞ୍ଜନ ବାରିକ ଦୋଳସାହି, ଗାଜିପୁର ଓ ଅଲ୍ଲୀନଗରରେ ରାତ୍ରିପାଟ୍ରୋଲିଂ କରୁଥିବା ପୋଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସେମାନେ ଏକଜୁଟ ହୋଇ ଗୋରୁହାଟରେ ଚଢ଼ାଉ କରିଥିଲେ। ଡକାୟତମାନେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ଗୋଟିଏ ଛୁରୀ, ହାତୁଡ଼ି ଓ ଲୁହାଛଡ଼ ପୋଲିସ ଜବତ କରିଥିଲା। ଏହାବ୍ୟତୀତ ସେମାନେ ବସିଥିବା ସ୍ଥାନରୁ ୨ଟି ଖାଲି ମଦ ବୋତଲ, ସିଗାରେଟ୍ ପ୍ୟାକେଟ, ଖାଲି ମିକ୍ସଚର ପ୍ୟାକେଟ ମଧ୍ୟ ଜବତ କରାଯାଇଥିଲା। ସେମାନଙ୍କୁ ପୋଲିସ ପଚରାଉଚରା କରିବା ପରେ ଗୁଆମାଳ ପଞ୍ଚାୟତର ଏକ ଗାଁରେ ଡକାୟତି କରିବାକୁ ସେମାନେ ଯୋଜନା କରୁଥିବା କହିଥିଲେ। ଏହାବ୍ୟତୀତ ଭଦ୍ରକ- ଚାନ୍ଦବାଲି ରାଜ୍ୟ ରାଜପଥରେ ଯିବାଆସିବା କରୁଥିବା ଯାତ୍ରୀଙ୍କଠାରୁ ଏବଂ ରାସ୍ତାପାର୍ଶ୍ୱ ବିଭିନ୍ନ ଘରୁ ଡକାୟତି କରିବା ସେମାନଙ୍କ ଯୋଜନା ଥିଲା ବୋଲି ପ୍ରକାଶ କରିଥିଲେ। ସେମାନେ ବିଭିନ୍ନ ଅପରାଧରେ ଜଡ଼ିତ ଥିବା ନେଇ ଆଇଆଇସି ପ୍ରସନ୍ନ କୁମାର ନାୟକ ସୂଚନା ଦେବା ସହ ରାତି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା କହିଛନ୍ତି।

## ସାମାନ୍ୟ ଝଗଡ଼ାରୁ ସାଙ୍ଗ ଭୁସିଦେଲେ ଛୁରି

ଭୋଗରାଇ,୭।୧ (ପ୍ରଦୀପ ଦାସ)

ଦୁଇ ସାଙ୍ଗ ମଧ୍ୟରେ ସାମାନ୍ୟ ଝଗଡ଼ା ମଙ୍ଗଳବାର ଉଗ୍ରରୂପ ଧାରଣ କରିଛି। ସହପାଠୀଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଗୁରୁତର ଛାତ୍ରଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଦହମୁଣ୍ଡା ହାଇସ୍କୁଲ ପରିସର ବାହାରେ।

ସୂଚନାନୁଯାୟୀ, ଉକ୍ତ ହାଇସ୍କୁଲର ୯ମ ଶ୍ରେଣୀରେ ପଢୁଥିବା ୨ ଛାତ୍ର ସୋମବାର ସନ୍ଧ୍ୟାରେ ସ୍ଥାନୀୟ ନାଛିନ୍ଦା କୁଞ୍ଜମେଳାକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା ଓ ପରେ ଘରକୁ ଫେରିଥିଲେ। ମଙ୍ଗଳବାର ସ୍କୁଲ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଥିଲା। କାର୍ଯ୍ୟକ୍ରମ ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା। ସକାଳ ପ୍ରାୟ ୧୦ଟାରେ ସ୍କୁଲ ବାହାରେ ୨ ସହପାଠୀଙ୍କ ମଧ୍ୟରେ ପୁଣି ବଚସା ହୋଇଥିଲା। ପରେ ସହପାଠୀ ଜଣକ ଉତ୍କ୍ଷିପ୍ତ ହୋଇ ମେଳାରୁ ଆଣିଥିବା ଏକ ଛୁରିକୁ ଅନ୍ୟ ସହପାଠୀଙ୍କ ପେଟରେ ଭୁସି ଦେଇଥିଲେ। ଅନ୍ୟ ଛାତ୍ରୀଛାତ୍ରମାନେ ଦୌଡ଼ି ଆସି ସ୍କୁଲରେ ଖବର ଦେବାପରେ ଗ୍ରାମବାସୀ ଓ ଶିକ୍ଷକମାନେ ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ସେଠାରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଛାତ୍ରଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଛାତ୍ରଙ୍କ ଅବସ୍ଥାରେ ସୁଧାର ଆସିଥିବା ଛାତ୍ରଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି। ଛୁରାମାଡ଼ କରିଥିବା ଛାତ୍ରଙ୍କୁ କମର୍ଦ୍ଦା ପୋଲିସ ଥାନାରେ ଅଟକ ରଖିଛି। ଖବର ଲେଖାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ଠକ ମାଳି ଭଜନ ଟାଣ**
**ଭୋକ କଲା ଭାତ ପାଖକୁ ଆଣ।**

ନାଁକୁ ମାତ୍ର ଈଶ୍ୱର ଆରାଧନା, ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷେ କୌଣସି ପ୍ରକାରର କାମନା, ବାସନା ଓ ଲାଳସା ଭାବନା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠେକିରୁ ତେଲ ସାରିବି ନାହିଁ,**
**ପୁଅକୁ ନୁଖୁରା ରଖିବି ନାହିଁ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଫାଇନାନ୍ସ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲୁଟିଲେ

ଦାରିଙ୍ଗବାଡି,୭।୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ କିରିକୁଟି ଓ ପର୍ଭମାହା ପଞ୍ଚାୟତ ସୀମାବର୍ତ୍ତୀ କୁମ୍ଭାରମୁଣ୍ଡା ନିକଟରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ମଙ୍ଗଳବାର ଲୁଟ୍ ହୋଇଛି। ମୁଖାପିନ୍ଧା ୩ ଜଣ ଦୁର୍ବୃତ୍ତ ଫାଇନାନ୍ସ କର୍ମଚାରୀ ମିଥେଲ ଦିଗାଲଙ୍କୁ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ତାଙ୍କ ବାଇକ୍ ଓ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁରୁତର ଅବସ୍ଥାରେ ମିଥେଲଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ସିମନବାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ଚିକିତ୍ସା ପାଇଁ ଯିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ମିଥେଲ ବାଇକ (ନଂ. ଓଡି ୧୨ଇ ୭୪୮୫ )ରେ ସକାଳେ ଦାରିଙ୍ଗବାଡି ଫାଇନାନ୍ସ କାର୍ଯ୍ୟାଳୟରୁ ବାହାରି କିରିକୁଟି ପଞ୍ଚାୟତର କୁମ୍ଭାରମୁଣ୍ଡା ଗ୍ରାମ ଦେଇ ପର୍ଭମାହା ପଞ୍ଚାୟତ ସୁଜାମାଜୁ, କାଡିପାଙ୍ଗା ଅଞ୍ଚଳକୁ ଋଣ ବାବଦ ଅର୍ଥ ସଂଗ୍ରହ ପାଇଁ ଯାଇଥିଲେ। ମଧ୍ୟାହ୍ନରେ ସେ ଦାରିଙ୍ଗବାଡି ଫେରିବା ବେଳେ କୁମ୍ଭାରମୁଣ୍ଡା ନିକଟରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମିଥେଲଙ୍କ ବାଇକ୍ ଛଡାଇ ନେଇଥିଲେ। ଅନ୍ୟ ଦୁଇ ଜଣ ମିଥେଲଙ୍କୁ ସେମାନଙ୍କ ବାଇକ୍ ମଝିରେ ବସାଇ ବନ୍ଧୁକ ଦେଖାଇ କିଛିବାଟ ନେଇଥିଲେ। ଜଙ୍ଗଲରେ କେତେଜଣ ଲୋକ ହଳଦୀ ଖୋଳୁଥିବା ଦେଖି ମିଥେଲ ବାଇକ୍‌ରୁ ଡେଇଁବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଦୁର୍ବୃତ୍ତଙ୍କ ସହ ମିଥେଲ ବାଇକ୍‌ରୁ ଖସି ପଡ଼ିଥିଲେ। ପରେ ଦୁର୍ବୃତ୍ତମାନେ ପ୍ରବଳ ପିଟିବା ସହ ବନ୍ଧୁକରେ ମୁଣ୍ଡକୁ ବାରମ୍ବାର ଆଘାତ ଦେଇ ସେଠାରୁ ଚମ୍ପଟ ମାରିଥିଲେ ବୋଲି ମିଥେଲ କହିଛନ୍ତି।

## ଚାଳକଙ୍କୁ ୩ଦିନିଆ ରିମାଣ୍ଡରେ ନେଲା ପୋଲିସ

**ଟ୍ରକ ମଡ଼ାଇ ୨ ଭାଜପା ନେତାଙ୍କୁ ହତ୍ୟା ଘଟଣା**

ସମ୍ବଲପୁର, ୭।୧ (ପ୍ରମୋଦ ବହିଦାର)

ବୁର୍ଲା ଥାନା ଜାତୀୟ ରାଜପଥ(୫୩) ସମ୍ବଲପୁର ଜିଲା ଆ.କର୍ଣ୍ଣାପାଲିରେ ଗତ ଶନିବାର ବିଳମ୍ବିତ ରାତିରେ ଟ୍ରକ ମଡ଼ାଇ ୨ ଭାଜପା ନେତାଙ୍କୁ ହତ୍ୟାର ୨ଦିନ ବିତିଥିଲେ ବି ଘଟଣାର ରହସ୍ୟ ଉନ୍ମୋଚିତ ହୋଇପାରିନାହିଁ। ତଦନ୍ତକୁ ଜୋରଦାର କରିବା ପାଇଁ ମଙ୍ଗଳବାର ଅଭିଯୁକ୍ତ ଟ୍ରକ ଚାଳକ ପ୍ରସନ୍ନ କୁମାର ଜେନାମଣି(୩୦)ଙ୍କୁ ବୁର୍ଲା ଥାନା ପୋଲିସ ତିନିଦିନିଆ ରିମାଣ୍ଡରେ ନେଇଛି। ଏହି ସମୟରେ ପୋଲିସ ହତ୍ୟା ପଛର ଅସଲ ଉଦ୍ଦେଶ୍ୟ ଜାଣିବାକୁ ଚେଷ୍ଟା କରିବ ବୋଲି ବୁର୍ଲା ଏସ୍‌ଡିପିଓ ଅମିତ ମହାନ୍ତି କହିଛନ୍ତି।

ଏସ୍‌ଡିପିଓ ମହାନ୍ତିଙ୍କ ସୂଚନା ଅନୁସାରେ ୨ଭାଜପା ନେତାଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଥିବା ଅଭିଯୋଗକୁ ଆଧାର କରି ବୁର୍ଲା ଥାନାରେ ଦଫା ୧୦୩(୧) ଓ ୧୦୯ରେ ଏକ ହତ୍ୟା ମାମଲା(ନଂ.୩/୨୫)ରୁଜୁ କରି ଅଭିଯୁକ୍ତ ଟ୍ରକଚାଳକ ଅନୁଗୋଳ ଜିଲା କିଶୋରନଗର ଥାନା ବଡ଼ିନାଳି ଗ୍ରାମର ପ୍ରସନ୍ନଙ୍କୁ ପୋଲିସ ସୋମବାର କୋର୍ଟଚାଲାଣ କରିଥିଲା। ତେବେ ଅଭିଯୁକ୍ତଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିଲା। ସେ ବାରମ୍ବାର ନିଜ ବୟାନ ବଦଳାଉଥିଲେ। ଏହି କାରଣରୁ ମଙ୍ଗଳବାର ସ୍ଥାନୀୟ ମଣ୍ଡଳ କାରାଗାରରୁ ତାଙ୍କୁ ଅଣାଯାଇ ସମ୍ବଲପୁର ଜେଏମ୍‌ଏଫ୍‌ସିରେ ହାଜର କରାଯାଇଥିଲା। ୭ଦିନିଆ ରିମାଣ୍ଡରେ ନେବାକୁ ପୋଲିସ ଆବେଦନ କରିଥିଲା। ହେଲେ ଅଦାଲତ ୩ ଦିନ ରିମାଣ୍ଡ ପାଇଁ ଅନୁମତି ଦେଇଥିଲେ। ରିମାଣ୍ଡ ମିଳିବା ପରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ଅଭିଯୁକ୍ତ ଚାଳକଙ୍କୁ ପଚରାଉଚରା ଆରମ୍ଭ କରିଛି ବୋଲି ଜଣାପଡ଼ିଛି। ତେବେ ଜେରା ବେଳେ ସେ ଘଟଣା ସମ୍ପର୍କରେ କ'ଣ କହିଲେ ଏ ସମ୍ପର୍କରେ ପୋଲିସ ସୂତ୍ରରୁ କୌଣସି ସୂଚନା ମିଳିନାହିଁ।

## ୯୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଅସ୍ତରଙ୍ଗ,୭।୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଖଣ୍ଡାସାହି-ତାଳଦା ପୋଲ ନିକଟରେ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ବିଶ୍ୱଜିତ୍ ସାହୁ। ତାଙ୍କଠାରୁ ପୋଲିସ ୯୭ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୯ ଲକ୍ଷ ୭୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ।

## ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

- ପରକୀୟା ପ୍ରୀତି ସନ୍ଦେହ
- ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ପରିବାର
- ମହିଳାଙ୍କ ସ୍ୱାମୀଙ୍କ ସହ ୪ ଅଟକ

କୋଡ଼ିଙ୍ଗା/ ପାପଡ଼ାହାଣ୍ଡି ନବରଙ୍ଗପୁର, ୭।୧, (ସମରେନ୍ଦ୍ର ପଟ୍ଟନାୟକ/ ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ପ୍ରହରାଜ)



ଅଧିକାରୀମାନେ ଡାକ୍ତରଖାନାରେ ମୃତକଙ୍କ ପରିବାରୀକୁ ବୁଝାଶୁଝା କରୁଛନ୍ତି।

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ବରୱାଡା ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରରେ ସଂଘବଦ୍ଧ ଆକ୍ରମଣ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଥାନା କେନ୍ଦୁଗୁଡ଼ା ଗ୍ରାମର ଉମାକାନ୍ତ ହରିଜନ (୩୦)। କୋଡ଼ିଙ୍ଗା ପୋଲିସ୍ କେସ୍ ନଂ. ୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପରକୀୟା ପ୍ରୀତିକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଥିବା କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର କହିଛନ୍ତି। ମହିଳାଙ୍କ ସ୍ୱାମୀଙ୍କ ସମେତ ୫ ଜଣଙ୍କୁ ପୋଲିସ ଅଟକ ରଖିଥିବା ସେ କହିଛନ୍ତି।

ଧାନ ମଳାଇବା ପାଇଁ ଶନିବାରଠାରୁ ଉମାକାନ୍ତ ବରୱାଡା ଗ୍ରାମକୁ ଯାଇଥିଲେ। ସୋମବାର ରାତ୍ରରେ ମୋବାଇଲ ଚାର୍ଜ କରିବାକୁ ସେ ଜଣଙ୍କ ଘରକୁ ଯାଇଥିଲେ। ପରକୀୟା ପ୍ରୀତି ସନ୍ଦେହ କରି ହଠାତ୍ ତାଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ପାହାନ୍ତିଆ ସମୟରେ ପରିବାର ଲୋକେ ଖବର ପାଇ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଂଘବଦ୍ଧ ଆକ୍ରମଣରେ ମୃତ୍ୟୁ ହୋଇଥିବା ନେଇ କୋଡ଼ିଙ୍ଗା ଥାନାରେ ମୃତକଙ୍କ ଭାଇ ଚଇନୁ ହରିଜନ ଏତଲା ଦେଇଥିଲେ। ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଉମାକାନ୍ତଙ୍କ ମୃତଦେହ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ କରାଇ ଦେବେନାହିଁ ବୋଲି ଜିଦ୍ କରିଥିଲେ। ଏହାକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ଦେଖାଦେଇଥିଲା। କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, ପାପଡ଼ାହାଣ୍ଡି ତହସିଲଦାର ତପନ ନାୟକ, ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ କୁମାର ଜେନା ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ନବରଙ୍ଗପୁରକୁ ପଠାଯାଇଥିଲା। ପ୍ରକାଶ ଯେ, ମୃତ ଉମାକାନ୍ତ ଏକ ମାସ ହେଲା ଉକ୍ତ ଅଞ୍ଚଳରେ ଟ୍ରାକ୍ଟର ଓ ଥ୍ରେସର ମେଶିନ ନେଇ ଧାନ ମଳାଉଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆରାଧ୍ୟା ସମାପିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସହିଦ ସ୍ପୋର୍ଟିଂ ଚାମ୍ପିୟନ


ଚାମ୍ପିୟନ ସହିଦ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**

ସିଦ୍ଧାନ୍ତ ସ୍ମାରକୀ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ସହିଦ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ସହିଦ ସ୍ପୋର୍ଟିଂ ୪ ଉଇକେଟରେ ପାରାମାଉଣ୍ଟକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪୦ ଓଭରରେ ୧୫୮ ରନରେ ଅଲ୍ଆଉଟ ହୋଇଥିଲା। ଦଳ ପକ୍ଷରୁ ସ୍ୱାଧୀନ ପରମାଣିକ ସର୍ବାଧିକ ୨୮ ରନ କରିଥିଲେ। ବିପକ୍ଷ ଦଳର ଋତୁରାଜ ମହାନ୍ତି ୪ଟି ଓ ଓମ୍ ପ୍ରକାଶ ନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୩୪.୩ ଓଭରରେ ୬ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରି ନେଇଥିଲା। ଋତୁରାଜ ମହାନ୍ତି ୭୦ ରନରେ ଅପରାଜିତ ରହି ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପାରାମାଉଣ୍ଟର ଆୟୁଷ ରାଉତ ୨ଟି ଉଇକେଟ ନେଇଥିଲେ। ଅଲ୍ରାଉଣ୍ଡ ପ୍ରଦର୍ଶନ ପାଇଁ ଋତୁରାଜ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଖେଳାଳି ଗୁରଜିତ ସିଂ ଫାଇନାଲ ମ୍ୟାଚର ଶୁଭାରମ୍ଭ କରିଥିଲେ। ଉଦ୍ଯାପନୀରେ ରଘୁନାଥ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମରେଶ ଜେନା, କେ. ଶାନ୍ତି, ସନ୍ତୋଷ ସିଂ, ଶ୍ରୀପତି ମିଶ୍ର, ଅଶୋକ ପାତ୍ର, ସନତ ଦାସ, ସଞ୍ଜୀବ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନରଅପ୍ ଦଳକୁ ୬୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସହିଦ ସ୍ପୋର୍ଟିଂର ଋତୁରାଜ ମହାନ୍ତି ପ୍ଲେୟର ଅଫ୍ ଦି ସିରିଜ ଓ ମହେଶ ପଣ୍ଡା ଶ୍ରେଷ୍ଠ ଉଇକେଟ କିପର, ପାରାମାଉଣ୍ଟର ଶୁଭମ୍ ପରିଡ଼ା ଶ୍ରେଷ୍ଠ ବୋଲର ଓ ଫିଲ୍ଡର ଏବଂ ଏଲଏଲସିସି କ୍ଲବର ଅନୁରାଗ ସାମନ୍ତରାୟ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ପାଇଥିଲେ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ଏଚ୍‌ପିସି ଖେଳାଳିଙ୍କ ସଫଳତା

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**

ନିକଟରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଅନୁଷ୍ଠିତ ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସଜେଏଫ୍ଆଇ) ୧୭ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ୭ ଖେଳାଳି ଓଡ଼ିଶା ଓ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରିଛନ୍ତି। ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ବାଳିକା ଦଳରେ ଏଚ୍‌ପିସିର ୫ ଖେଳାଳି ସାମିଲ ଥିଲେ। ସେମାନେ ହେଲେ ଭାଗ୍ୟଶ୍ରୀ ନାୟକ, ଆଶିକା କୁଜୁର, ଅର୍ଚ୍ଚନା ପ୍ରଧାନ, ରକ୍ତିମା ଭଣ୍ଡା ଓ ଲିସାରାଣୀ ରାଇତା। ସେହିପରି ରୌପ୍ୟ ପଦକ ହାସଲ କରିଥିବା ମହାରାଷ୍ଟ୍ର ଦଳରେ ଏଚ୍‌ପିସିର ଶରଦ ଘଟଗେ ଓ ଉଦୟ ପାଡାଲକର ଖେଳିଥିଲେ। ପାଡାଲକାର ଟୁର୍ନାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ। ଗତବର୍ଷ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଏଚ୍‌ପିସିର ୧୧ ଖେଳାଳି ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଓ ବାଳକ ଦଳ ରନରଅପ୍ ହୋଇଥିଲା।


ଓଡ଼ିଶା ଦଳ ସହ ଏଏମ୍/ଏନ୍ଏସ୍ ଇଣ୍ଡିଆ ଏଚ୍‌ପିସି ଖେଳାଳି।

# ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ବର୍ଜନ ଆହ୍ୱାନ

## ଚାମ୍ପିୟନ୍ସ ଟ୍ରଫି କ୍ରିକେଟ

**ଲଣ୍ଡନ, ୭।୧ (ଏପି)**

ଆସନ୍ତା ମାସରେ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚକୁ ବର୍ଜନ କରିବା ଉଚିତ ବୋଲି ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ରାଜନେତାମାନେ ଇଂଲଣ୍ଡ ଖେଳାଳିମାନଙ୍କୁ କହିଛନ୍ତି। ୟୁକେର ୧୬୦ରୁ ଊର୍ଦ୍ଧ୍ୱ ରାଜନେତା ଏକ ଚିଠିରେ ସ୍ୱାକ୍ଷର କରି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ନିକଟକୁ ପଠାଇଛନ୍ତି। ତାଲିବାନ ଶାସନରେ ଆଫଗାନିସ୍ତାନରେ ମହିଳାମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବା ସହ ଅତ୍ୟାଚାରିତ ହେଉଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ଫେବୃଆରୀ ୨୬ରେ ପାକିସ୍ତାନର ଲାହୋରଠାରେ ଆଫଗାନିସ୍ତାନ ବିପକ୍ଷ ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚକୁ ବର୍ଜନ କରିବ ଲାଗି ଇସିବି ଇଂଲଣ୍ଡ ଦଳକୁ ନିର୍ଦ୍ଦେଶ ଦେଉ ବୋଲି ଏହି ରାଜନେତାମାନେ ଚାହାନ୍ତି। ୨୦୨୧ରେ ତାଲିବାନମାନେ କ୍ଷମତାକୁ ଫେରିବା ପରେ ଦେଶର ମହିଳାମାନେ ଖେଳରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଏହାଦ୍ୱାରା ଆଫଗାନିସ୍ତାନ କ୍ରିକେଟ ବୋର୍ଡ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିୟମର ଉଲ୍ଲଂଘନ କରୁଛି। ଏହା ସତ୍ତ୍ୱେ ଆଇସିସି ଆଫଗାନିସ୍ତାନ ପୁରୁଷ ଦଳକୁ ପ୍ରତିଯୋଗିତାରେ ଭାଗ ନେବାଲାଗି କିପରି ଅନୁମତି ଦେଉଛି ବୋଲି ଏହି ରାଜନେତାମାନେ ପ୍ରଶ୍ନ କରିଛନ୍ତି।

# ଶ୍ରୀନିବାସ ଏଏଫ୍ଆଇର ଯୁଗ୍ମ ସମ୍ପାଦକ

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**



ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ)ର ବାର୍ଷିକ ସାଧାରଣ ବୈଠକ ମଙ୍ଗଳବାର ଚଣ୍ଡିଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୦୨୯ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଓଡ଼ିଶା ଆଥ୍ଲେଟିକ୍ସ ଆସୋସିଏଶନ ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ନିର୍ବିବାଦରେ ଏଏଫ୍ଆଇର ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେ ୨୦୨୧-୨୦୨୫ ପାଇଁ ଏଏଫ୍ଆଇର ସହଯୋଗୀ ଉପସଭାପତି ଥିଲେ। ଓଡ଼ିଶା ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଅଭିଜିତ ପାଲ୍, କଟକ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଶ୍ରୀନିବାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ

**ନୂଆଦିଲ୍ଲୀ, ୭।୧(ପି.ଟି.):** ୟୋନେକ୍ସ ସନରାଇଜ ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଜାନୁଆରୀ ୧୪ରୁ ଆରମ୍ଭ ହେବ। ମ୍ୟାଚ୍‌ଗୁଡ଼ିକ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ରେକର୍ଡ ସଂଖ୍ୟକ ଖେଳାଳି ଭାଗ ନେଉଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସନ, ଆନ୍ ସେ ୟଙ୍ଗ ଏବଂ ବିଶ୍ୱର ନମ୍ବର ୱାନ ଶି ୟୁକିଙ୍କ ଭଳି ଟପ୍ ଷ୍ଟାର ଖେଳାଳିଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖିବାକୁ ମିଳିବ। ଏକ୍ସେଲସନ ହେଉଛନ୍ତି ୨୦୨୩ ଫାଇନାଲିଷ୍ଟ। ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଇଭେଣ୍ଟରେ ଭାଗ ନେଉଥିବା ଭାରତୀୟଙ୍କ ମଧ୍ୟରୁ ୩ ପୁରୁଷ ସିଙ୍ଗଲ୍ସ, ୪ ମହିଳା ସିଙ୍ଗଲ୍ସ, ଦୁଇ ପୁରୁଷ ଡବଲ୍ସ, ୮ ମହିଳା ଡବଲ୍ସ ଏବଂ ୪ ମିକ୍ସଡ ଡବଲ୍ସରେ ଭାଗନେବେ। ଚାମ୍ପିୟନଙ୍କ ଲାଗି ୧୧,୦୦୦ ର୍ୟାଙ୍କିଙ୍ଗ ପଏଣ୍ଟର ବ୍ୟବସ୍ଥା ରହିଛି।




## ଆନ୍ତଃସ୍କୁଲ କ୍ରିକେଟ

# ସେଣ୍ଟ ଜାଭିୟର, କିସ୍ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**

ଭେଟେରାନ୍ସ କ୍ରିକେଟ ଆସୋସିଏଶନ (ଭିସିଏ) ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ୨୧ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ମ୍ୟାଚରେ ଯଥାକ୍ରମେ ସେଣ୍ଟ ଜାଭିୟର ଖଣ୍ଡଗିରି ଓ କିସ୍ ସ୍କୁଲ ବିଜୟ ହାସଲ କରିଛନ୍ତି। ଦିବସର ପ୍ରଥମ ମ୍ୟାଚରେ ଜାଭିୟର ୧୯.୩ ଓଭରରେ ୮୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଡିଏଭି-୮ ୧୫.୪ ଓଭରରେ ୪୩ ରନକରି ଅଲ୍ଆଉଟ ହୋଇଯାଇଥିଲା। ୩୬ ବଲ୍‌ରୁ ୩୮ ରନ କରିଥିବା ବିଜୟୀ ଦଳର ଆୟାନ ନାଏକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚରେ କିସ୍ ୪୭ ରନରେ ସେଣ୍ଟ ଜାଭିୟର କେଦାରଗୌରୀକୁ ପରାସ୍ତ କରିଛି। କିସ୍ ୨୧ ଓଭରରେ ୫ ଉଇକେଟ ହରାଇ ୧୦୪ ରନ କରିଥିଲା। ଦଳ ପକ୍ଷରୁ ଓଁକାର ତ୍ରିପାଠୀ ସର୍ବାଧିକ ୩୮ ରନ କରିଥିଲେ। ଜବାବରେ ଜାଭିୟର କେଦାରଗୌରୀ ୨୧ ଓଭରରେ ୯ ଉଇକେଟ ହରାଇ ୫୮ ରନ କରି ପାରିଥିଲା। କିସ୍‌ର ଅର୍ଜୁନ ମୁର୍ମୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭିସିଏ ଉପସଭାପତି ବଳଭଦ୍ର ପଟ୍ଟନାୟକ ଉଭୟ ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଜାତୀୟ ବିଚ୍ ହ୍ୟାଣ୍ଡବଲରେ ଭାଗନେବ ଓଡ଼ିଶା


ଜାତୀୟ ବିଚ୍ ହ୍ୟାଣ୍ଡବଲ୍ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**

ଚଳିତମାସ ୧୦ରୁ ୧୩ ପର୍ଯ୍ୟନ୍ତ ଜାତୀୟ ପୁରୁଷ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତା ଗୁଆହାଟୀରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ସିଭେନ୍ଦୁ କୁମାର ଦାସ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ଆୟାଂଶୁ ଦାସ, ଅଂଶୁମାନ ଦାସ, ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ଅଭିଷେକ ପରିଡା, ଏନ. ଆଦିତ୍ୟ ରେଡ୍ଡୀ, ଜୀତେଶ ଜେନା, ରୀତିକ ହୋ, ରାଜାରାମ ପଣ୍ଡା ଓ ଗୌରୀ ଶଙ୍କର ଜେନା। ଓଡ଼ିଶା ଦଳ ସହ କୋଚ ରଶ୍ମି ରଞ୍ଜନ ତ୍ରିପାଠୀ, ମ୍ୟାନେଜର ସତ୍ୟଜିତ ଦାସ ଦଳ ସହ ଗୁଆହାଟୀ ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏଚ୍‌ପିସିଓ ସିଇଓ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଏସ୍‌ଡି ଧୀରଜ ପଟ୍ଟନାୟକ, ଓଡ଼ିଶା ରାଜ୍ୟ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଜାତୀୟ ରେଫରି ପ୍ରଣୟ କୁମାର ପାଣି, କୋଚ ଗୌରୀ ଶଙ୍କର ମିଶ୍ର, ରବୀନ୍ଦ୍ର କୁମାର ବାରିକ ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି।

# ମାଲେସିଆ ଓପନ: ତ୍ରିସା-ଗାୟତ୍ରୀ ପ୍ରି-କ୍ୱାର୍ଟରରେ

**କୁଆଲାଲମ୍ପୁର, ୭।୧ (ପି.ଟି.)**

ଭାରତର ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ସହଜ ବିଜୟ ସହ ଏଠାରେ ଚାଲିଥିବା ମାଲେସିଆ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଓପନିଂ ରାଉଣ୍ଡରେ ସେମାନେ ଥାଇଲାଣ୍ଡର ଓର୍ନିଚା ଜଙ୍ଗସାଥାପର୍ନାପର୍ନ ଓ ସୁକିତା ସୁୱାଚାଇଙ୍କୁ ହରାଇ ଦେଇଛନ୍ତି। ଏଠାରେ ୬ଷ୍ଠ ସିଡ୍ ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ମାତ୍ର ୩ ମିନିଟରେ ୨୧-୧୯, ୨୧-୧୦ ଗେମ୍‌ରେ ହାରିଯାଇଥିଲେ। ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରତିଯୋଗିତାରେ ଭଲ ଫଳ ଆଶା ରଖିଛନ୍ତି। ୧.୪୫ ନିୟୁତ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ସିଜନ ଆରମ୍ଭ ଇଭେଣ୍ଟରେ ଲକ୍ଷ୍ୟ ସେନ୍ ଓ ଏଚ୍.ଏସ୍. ପ୍ରଣୟ ଚାମ୍ପିୟନଶିପ୍‌ରେ ଭଲ ଫଳ ଆଶା କରୁଛନ୍ତି।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

ମନସ୍ୱିନୀ ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର ସକାରାତ୍ମକ। ଅବୁଝାରେ ନସରୁ ଜୀବନ। 9437593214. D-2511

## GROOM WANTED

Beautiful Khandayat Girl 1997. 5'5" B.Tech serving Software Engineer MNC, Bangalore - Sunasansar. 9937512659. D-76229


REAL ESTATE

## SALE

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512. D-2509

1600sqft. land କିଣନ୍ତୁ, ପାଆନ୍ତୁ, 3gram Gold ଫ୍ରି, registration ମାଗଣା, 3lakh ଫେରସ୍ତ। 8249533255. D-71080

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399. D-2494

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769. D-2373




Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

Newly open Spa Health benefits relax refresh good therapist. 9040286886 D-76185

Newly open health benefits spa by experience lady therapist. 8117972440. D-76182

Newly open health benefits spa special offer @799, Bapujinagar, 8018429809. D-76183

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

Newly open Jyoti Spa Positively Health benefits (Expert Therapist). 8458067955 D-76184

## EDUCATION

ଘରେ ରହି Online Class କରିବାକୁ ଚାହୁଁଛନ୍ତି କି? Std 1-7 CBSE Odia ଯୋଗାଯୋଗ- 7735223768. D-74322

## AFFIDAVIT

By virtue of affidavit before Notary Public, dtd. 05 Jan 2025, Dinesh Sahu, C/o- Bimbadhar Sahu, At- Buguda, Buguda, Ganjam, Odisha to change my name Dinesh Sahu to Bideshi Kumar Sahu for all purposes. D-2508

By virtue of an affidavit sworn before the Notary Public, Cuttack, dated 12.12.2024, I, Tuni Patra, D/o- Punananda Swain, W/o- Bashant Patra of At- Kesharpur, Uchha sahi, P.O.- Buxi Bazar, P.S.- Mangalabag, Dist.- Cuttack declare that I have changed my name/ surname from Sumitra Patra to Tuni Patra. Henceforth I shall be known as Tuni Patra for all purposes. D-2513

I, Jibardhan Lohar, S/o- Chamara Lohar resident of College Road, Ward No.- 3, Bargarh, P/O & Dist.- Bargarh changed my name from Chowdhury Jeevanlal Singh as per the affidavit sworn before the Executive Magistrate, Bargarh on 06.12.2024 (C.F. No.- 962).
Jibardhan Lohar
D- 2512

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ଁଶିତଲ ଶତପଥୀ
ବାସସ୍ଥାନ: ପ୍ରତାପଶାସନ, ବାଳକାଟି
ଆବିର୍ଭାବ: ୦୬।୦୩।୧୯୭୯
ତିରୋଧାନ: ୨୯।୧୨।୨୦୨୪
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମମାନଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: ଅଜିତ ଶତପଥି, ପୁତ୍ର: ଶୁଭମ, କନ୍ୟା: ଅନ୍ନପୂର୍ଣ୍ଣା, ଦୁର୍ଗାପ୍ରସାଦ, ରଶ୍ମିତା, ପ୍ରିୟଙ୍କା, ସିବାଂଶୁ, ବନ୍ଧୁ ଓ ପରିବାରବର୍ଗ।
ଧ-୨୫୧୦

# ଡାଲିଜାତୀୟ ଫସଲରେ ସାର ପ୍ରୟୋଗ



ଏକ କି.ଗ୍ରା. ଡାଲିଜାତୀୟ ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଆଖୁ ୪୫ଦିନର ହୋଇଥିଲେ...



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କିଗ୍ରା ୟୁରିଆ ସହିତ ୨୦କି.ଗ୍ରା. ନିମ୍ବପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହିତ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ଚିନାବାଦାମରେ କୋଡ଼ାଖୁସା



ଚିନାବାଦାମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି.(୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।

# ଗହମରେ କାଳିଗୁଣ୍ଡି ପୋକ ପରିଚାଳନା

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



## ଏ ମାସର କୃଷି ସୂଚନା

# ଖରିଫ ଧାନ ସଂରକ୍ଷଣ



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ଏକ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

**ସୋରିଷ:** ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୂର୍ଯ୍ୟମୁଖୀ:** ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**କୋବି :** କୋବି ଜାତୀୟ ଫସଲରେ ପତ୍ର ବିନ୍ଧାପୋକ, ଠିକିରି ପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲ କୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ। କିସମ - ସ୍ନୋବଲ୍, ସ୍ନୋବଲ୍-୧୬ ।

**ଶାଗ :** ଶୀତଦିନିଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ ।

**ଆଖୁ :** ଛଅରୁ ଆଠ ମାସ ହୋଇଥିବା ଆଖୁକୁ ବିହନ ରୂପେ ବ୍ୟବହାର କରନ୍ତୁ। ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ହେକ୍ଟର ପିଛା ୭୫ ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ । ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ । ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ୧୨ ରୁ ୨୪ ଘଣ୍ଟା ବୁଡ଼ାଇଲେ ଭଲ ଗଜା ବାହାରେ। ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

**ତରଭୁଜ :** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଉନ୍ନତ କିସମ-ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ଶଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍ ।

**ଆମ୍ବ :** ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ । ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

**ଲିଚୁ ଓ ସପେଟା :** ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

**ଫୁଲ :** ଖରାଟିଆ ଫୁଲ ଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ଗୋପାଳନ:** ଗାଈମାନଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁ ଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ଚର୍ମବିଣ୍ଡି ରୋଗ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଗାଈକୁ ଚରାଇବାକୁ ଛାଡ଼ନ୍ତୁ ନାହିଁ ଏବଂ ସୁସ୍ଥ ପଶୁଙ୍କଠାରୁ ଦୂରରେ ରଖନ୍ତୁ।

**ଛେଳି ପାଳନ:** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**କୁକୁଡ଼ା ପାଳନ:** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ମତ୍ସ୍ୟଚାଷ:** ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହିତ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା
କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର -୩

# ଆମ୍ବ ବଉଳର ଯତ୍ନ

ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ । ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ



ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

# ପ୍ରାଣୀଙ୍କ ଯତ୍ନ

ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ.ଏମ୍.ଡି ଭାକ୍ସିନ୍ ଓ ଛେଳିଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କ ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।





# କଦଳୀର ରୋଗ ପୋକ ନିୟନ୍ତ୍ରଣର ସହଜ ଉପାୟ

କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛମୂଳରେ ୩୦ଗ୍ରାମ୍ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଆଳୁ ଅମଳ ପୂର୍ବରୁ...

ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ଆଳୁ କିଆରିରେ ପାଣି ମଡାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଅମଳର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ମାଙ୍କୋଜେବ୍ (୬୩%)ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ। ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ x ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।



ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୮/୨୦୨୫ Bhubaneswar, Wednesday, January 8/ 2025




# କଳିଙ୍ଗ ଲାନ୍ସର୍ସର ବୃହତ୍ ବିଜୟ

**ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବୃହତ୍ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଭିତ୍ତିକ ଏହି ଦଳ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସକୁ ୬-୦ ଗୋଲରେ ପରାସ୍ତ କରିଛି। ଲାନ୍ସର୍ସ ଏହାର ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ୟୁପି ରୁଦ୍ରାସଠାରୁ ୧-୩, ତାମିଲନାଡୁ ଡ୍ରାଗନ୍ସଠାରୁ ଶୁଟ୍‌ଆଉଟ ୫-୬ ଓ ସୁର୍ମା ହକି କ୍ଲବ ନିକଟରୁ ୩-୪ ଗୋଲରେ ହାରି ଥିବାବେଳେ ଏହାଥିଲା ପ୍ରଥମ ବିଜୟ। ଅନ୍ୟ ପକ୍ଷରେ କ୍ରମାଗତ ୩ ବିଜୟ ପରେ ବେଙ୍ଗଲ ଟାଇଗର୍ସ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ଦଳର ବିଜୟରେ ବ୍ରେକ୍ ଲଗାଇଛି କଳିଙ୍ଗ ଲାନ୍ସର୍ସ।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କଳିଙ୍ଗ ଲାନ୍ସର୍ସ ପକ୍ଷରୁ ୩ୟ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ ଥିଏରି ବ୍ରିଙ୍କମାନ। ୪ର୍ଥ ମିନିଟରେ ସଞ୍ଜୟ ଏବଂ ୬ଷ୍ଠ ମିନିଟରେ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଲାନ୍ସର୍ସର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇ ଦେଇଥିଲେ। ୨୯ତମ ମିନିଟରେ ନିକୋଲାସ ବନ୍ଧୁରାକଙ୍କ ଗୋଲ ସହାୟତାରେ ଓଡ଼ିଶା ଦଳ ପ୍ରଥମାର୍ଦ୍ଧ ଶେଷ ବେଳକୁ ୪-୦ରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇ ନ ଥିଲା। ୪ର୍ଥ କ୍ୱାର୍ଟରରେ ପୁଣି ଆକ୍ରମଣ କରି ସଫଳ ରହିଥିଲା ଲାନ୍ସର୍ସ। ୪୭ତମ ମିନିଟରେ ବ୍ରିଙ୍କମାନ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିବାବେଳେ ୪୯ତମ ମିନିଟରେ ବବି ସିଂ ଧାମି ଗୋଲ କରିବାରୁ ଦଳର ଅଗ୍ରଣୀ ବ୍ୟବଧାନ ୬-୦ ହୋଇ ଯାଇଥିଲା। ଏହି ମ୍ୟାଚରେ କଳିଙ୍ଗ ଲାନ୍ସର୍ସ ୨ଟି ପେନାଲ୍ଟି କର୍ନର ଏବଂ ୪ଟି ଫିଲ୍ଡ ଗୋଲ ଦେଇଥିଲା।


ମ୍ୟାଚ୍ ବିଜୟ ପରେ ଉଲ୍ଲସିତ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ଖେଳାଳିମାନେ।

## ପାକିସ୍ତାନକୁ ଜରିମାନା

ଦୁବାଇ, ୭।୧ (ଏପି)

ନ୍ୟୁଜିଲାଣ୍ଡଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନକୁ ସେମାନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ୫ପଏଣ୍ଟ କାଟ୍ କରାଯାଇଛି। ଦ୍ୱିତୀୟ ଟେଷ୍ଟ ୪ ଦିନରେ ଶେଷ ହେବା ଏବଂ ଏଥିରେ ୧୦ ଉଇକେଟରେ ବିଜୟ ସହ ପାକିସ୍ତାନ ବିପକ୍ଷରେ ୨-୦ରେ ସିରିଜ ବିଜୟ ଦ୍ୱାରା ଦକ୍ଷିଣ ଆଫ୍ରିକା ଜୁନ୍‌ରେ ଲର୍ଡ୍ସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଡବ୍ଲୁଟିସି ଫାଇନାଲ ଖେଳିବ ଦକ୍ଷିଣ ଆଫ୍ରିକା। ବୋଲିଂ ବେଳେ ପାକିସ୍ତାନ ଟାର୍ଗେଟଠାରୁ ୫ ଓଭର ପଛରେ ରହି ଯାଇଥିଲା। ମ୍ୟାଚ ରେଫରି ଏଥିପାଇଁ ଦଣ୍ଡବିଧାନ କରିଥିବା ଆଇସିସି କହିଛି। ଆଇସିସି ଆଚରଣ ସଂହିତା ଅନୁସାରେ ଯଦି କୌଣସି ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ବୋଲିଂ ଶେଷ କରିବାରେ ବିଫଳ ରୁହେ ତେବେ ସେହି ଦଳର ଖେଳାଳିମାନଙ୍କୁ ଓଭର ପିଛା ସେମାନଙ୍କ ମ୍ୟାଚ୍ ଫି'ର ୫ ପ୍ରତିଶତ ଜରିମାନା ହେବ। ଏହି ଦଳକୁ ଆହୁରି ମଧ୍ୟ ଯେତେ ଓଭର କମ୍ ରହିଥିବ ଓଭର ପିଛା ଗୋଟିଏ ଲେଖାଏଁ ଡବ୍ଲୁଟିସି ପଏଣ୍ଟ କଟିବ।

# ପୁରସ୍କାର ଦୌଡ଼ରେ ଯଶପ୍ରୀତ ବୁମ୍‌ରା

ଦୁବାଇ, ୭।୧ (ପି.ଟି.)

ଭାରତର ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ନାମ ମଙ୍ଗଳବାର ଆଇସିସି (ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ) ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ସୁପାରିସ ହୋଇଛି। ନିକଟରେ ଶେଷ ହୋଇଥିବା ବର୍ଡର-ଗାଭାସ୍କର ଟ୍ରଫିରେ ତାଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ଡିସେମ୍ବର ମାସରେ ବୁମ୍‌ରା

**ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍**

ତିନୋଟି ଟେଷ୍ଟ ଖେଳି ୧୪.୨୨ ଆଭରେଜରେ ୨୨ ଉଇକେଟ ଅକ୍ତିଆର କରିଥିଲେ। ୩୧ବର୍ଷୀୟ ବୋଲର ୫ଟି ଟେଷ୍ଟରେ ଓଭର ଅଲ୍ ୩୨ ଉଇକେଟ ଅକ୍ତିଆର କରିଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ବୁମ୍‌ରା ଦୁର୍ଭାଗ୍ୟଜନକ ଭାବେ ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ବୋଲିଂ କରି ନ ଥିଲେ। ଉଭୟ ବ୍ରିସ୍‌ବେନ ଓ ମେଲବୋର୍ନ ଟେଷ୍ଟରେ ଚମତ୍କାର ବୋଲିଂ ସହ ୯ ଉଇକେଟ ଅକ୍ତିଆର କରି ଭାରତକୁ ପ୍ରତିଯୋଗିତାରେ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ପୁରସ୍କାର ପାଇଁ ବୁମ୍‌ରାଙ୍କ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ଦକ୍ଷିଣ ଆଫ୍ରିକୀୟ ସିମର ଡେନ୍ ପାଟରସନ। ଭାରତ ବିପକ୍ଷରେ ଅଷ୍ଟ୍ରେଲିଆକୁ ୩-୧ ସିରିଜ ବିଜୟୀ କରାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପେସ୍ ବୋଲର କୁମିନ୍ସ ଏବେ ଭଲ ଫର୍ମରେ ଅଛନ୍ତି। ଭାରତ ବିପକ୍ଷ ୩ ଟେଷ୍ଟରେ ୧୭.୬୪ ଆଭରେଜରେ ସେ ୧୭ ଉଇକେଟ ଅକ୍ତିଆର କରିଛନ୍ତି। ସିରିଜରେ ଆଡିଲେଡ୍‌ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ସେ ୫୭ରନ ବିନିମୟରେ ୫ ଉଇକେଟ ନେଇଥିଲେ, ଯାହାଫଳରେ ଆୟୋଜକ ଦଳ ୧୦ଉଇକେଟରେ ବିଜୟ ଲାଭ କରିଥିଲା। ମେଲବୋର୍ନଠାରେ କୁମିନ୍ସଙ୍କ ବ୍ୟାଟିଂ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୪୯ ଓ ୪୧ ରନ କରିଥିଲେ। ଅନ୍ୟପକ୍ଷରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ସଫଳ ଅଭିଯାନରେ ପାଟରସନଙ୍କ ବୋଲିଂର ବଡ଼ ଭୂମିକା ରହିଥିଲା। ସେ ଦୁଇଟି ଟେଷ୍ଟରେ ୧୬.୯୨ ଆଭରେଜରେ ୧୩ ଉଇକେଟ ନେଇଥିଲେ। ଏଥିସହିତ ଦଳ ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିପାରିଛି।



72198 21111 | BAJAJ SECURE • AMC • ROAD SIDE ASSISTANCE
ନିୟମ ଓ ଶର୍ତ୍ତ ପ୍ରଯୁଜ୍ୟ। ଏକ୍ସ-ଶୋରୁମ୍ ମୂଲ୍ୟ ଉଲ୍ଲେଖ ହୋଇଛି ବିଶେଷ ପଲ୍ସର୍ ମଡେଲର ଆରମ୍ଭ ମୂଲ୍ୟ। ବଜାଜ୍ ଅଟୋକୁ କୌଣସି ପ୍ରସ୍ତାବ ଓ ମୂଲ୍ୟ ପୂର୍ବ ସୂଚନା ବିନା ପ୍ରତ୍ୟାହାର/ସଂଶୋଧନ କରିବାର ଅଧିକାର ଅଛି, ଯାହା ମଡେଲ ଓ ରାଜ୍ୟ ଅନୁସାରେ ପରିବର୍ତ୍ତିତ ହୋଇପାରେ। AMC ନିର୍ବାଚିତ ମଡେଲ ଓ ନିର୍ଦ୍ଦିଷ୍ଟ ରାଜ୍ୟରେ ଉପଲବ୍ଧ। ଅଧିକ ତଥ୍ୟ ପାଇଁ, ଦୟାକରି ଆପଣଙ୍କ ନିକଟତମ ବଜାଜ୍ ଡିଲର ସହିତ ଯୋଗାଯୋଗ କରନ୍ତୁ। ରୋଡସାଇଡ୍ ଅସିଷ୍ଟେନ୍ସ ଥର୍ଡ ପାର୍ଟି ସେବା ଦାତାମାନଙ୍କ ଦ୍ୱାରା ଦିଆଯାଏ ଏବଂ ସେମାନଙ୍କର ନିୟମ ଓ ଶର୍ତ୍ତ ପ୍ରଯୁଜ୍ୟ। ଇ-କମର୍ସ ପ୍ଲାଟଫର୍ମଗୁଡ଼ିକରେ ଥିବା ପ୍ରସ୍ତାବ ସେମାନଙ୍କର ନିଜସ୍ୱ ନିୟମ ଓ ଶର୍ତ୍ତ ପ୍ରଯୁଜ୍ୟ।

**Authorised Dealers For Bajaj Auto Ltd.:** Bhubaneswar Lewis Rd MSB Bajaj 7381088720 • Nayapalli Bharat Bajaj 7064406721 • Patia Bharat Bajaj 7381099444 • Rasulgarh Bharat Bajaj 9124717803 • Phulnakhara Bharat Bajaj 9124717805 • Charichak MSB Bajaj 8018881850 • Banki MSB Bajaj 9348819293 • Balugaon Bharat Bajaj 7381099441 • Puri MSB Bajaj 7077735752 • Pipili MSB Bajaj 7077735755 • Cuttack Badambadi Suraj Bajaj 8093066603 • Shikharpur Rashmi Bajaj 9237379210, 9237379211 • Rahama Maitree Bajaj 9668801781 • Chandikhole Tarini Bajaj 9937310800 • Pattamundai Maitree Bajaj 7064987720 • Kendrapara Tarini Bajaj 8338944471 • Nayagarh MSB Bajaj 7790048130 • Rajsunakhala MSB Bajaj 9668820967 • Daspalla MSB Bajaj 7873925390 • Phulbani MSB Bajaj 8917341979. **Authorised Service Centre:** Balianta 7978570067 • Balipatna 9861061389 • Khurda 9937785586 • Jatni 8339062656 • Ersama 8018800801 • Jagamara 9777042612 • Sundarpada 9777042612 • Nimapada 9437030368 • Kakatpur 9776125534 • Tangi (Khurda) 8984562569, 9853942290 • Niali 9437511829 • Salepur 9040452661 • Jagatsinghpur 9437273939 • Balikuda 7894426299 • Athgarh 9937289417 • Bidharpur 7008503281 • Banki 7978336450 • Rambha 7381099445 • Bhuban 9438570111, 9583574510 • Rasol 9938656276, 9937513419 • Kamakhayanagar 9437079287 • Narsinghpur 7978288573 • Badamba 9937643504 • Adaspur 9439735529 • Nischintakoili 8917622159.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ